ମସୀଜୀବୀର ଡାଏରୀ

ଲମ୍ବୋଦର ପ୍ରସାଦ ଦାଶ

ଓମ୍ ପ୍ରକାଶନ
ମର୍କତ ନଗର, ସିଡିଏ, କଟକ -୧୪

ମସୀଜୀବୀର ଡାଏରୀ

ଗାଳ୍ପିକ : ଲମ୍ବୋଦର ପ୍ରସାଦ ଦାଶ

ପ୍ରକାଶକ :
ଓମ୍ ପ୍ରକାଶନ
ମର୍କତ ନଗର, ସିଡିଏ, କଟକ -୧୪
ଫୋନ : ୯୪୩୯୭୬୬୩୭୨

ମୁଦ୍ରଣ : କ୍ରିଏଟିଭ୍, ବାଦାମବାଡି, କଟକ -୧୨
ମୂଲ୍ୟ : ୫୦ ଟଙ୍କା
ପ୍ରଥମ ପ୍ରକାଶ : ମହାବିଷୁବ ସଂକ୍ରାନ୍ତି, ୨୦୧୩ ମସିହା

MASIJIBI RA DIARY

Lambodar Prasad Dash

Publisher :
OMM Prakashan
Markat Nagar, CDA, Cuttack -14, Ph : 9439766372

Printed at : CRAETIVE, Badambadi, Cuttack -12

1st Edition : Mahabishuba Sankranti, 2013

Price : 50/-

କାଇଁକି ଲେଖିଲି ?

ତାରିଖଟା ଠିକ୍ ମନେପଡୁନି । ୧୯୯୪ ମାର୍ଚ୍ଚ-ଏପ୍ରିଲ୍ ମାସର କଥା । ମୁଁ ସାମ୍ବାଦିକ ହେବା ପୂର୍ବରୁ କ'ଣ ହେବାର କିଛି ଦିନ ପର୍ଯ୍ୟନ୍ତ ଏଇଟା ଯେ ଗୋଟେ ବୃତ୍ତି ତା' ମୁଁ ଜାଣିନଥିଲି । କିନ୍ତୁ, ଏଇଆ ଜାଣିଥିଲି, ଯେଉଁମାନେ ଭଲ ପଢ଼ାପଢ଼ି କରନ୍ତି, ଭଲ ଜ୍ଞାନଥାଏ ସେମାନେ ସାମ୍ବାଦିକ ହୋଇଥାନ୍ତି । ସେମିତି ବି ସାମ୍ବାଦିକ ହେଲେ କିଛି ଗୋଟେ କରି ପକାଇବି ବୋଲି ମୋର ଧାରଣା ଥିଲା । ଏଭଳି ସମୟରେ ଯେଉଁ ଚିଠିଟା ପାଇଲି ତାକୁ ଭଲ ଭାବେ ପଢିବା କଥା ମୁଣ୍ଡରେ ଢୁକି ନଥିଲା । ତେବେ ମୋର ଇଚ୍ଛା ପୂରଣ ହେବାକୁ ଯାଉଛି ବୋଲି ଖୁସିରେ ଡିଆଁ ମାରିଲି । ମୋର ସାଙ୍ଗମାନେ ସେତେବେଳକୁ ପ୍ଲସ୍ ଟୁ ପାସ୍ ହୋଇ ଡିଗ୍ରି ପଢୁଥିଲେ । ମୁଁ ଆଉ ପାଠ ନପଢ଼ି ଟଙ୍କାପଇସା ଅର୍ଜିବି ବୋଲି ସ୍ଥିର କରିନେଇଥିଲି । ଏଣୁ, ଯେତେ କଷ୍ଟ ହେଉ ପଛକେ ସାମ୍ବାଦିକ ହୋଇ ଟଙ୍କା-କ୍ଷମତା ସବୁ ଅର୍ଜିବି ବୋଲି ଯୋଜନା କରିଥିଲି । ଚିଠିଟା ଆସିଥିଲା ନିଯୁକ୍ତି ଖବରରୁ । ସେଥିରେ ଆଉ କ'ଣ ଲେଖାଥିଲା ମନେନାହିଁ, କିନ୍ତୁ ଗୋଟିଏ ଧାଡ଼ି ମନେଅଛି ବଡ଼ ବଡ଼ ଅକ୍ଷରରେ ଲେଖାଥିଲା 'ମାସକୁ ୧୦୦୦ଟଙ୍କା ପାଆନ୍ତୁ' । ସେଇଟା ପତ୍ରିକା କି ଦୈନିକ ଜାଣି ନଥିଲି । ନୂଆରେ ବାହରିବ କି ବାହାରୁଥିଲା ଜାଣି ନଥିଲି । ସେଥିରେ କ'ଣ ବାହାରେ ସେକଥା ବି ଜାଣି ନଥିଲି । କାରଣ ପାରଳାଖେମୁଣ୍ଡିରେ ୪-୫ଟା ଖବରକାଗଜ ଆସୁଥିଲା- ସମାଜ, ପ୍ରଜାତନ୍ତ୍ର ସହ ସମ୍ବାଦ, ସମୟ, ଧରିତ୍ରୀ । ହଁ ! ଇଂରାଜି ଇଣ୍ଡିଆନ୍ ଏକ୍ସପ୍ରେସ, ପାୟୋନିର୍ ଆଉ ହିନ୍ଦୁ ଦୁଇ ତିନି ଦିନକୁ ଥରେ ଆସେ ।

ମୋ'ର ସାମ୍ବାଦିକ ମାର୍କା ବାଜିବା ପୂର୍ବର କଥାଟିକେ କହିବି । ବେଶି ଲମ୍ବାଇବି ନାହିଁ । ମୋର ଛୋଟପିଲାବେଳୁ ଲେଖାପଢ଼ାରେ ବେସ୍ ଝୁଙ୍କଥିଲା । ମୁଁ ମୋର ସମସ୍କନ୍ଧ ସାଙ୍ଗସାଥୀଙ୍କଠାରୁ ଟିକେ ଏସବୁଥିରେ ଆଗୁଆ ଥିଲି । ଏଥିପାଇଁ ମୁଁ ସାତ କ୍ଲାସ ବୃତ୍ତି ପାଇବାବେଳେ ନନା (ମୋ ବାପା)ମୋତେ କିଛି ପୁରୁଣା ବହି ଦେଇଥିଲେ । ସେଇ ବହିଗୁଡ଼ାକ ଥିଲା- କମ୍ୟୁନିଜମ୍ କ'ଣ, ସମାଜବାଦ କାହିଁକି, ଲେନିନ୍, ଷ୍ଟାଲିନ୍, ଛୋଟ ଲାଲ କିତାବ, ପୁଂଜିବାଦକୁ ବିରୋଧ କର ଇତ୍ୟାଦି । ଏହାଛଡ଼ା ସୋଭିଏଟ୍ ରୁଷ୍ ବୋଲି ପୁରୁଣା ରଙ୍ଗବେରଙ୍ଗ ମାଗାଜିନ୍ ୧୦-୧୫ଟା । ମୋ ନନା ସବୁବେଳେ ପାଠାଗାର ଯାଉଥିଲେ । ରେଡିଓରେ ବିବିସି, ସିଲୋନ୍ ଶୁଣୁଥିଲେ । ଛାତିରେ ରେଡିଓ ରଖି ରାତି

୯ଟା ଖବର ଶୁଣିବା ପରେ ଯାଇ ତାଙ୍କ ନିଦ ହୁଏ । ତାଙ୍କ ସହ ପାଠାଗାର ଯାଇ ସେ ଖବରକାଗଜ ପଢ଼ିବା ବେଳେ ମୁଁ ନିଆଁଖୁଣ୍ଟା, ବାରୁଦ, ଚଡ୍ଢୁକାଠିର ପୃଷ୍ଠା ଓଲଟାଉଥିଲି । ପଢ଼ି କିଛି ବୁଝୁଥିଲି, ଅନେକ ବୁଝିପାରୁ ନଥିଲି । କିନ୍ତୁ ବିଲୁଆ ନନାର ପଦ ଘୋଷି ସ୍କୁଲରେ ସାଙ୍ଗମାନଙ୍କୁ କହୁଥିଲି । ଏହା ସହ 'ସମାଜ'ର ଝିଟିପିଟି କହେ ପଢୁଥିଲି ।

ଘରେ ସବୁବେଳେ ଟଙ୍କାପଇସାର ଅଭାବ । ନନା ପ୍ରାଥମିକ ଶିକ୍ଷକ । ନିଯୁକ୍ତି ଖବରରୁ ଚିଠି ପାଇ ଭୁବନେଶ୍ୱର କିମିତି ଆସିବି ମୁଣ୍ଡରେ ଚିନ୍ତା ଘାରିଲା । ମୁଁ ପାଠଛାଡ଼ି ଟଙ୍କାପଇସା ଅର୍ଜିବି ଶୁଣି ନନା ମୋ ସହ କଥା ହେଉ ନଥିଲେ । ତାଙ୍କୁ ପଇସା ମାଗିବି କ'ଣ । ଶେଷରେ ଏଇକଥା ମୋର ଜଣେ ସମ୍ପର୍କୀୟ ଦାଦା (କକା) ବିଭୂତି ପାତ୍ରଙ୍କୁ କହିଲି । ସେ ବ୍ୟବସ୍ଥା କରାଇଦେଲେ । ପାରଳାଖେମୁଣ୍ଡିରୁ ଜଣେ ଅବସରପ୍ରାପ୍ତ ପୁଲିସ୍ ଡିଏସ୍‌ପି ହସ୍‌ପିଟାଲ୍‌ରେ ପଡ଼ିଥିବା କେହି ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ପିଲାଛୁଆ ଧରି ଭୁବନେଶ୍ୱର କାର୍‌ରେ ଆସୁଥିଲେ । ତାଙ୍କ ସହ ଆସିଲି । ମୋ ବଉ ମୋତେ ୨୦ଟଙ୍କା ଲୁଚାଇ ଦେଇଥିଲା । ସେଇ କେବଳ ଥିଲା ମୋ ସମ୍ବଳ । ଏଇ ପରିସ୍ଥିତିରେ ମୋର ପ୍ରଥମ କାର୍ ଚଢ଼ା ଆଉ ଭୁବନେଶ୍ୱର ଦେଖା ଅଭିଜ୍ଞତା ପାଇଲି । ଭୁବନେଶ୍ୱର ପଶିବାବେଳକୁ ସେମାନେ ମୋତେ ଦିନଲିପି ଅଫିସ୍ ଦେଖାଇଲେ । ମୁଁ ଦିନଲିପି କଥା ମୋ ନନାଙ୍କଠୁ ଶୁଣିଥିଲି । ପରେ ସେମାନେ ଚିଠିରେ ଦେଇଥିବା ଠିକଣା ପଢ଼ି ମୋତେ ନିଯୁକ୍ତି ଖବର ଅଫିସ୍ ଆଗରେ ଛାଡ଼ିଦେଇଗଲେ । ମୁଁ ଆବାକାବା । ଏକ ବଡ଼ ଅଫିସ୍ ବୋଲି ମୋ'ର ଧାରଣା ଥିଲା, କିନ୍ତୁ ସେଇଟା ଥିଲା ୧୦୦କି ୨୦୦ ବର୍ଗଫୁଟର ଏକ ଛୋଟ ବଖରା । ଭିତରେ ଦୁଇ-ତିନିଜଣ ବସିଥିଲେ । ସେମାନଙ୍କ ମଧ୍ୟରେ ଜଣଙ୍କୁ ଚିଠିଟା ଦେଖାଇଲି । ସେ ମୋତେ ବସିବାକୁ ମଧ୍ୟ କହିଲେ ନାହିଁ । ଠିଆ କରାଇ ବୁଝାଇଲେ । "ଆପଣ ଖବର ସଂଗ୍ରହ କରିବେନି । ଏହା ପାଇଁ ବିଜ୍ଞାପନ ସଂଗ୍ରହ କରିବାକୁ ପଡ଼ିବ । କମିଶନ୍ ମିଳିବ ।" ମୋ ମନଟା ଖଟା ହୋଇଗଲା । ଖାଇ ପାରିଲିନି । ଯେଉଁମାନଙ୍କ ସହ ଭୁବନେଶ୍ୱର ଯାଇଥିଲି ସେମାନଙ୍କ ସହ ରାତିରେ ପାରଳାଖେମୁଣ୍ଡି ଫେରି ଆସିଲି । ଏହାପରେ ଦୁଇ ବର୍ଷ ଧରି ଝୁଲହାତୀ, ଆମ ସହର, ଆମ ଗାଁ ଭଳି ପତ୍ରିକା ପାରଳାଖେମୁଣ୍ଡିରୁ ବାହାରୁଥିଲା, ସେଥିରେ ଲେଖିଲି ।

୧୯୯୬ରେ ମୋତେ ସାମ୍ବାଦିକ ମାର୍କାଟି ବିଧିବଦ୍ଧ ଭାବେ ମିଳିଲା । ସେଇ ସମ୍ପର୍କୀୟ କକାଙ୍କ ସହାୟତାରେ ତତ୍‌କାଳୀନ ମନ୍ତ୍ରୀ ହଳଧର କାର୍ଯ୍ୟୀଙ୍କ ସହ ପରିଚୟ ହେଲା । ସାମ୍ବାଦିକ ବୃତ୍ତି ରେ ମୁଣ୍ଡ ଗୁଂଜିବା ସକାଶେ ଖୋଜାଖୋଜି ପାଇଁ ସେ ନିଜ ଭୁବନେଶ୍ୱର କ୍ୱାଟରରେ କିଛିଦିନ ରହିବାକୁ ସୁଯୋଗ ଦେଲେ । ପ୍ଲସ୍ ଟୁ ପରୀକ୍ଷା ନଦେଇ ପାଠ

ଛାଡ଼ିଥିଲି । ଏଣୁ କାଳେ କେହି ସାମ୍ବାଦିକ କରିବ ନାହିଁ ଏହି ସଂକୋଚରେ ଏକ ନୂଆ ଆଉ ଛୋଟ ଖବରକାଗଜଟିଏ ଖୋଜୁଥିଲି । ଯେଉଁଠି ମୋତେ ସହଜରେ ରଖିନେବେ । ଏତିକିବେଳେ ମାଲକାନଗିରି ବିଧାୟକ ପ୍ରହ୍ଲାଦ ଦୋରାଙ୍କ ସହ ସାକ୍ଷାତ ହେଲା । ସେ ମୋଠାରୁ ସାମ୍ବିଦକ ଚାକିରି ଖୋଜିବା କଥା ଶୁଣିଲେ । ତାଙ୍କଠୁ ଅନ୍ୟମାନଙ୍କ ଭଳି ପରାମର୍ଶ ମିଳିବ ବୋଲି ଆଶା କରୁଥିଲି, କିନ୍ତୁ ଓଲଟି ପ୍ରଶ୍ନ ପଚାରିଲେ- ଏଥିରେ କ'ଣ ପଇସାପତ୍ର ମିଳିବ ? କ'ଣ ରାଜନୀତି କରିବ କି ? ମୁଁ କିଛି କହିପାରିଲି ନାହିଁ । ପରେ ସେ ଫୋନ୍ କରି କାହା ସହ କଥାହେଲେ । ପ୍ରଗତିବାଦୀ ଅଫିସ୍ ଯାଇ ସାକ୍ଷାତ କରିବାକୁ କହିଲେ ଓ ଏବାବଦକୁ ଏକ ଚିଠିଟିଏ ଲେଖି ମୋ ହାତରେ ଦେଲେ । କ୍ୱାଟରରୁ ବାହାରି ଯିବାବେଳେ ପୁରୁଣା ବସ୍‌ଷ୍ଟାଣ୍ଡରେ ପର୍ଯ୍ୟବେକ୍ଷକ ପତ୍ରିକାଟିଏ ମୋ ଆଖିରେ ପଡ଼ିଲା । କାହିଁକି କେଜାଣି ଏଇଠି ସହଜରେ ମୁଣ୍ଡ ଗୁଂଜିହେବ ବୋଲି ଧାରଣା ହେଲା । ସେଇଠୁ ଫେରିଆସି ପ୍ରହ୍ଲାଦ ଦୋରାଙ୍କୁ ପର୍ଯ୍ୟବେକ୍ଷକ କଥା କହିଲି । ସେ ସେତେବେଳକୁ କାର୍ଯୀଙ୍କ କ୍ୱାଟରରେ ବସିଥିଲେ । ସେଇଠୁ ଫୋନ୍‌କରି ରବି ଦାସଙ୍କୁ ମୋ ବିଷୟରେ କହିଲେ । ବାସ୍ ! ଏଇଠୁ ମୋ ପିଠିରେ ସାମ୍ବାଦିକ ମାର୍କା ଲାଗିଲା । ତେବେ ମୁଁ ଏଜେଣ୍ଟ କି ସାମ୍ବାଦିକ ତାହା ଠିକ୍ ଜାଣିପାରିଲି ନାହିଁ । ଖବର କାଗଜ ପାଇଁ ଲେଖିଲେ କିଛି ମିଳିବନାହିଁ, କାଗଜ ବିକିଲେ କିମ୍ବା ବିଜ୍ଞାପନ ଆଣିଲେ କମିଶନ ମିଳିବ ବୋଲି ଜାଣି କଷ୍ଟ ଲାଗିଲା । କିନ୍ତୁ ସୁପାରିଶ ଥିବାରୁ ଏଜେଣ୍ଟ ଫିଜ୍ ଲାଗିଲାନାହିଁ । ପ୍ରଥମେ ୧୦ଟି ପରେ ତାକୁ ୫୦ଯାଏଁ ବଢ଼ାଇବି ବୋଲି ପ୍ରତିଶ୍ରୁତି ଦେବା ପରେ ସାମ୍ବାଦିକ ପରିଚୟ ପତ୍ରଟା ମିଳିଲା ।

ଏହାପରେ ପାରଳାଖେମୁଣ୍ଡିରୁ ଦୁଇ ବର୍ଷ ନିରବଚ୍ଛିନ୍ନ ଭାବେ ପର୍ଯ୍ୟବେକ୍ଷକର ସାମ୍ବାଦିକତା କଲି । ଯିଏ ଅନ୍ୟାୟ କଲା, ଅନୀତି କଲା, ଖାଇଗଲା, ନେଇଗଲା ବୋଲି ଶୁଣିଲି ଆଗପଛ ବିଚାର ନକରି ଲେଖିଲି । ଲେଖିବାର ଧାରଧୁର କିଛି ନଥାଏ । ମୋ ଖବର ସବୁ ଅଫିସ୍‌ରେ ସଂଶୋଧନ କରାଯାଏ । ତେବେ ଏଇଠୁ ଧୀରେ ଧୀରେ ମୋତେ ଲୋକ ଚିହ୍ନିଲେ । ଅନ୍ୟ ସାମ୍ବାଦିକମାନେ ମୋ ପଛରେ ଅନେକ କଥା କହିଲେ । ସାମ୍ବାଦିକମାନଙ୍କ ଗୋଡ଼ଟଣାଟଣିରୁ ରକ୍ଷା ପାଇବାକୁ ଚେଷ୍ଟା କରି ରାଜନୀତି ଶିଖିଲି ।

୧୯୯୯ର କଥା, ଏତିକି ବେଳେ କଲେକ୍ଟର ରାସବିହାରୀ ନାୟକ ଗଜପତି ଜିଲ୍ଲାପାଳ ଆଉ ରାଜେନ୍ଦ୍ର ମହାନ୍ତି ଥାନ୍ତି ପିଡି ଡିଆରଡ଼ିଏ । ଜିଲ୍ଲାରେ ବାତ୍ୟା ନହୋଇ ମଧ୍ୟ ବାତ୍ୟା ଅନୁଦାନକୁ କିଭଳି ଗଛଲଗା, କମ୍ବଳ ବଂଟା, ରିଲିଫ୍ ନାଁରେ ହଡ଼ପ କରାଯାଉଛି ତାହା ଲେଖିଲି । ଥରେ ପ୍ରକାଶିତ ଖବରର ଶିରୋନାମା ଥିଲା 'ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଆତଙ୍କରାଜ' । କୋଡିଏ ଓ ଅଧା ଧାଡ଼ିର ଖବର, ସେଇଟାକୁ ଆଜିଯାଏଁ ସାଇତି ରଖିଛି ।

ଏହାପରେ କିଛି ସାମ୍ବାଦିକ ଆଉ ଚିହ୍ନାଜଣା ସରକାରୀ କର୍ମଚାରୀ ମୋତେ ଭୀଷଣ ଭାବେ ଡରାଇବାରେ ଲାଗିଲେ । କେମିତି ମୁକାବିଲା କରିହେବ ସେନେଇ କିଛି ଲୋକ ମୋ ପଟରେ ରହି ମୋତେ ଯୋଜନା ବତାଇଲେ । ଶେଷରେ ସାର୍ଟ ପଛରେ ଛୋଟ ଟେପ୍‌ରେକର୍ଡରରେ ଧରି ରାଜେନ୍ଦ୍ର ମହାନ୍ତିଙ୍କ ପାଖରେ ପହଂଚିଲି । ସେ ମୋତେ ଦେଖିଲା କ୍ଷଣି ଉପଦେଶ 'ତୁମେ ସାନ ପିଲା...''ଠାରୁ ଆରମ୍ଭ ହୋଇ ତା' ପରେ ତୁ ତା ତୋତେ କହି ଚଢ଼ାଗଳାରେ ଧମକ ଯାଏଁ ଗଲା । ମୁଁ ଏଇଆ ଚାହୁଁଥିଲି । ସେଠାରୁ ଫେରିବା ବେଳେ ପେଟତଳେ ଲୁଚାଇ ରଖିଥିବା ଟେପ୍‌ରେକର୍ଡରଟା ଖସି ତଳେ ପଡ଼ିଲା । ସେ ଯେମିତି ଦେଖିଛନ୍ତି, ଧର ଧର କହି ମୋତେ ଗୋଡ଼ାଇଲେ । ଏହାପରେ ମୋ ବିରୋଧରେ ଥାନାରେ ଏଫ୍‌ଆଇଆର୍ ଦିଆଗଲା । ମୁଁ ବି କିଛି ସାମ୍ବାଦିକଙ୍କ କଥାରେ ପାଲଟା ଏଫ୍‌ଆଇଆର୍ ଦେଲି । ଦିନକୁ ଦିନ କଥାଟା ଜଟିଳ ହେଲା । ମୁଁ ଲୁଚିଲି । ମୋ ନାଁରେ ବିଭିନ୍ନ ଅଫିସରେ ନୋଟିସ୍ ମରାଗଲା । ସେଥିରେ ଲେଖାଥିଲା- "ଏକ ଉଦ୍‌ଭଟ ପାଗଳ ଯୁବକ ...ଲମ୍ବୋଦର ପ୍ରସାଦ ଦାଶ, ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ଯଦି କୌଣସି ସରକାରୀ କର୍ମଚାରୀଙ୍କୁ ସାକ୍ଷାତ କରିବାକୁ ଆସନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାନ୍ତୁ ।" ମୋ ସମର୍ଥନରେ ସହରର କିଛି ଲୋକ ଏକଯୁଟ ହୋଇ ଆନ୍ଦୋଳନ, ଧାରଣା କଲେ । ଏହାପରେ ମୋର ଖବର ପର୍ଯ୍ୟବେକ୍ଷକରେ ଆଉ ବାହାରିଲା ନାହିଁ । ପଚାରିବାରୁ ସଂପାଦକ ଉପଦେଶ ଦେଲେ, "ପ୍ରଶାସନ ସହ ଲାଗିଲେ ହେବ । ଆମର ନୂଆ ଖବର କାଗଜ । ଚାଲିବ କେମିତି ? ସେମାନେ ବିଜ୍ଞାପନ ଦିଅନ୍ତି ପରା ।" ତେବେ ସେମାନଙ୍କ ବିରୋଧରେ ଖବର ପୂର୍ବରୁ କିଭଳି ଓ କାହିଁକି ଛାପୁଥିଲେ, ମୁଁ ଜାଣିପାରିଲି ନାହିଁ । ସେଇଠୁ ପର୍ଯ୍ୟବେକ୍ଷକ ଛାଡ଼ିଲି ।

ତା'ପରେ ମୋ'ର ଧାରଣା ହେଲା ମୋର ଏତିକି ପାଠପଢ଼ାରେ ସାମ୍ବାଦିକ ହୋଇପାରିବି ନାହିଁ । ପୁଣି ପାଠ ପଢିବାକୁ ସ୍ଥିର କଲି । ମଝିରେ ୩ବର୍ଷ ସାମ୍ବାଦିକତା ଛାଡ଼ିଲି । ଡିଗ୍ରି ଶେଷ କରିବା ପରେ ପୁଣି ପ୍ରଜାତନ୍ତ୍ରରେ ଗଜପତି ଜିଲ୍ଲା ପ୍ରତିନିଧି ଭାବେ ଯୋଗ ଦେଲି । ଏଇ ସମୟରେ ପାରଳାଖେମୁଣ୍ଡିରୁ ବାହାରୁଥିବା 'ଗଜପତି ଏକ୍ସପ୍ରେସ୍' ବନ୍ଦ ହୋଇଯାଇଥିଲା । ତାକୁ କିମିତି ପୁଣି ଆରମ୍ଭ କରିବା ସେନେଇ ଜଣେ ଦୁଇଜଣଙ୍କ ସହ ମିଶି ଯୋଜନା କରି ବିଫଳ ହୋଇଥିଲି । ଏହାପରେ ୧୯୭୬ରୁ ଆରମ୍ଭ ହୋଇ ଦୀର୍ଘ ଦିନ ବନ୍ଦ ପଡ଼ିଥିବା ମୋ ସାଙ୍ଗ ଜଗନ୍ନାଥ ଭୁକ୍ତାଙ୍କ ନନା ଶରତଚନ୍ଦ୍ର ଭୁକ୍ତାଙ୍କ 'ଓଡ଼ିଶା ଦେଶ'କୁ ପୁଣିଥରେ ଆରମ୍ଭ କରିବାକୁ ଯୋଜନା କରି ବିଫଳ ହେଲି । ଏମିତି ପ୍ରାୟ ଅଢେଇ ବର୍ଷ ପ୍ରଜାତନ୍ତ୍ରରେ କାମକଲି । ପରେ ଅନୁପମ ଭାରତରେ ସହ-ସଂପାଦକ

ଭାବେ ଯୋଗ ଦେଇ ବ୍ରହ୍ମପୁର ଚାଲିଆସିଲି । ଏହା ସହ ପଢ଼ାପଢ଼ି ମଧ୍ୟ କରୁଥାଏ । ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରୁ ଓକିଲାତି ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତାରେ ସ୍ନାତକୋତ୍ତର ଶେଷ କଲି । ୨୦୦୭ ସେପ୍ଟେମ୍ବରରେ ସମ୍ବାଦର ବ୍ରହ୍ମପୁର ସଂସ୍କରଣରେ ସହ ସଂପାଦକଭାବେ ଯୋଗଦେଲି । ୨୦୦୮ ଜୁଲାଇ ୧୩ରେ ସମ୍ବାଦର ଭୁବନେଶ୍ୱର ଅଫିସ୍‌କୁ ବଦଳି ହୋଇ ଆସିଲି । ସେଇଠୁ କାମ୍ୟାବ୍ ଟିଭି, ଆରମ୍ଭ, ଅନନ୍ୟ । କିନ୍ତୁ ୧୯୯୪ଠାରୁ ୨୦୦୮ ମଧ୍ୟରେ ମୁଁ ଛୋଟବଡ଼ ପ୍ରାୟ ୧୪ଟି ଖବରକାଗଜ, ମାଗାଜିନ୍, ସାପ୍ତାହିକ, ପାକ୍ଷିକରେ ସଂପାଦକ, କାର୍ଯ୍ୟକାରୀ ସଂପାଦକ, ସହ-ସଂପାଦକ, ସାମ୍ବାଦିକ ଭାବେ କାମ କରିସାରିଥିଲି । ଏହି ସମୟଗୁଡ଼ାକ ମଧ୍ୟରେ କ'ଣ ସବୁ ଘଟିଲା ? କେଉଁ ଅଭିଜ୍ଞତା ପାଇଛି ପରେ କେବେ କହିବି । କିନ୍ତୁ ୨୦୦୮ରୁ ୨୦୧୨ ମଧ୍ୟରେ ଭୁବନେଶ୍ୱର ରହଣି ମଧ୍ୟରେ ଯାହା ଦେଖିଲି, ସେ ସବୁ କଥା ଲେଖିପାରିଲି ନାହିଁ, ଅନେକ କାରଣରୁ । କିନ୍ତୁ ସେଇ କଥାଗୁଡ଼ାକୁ କହିବାକୁ ମନ ହାଇଁପାଇଁ ହେଉଥିଲା । ଏଣୁ ଘଟଣାଗୁଡ଼ିକର ସ୍ଥାନ, କାଳ, ପାତ୍ରକୁ କିଛି କିଛି ପରିବର୍ତ୍ତନ କରି ଗପ ଭଳି ଲେଖିବାକୁ ଯୋଜନା କଲି, ଆଉ ଲେଖିଲି ।

ଏଇ ଲେଖାଗୁଡ଼ିକରେ ମୁଁ କିଛି ଭିନ୍ନ ଧରଣର ପରୀକ୍ଷା କରିଛି । ଏକ ନୂଆ ଧାରା ସୃଷ୍ଟି କରିବାକୁ ଯୋଜନା ରଖିଛି । ଏହି ପୁସ୍ତକ ପଢ଼ି କିଛି ନିଶ୍ଚିତ ଭାବେ ମୁହଁ ମୋଡ଼ିବେ, କିଛି ବାହାବା ଦେବେ, କିଛି ସମାଲୋଚନା କରିବେ । କିନ୍ତୁ ମୁଁ ଗାଳ୍ପିକ ହେବାକୁ ଚେଷ୍ଟା କରି ଏସବୁ ଲେଖିନାହିଁ କି ସେ ସମସ୍ତଙ୍କ ମୁଖା ଖୋଲିଦେବାର ସତ୍ ସାହସ କରିନାହିଁ । କେବଳ ପରିସ୍ଥିତିର ଚାପରେ ଚୁପ୍ ରହି ଯେଉଁ ଅବଶୋଷ ଥିଲା ତାକୁ ଏଭଳି ଲେଖି ନିଜ ମନକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଛି । ଯଦି ସବୁ ଭଲ-ମନ୍ଦ ପ୍ରତିକ୍ରିୟାରେ ମୁଁ ସାମ୍ବାଦିକ ସହ ଏକ ଗପୁଡ଼ି ବୋଲି ପରିଚିତ ହେବି ତେବେ ଏହା ମୋ ପାଇଁ ଏକ ବୋନସ୍ ହେବ ଏବଂ ତା'ର ଶ୍ରେୟ ଅକୁଣ୍ଠିତ ଭାବେ କେବଳ ଆପଣମାନଙ୍କୁ ଦେବି ।

– ଲମ୍ବୋଦର ପ୍ରସାଦ ଦାଶ

ଜଣେ ସାମ୍ବାଦିକ ଓ ଲେଖକ

ପୃଷ୍ଠାରେ... ପୃଷ୍ଠାରେ...

☞ ଜିଇଁବାର ମୂଲ ୯
☞ ବାଇଚଢ଼େଇର ବସା ୧୧
☞ ସ୍ୱାଧୀନ ୧୩
☞ ବଢ଼ି ୧୫
☞ ସେଇ ବୁଢ଼ା ୧୮
☞ ଶୋଷଣ ୨୧
☞ ଘର ୨୪
☞ ରାଜନୀତି ୨୬
☞ ଅନୁପ୍ରବେଶ ୨୯
☞ ଜଙ୍ଗଲ ଲୁକ୍ ୩୨
☞ ମାଟିର ମୂଲ ୩୫
☞ ଧରମ ହାସ୍‌ପିଟଲ ୩୮
☞ ମହାକାଳୀ ୪୨
☞ ଆନ୍ଦୋଳନ ୪୪
☞ ଭିଟାମାଟି ୪୭
☞ ପଣ୍ଡିତ ବଞ୍ଛିଛି ୫୦
☞ ବିସ୍ଥାପିତ ଦୁର୍ନୀତି ୫୨
☞ ପ୍ରତିବାଦ ୫୫
☞ ଆଉ ଏକ ଜୀବନ ୫୮
☞ ଲେଖକ ୬୧
☞ ଭଦ୍ର ମାଫିଆଗିରି ୬୪
☞ ଆଦିବାସୀ ୬୭
☞ ସମର୍ଥକ ୭୦
☞ କ୍ଷମତା ଡ୍ରିଙ୍କ୍ ୭୩
☞ ବେଇମାନ ୭୬
☞ ଉତ୍ତରାଧିକାରୀ ୭୯
☞ ଖଣିମାଲିକ ୮୧
☞ କ୍ଷତିପୂରଣ ୮୩
☞ ଗରିବ ତିଆରି ୮୬
☞ ବଂଶୀ କଣ୍ଟା ୮୮
☞ ତଥାପି ମୁଁ ବଞ୍ଛିଛି ୯୦
☞ ପରଫର୍ମାନ୍‌ସ୍ ୯୪
☞ ଥାନାବାବୁ ୯୮
☞ ସରକାରୀ ଚିଠା ୧୦୨

ଜିଇଁବାର ମୂଲ

ଏହି ଭୁବନେଶ୍ୱରରେ ରିକ୍ସା ଟାଣି ଟାଣି ୨୫ବର୍ଷ ବିତିଗଲା । ଏବେ ତା'ର ବୟସ ୫୦ ପାଖାପାଖି । ଜୀବନର ଆବୁଡ଼ାଖାବୁଡ଼ା ରାସ୍ତାରେ ଦୌଡ଼ି ଦୌଡ଼ି ସେ ହାଲିଆ ହୋଇଗଲାଣି, କିନ୍ତୁ ତା' ସାଥିରେ ଥିବା ରିକ୍ସାଟି ଏ ଯାଏଁ ଥମି ନାହିଁ । ବେଳେବେଳେ ସେ ଧଇଁସଇଁ ହେଲା ଭଳି ରିକ୍ସାଟି କେଁ..କଟର କରେ । ତେଲ ଟିକିଏ ଦେଲେ ପୁଣି ଗଡ଼େ । କିନ୍ତୁ, ତା'ର ଧଇଁସଇଁ ଭଲ ହୁଏନାହିଁ ।

– ଆବେ ଉଠେ...କ'ଣ କିବେ ମାଗଣା ଶୋଇବୁ । କାଲି ଫାଙ୍କି ଦେଲୁ । କାଲି ଆଉ ଆଜିର ମିଶାଇ ୨୦ଟଙ୍କା ବାହାର କର । ନହେଲେ ଏଠାରୁ ଭାଗ୍ ।...ଧପ୍ ।

ଶବ୍ଦଶୁଣି ଅର୍ଜୁନ ଚମକି ପଡ଼ିଲା । ରାତି ୧୧ଟା କି ୧୨ଟା ହେବ । ଆଗରେ ରେଳ ପୋଲିସ୍ । ୩ଫୁଟିଆ ଲମ୍ବା ବାଡ଼ିରେ ଦଦରା ରିକ୍ସାଟାକୁ ବାଡ଼େଇ ଥିଲା । ପ୍ଲାଟଫର୍ମ ଆଗ ପଡ଼ିଆରେ ରାତି ଶୋଇବା ଓ ଗ୍ରାହକ ପାଇଁ ଅପେକ୍ଷା କରିବାକୁ ୧୦ଟଙ୍କା ଦେବାକୁ ପଡ଼େ । ଆଜି କେହି ଗ୍ରାହକ ମିଳି ନଥିଲେ । ଗଲା କାଲିର ୨୦ଟଙ୍କା ଥିଲା । ଖରାବେଳେ ୟୁନିଟ୍-୨ର ଈଶ୍ୱର ମନ୍ଦିରଟାରେ ଖାଇ ଦେଇଥିଲା । ରାତିରେ ଖାଇ ପାରିନି । ପାଖରେ ଟଙ୍କା ଦି'ଟଙ୍କା ପଡ଼ିଛି । କିଛି ପ୍ରତିବାଦ କଲା ନାହିଁ ଅର୍ଜୁନ । ସେଠାରୁ ରିକ୍ସା ଧରି ଚାଲିଆସିଲା ପିଏମ୍‌ଜି ଆଡ଼କୁ । ପଛରୁ ଜଣେ ଡାକିଲା,

- ଏ ରିକ୍ସା । ସହିଦ ନଗର ଯିବୁ ।

- ହଁ ।

- କେତେ ନେବୁ ?

ରିକ୍ସାଟାକୁ ହାତରେ ଛୁଇଁ ମଥାରେ ଲଗାଇ ଅର୍ଜୁନ କହିଲା,

- ୩୦ଟଙ୍କା ।

- ୩୦ ଟଙ୍କା ! କ'ଣ ରାତିରେ ଡାକିଲି ବୋଲି ବ୍ଲାକ୍ ମେଲିଂ । ତୋ' ରିକ୍ସା ଡିଜେଲ୍ କି ପେଟ୍ରୋଲ୍‌ରେ ଚାଲୁଛି କି? ୧୦ଟଙ୍କା ଦେବି ।

- ନା' ବାବୁ । ୨୦ଟଙ୍କାରୁ କମ୍ ହେଲେ ଯିବିନି, ଅର୍ଜୁନ କହିଲା । ଏତେ ରାତି ହେଲାଣି...

- ନା..ନା...ମୁଁ ୧୦ଟଙ୍କାରୁ ଅଧିକ ଦେବିନି ।

ସେପଟୁ ଧାଏଁ କରି ଅଟୋ ଟିଏ ଆସି ବ୍ରେକ୍ କଷିଲା । ...୧୦୦ଟଙ୍କା ଦିଅ । ଲୋକଟି ବିନା ପ୍ରତିବାଦରେ ସେଥିରେ ବସି ଚାଲିଗଲା । ଦୀର୍ଘ ନିଶ୍ୱାସଟିଏ ପକାଇ ଅର୍ଜୁନ ମନେ ମନେ କହିଲା,

- କ'ଣ ଡିଜେଲ୍, ପେଟ୍ରୋଲ୍‌ର ମୂଲ ଅଛି । ମଣିଷ ରକ୍ତ ଆଉ ଝାଳର ମୂଲ କିଛି ନାହିଁ ।

କିଛି ଦୂରରେ ଏକ ବଡ଼ ସୁଦୃଶ୍ୟ ପ୍ରଚାର ବୋର୍ଡଟି ଆଲୁଅରେ ଝଲକି ଉଠୁଥିଲା 'ରକ୍ତ ଦାନ ମହାପୂଣ୍ୟ । କାହାରିକୁ ବିନା ରକ୍ତରେ ମରିବାକୁ ଦେବୁନାହିଁ ।'

ପୁଣି ମାଷ୍ଟର କ୍ୟାଣ୍ଟିନ୍ ଗୋଲେଇ ବୁଲି ପିଏମ୍‌ଜି ଆଡ଼େ ମୁହାଁଇଲା ଅର୍ଜୁନ । ଦୁଇପଟେ ଧାରଣା ତୋରଣ । ରାସ୍ତା ମଝିରେ ଏକ ବଡ଼ ମଞ୍ଚ । ୨ଶହ ସରିକି ଲୋକ ଜମା ହୋଇଛନ୍ତି । ଗାଡ଼ିମୋଟର ବି ଭର୍ତ୍ତି । ଡିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ଅମୁକ ଦଳର ବିକ୍ଷୋଭ । ବାଁ କଡ଼କୁ ୧୦-୧୫ ଲୋକ ନିଶାରେ ମାତାଲ୍ ହୋଇ ଠେଲାପେଲା ହେଉଥିଲେ । ଗାଳି ବି ଶୁଣାଯାଉଥିଲା । ପାଖରେ ୨-୩ଟା ପୋଲିସ୍ ଭ୍ୟାନ୍ । ୧୦-୧୫ ପୋଲିସ୍ ଚୁପଚାପ୍ ଠିଆ ହୋଇଥିଲେ । ଇନ୍ଦିରା ପାର୍କ ପାଖାପାଖି ପହଞ୍ଚିବା ବେଳେ ଦୁଇଜଣ କନ୍‌ଷ୍ଟେବଲ ଡାକ ଛାଡ଼ିଲେ ।

- ଆବେ, ସେପଟେ କୁଆଡ଼େ ରାତିରେ । କାଲିଠୁ ପରା ଆସେମ୍ବ୍ଲି ।

ଅର୍ଜୁନର ଶୁଖିଲା-ଭୋକିଲା ଦେହ ଥରି ଉଠୁଥିଲା । ଦୀର୍ଘ ଶ୍ୱାସ ଛାଡ଼ି ଆଲୁଅରେ ଝଲମଲ କରୁଥିବା ଆସେମ୍ବ୍ଲିର କୋଠା ଆଡ଼େ ଥରଟିଏ ଅନାଇ ପୁରୁଣା ବସ୍‌ଷ୍ଟାଣ୍ଡ ଆଡ଼େ ମୁହାଁଇଲା ।

ବାଇଚଢ଼େଇର ବସା

ଅମୁକ ସହର । ସହର କହିଲେ, ରାଜ୍ୟ ଯାକର ଯେତେ ସହର ଅଛି, ସବୁଠାରୁ ବଡ଼ । ରାସ୍ତାଗୁଡ଼ାକ ଗାଁ ନଈର ଶରତକାଳୀନ ପାଣି ଭଳି ଚକ୍‌ଚକ୍ ଦିଶେ । ଗାଡ଼ିଗୁଡ଼ାକ ସାଏଁସାଏଁ, ପେଁପେଁ କରି ମାଡ଼ିଚାଲିଥାନ୍ତି । ଗାଁରେ ସନ୍ଧ୍ୟାବେଳେ ଘର ଲେଉଟା ଗୋରୁପଲକୁ ଗାଈଆଳ ହୁରୁଡ଼ାଇବା ବେଳେ ଗାଈ-ଗୋରୁମାନେ ଠିକ୍ ଏମିତି ଏକମୁହାଁ ହୋଇ ହମ୍ବା ରଡ଼ି ଦେଇ ମାଡ଼ିଯାନ୍ତି । କିନ୍ତୁ ଏଠାରେ ଧୂଳି ଉଡ଼େନା, ଖାଲି ଧୂଆଁ । ଯୁଆଡ଼େ ଚାହିଁବ ଉଚ୍ଚା ଉଚ୍ଚା କୋଠା । ମୁଣ୍ଡ ଉଠାଇ ୨ ମିନିଟ ଚାରିଆଡ଼େ ଦେଖିଲେ, ବେକସଣ୍ଢା କଡ଼ମଡ଼ କରେ । ଗାଁ ଆମ୍ବତୋଟାରେ ଆମ୍ବ ଝଡ଼ାଇବା ବେଳେ ଧୁ ଧୁ ଖରାବେଳେ ଅଧଘଣ୍ଟାଏ ଉପରକୁ ଚାହିଁ ଟେକା ମାରିଲେ ବି ଏଭଳି କଷ୍ଟ ହୁଏନା । ଯାହା ହେଉ ଏଭଳି ସହରର ଏକ ସ୍କୁଲ । ପୂରା ଇଂରାଜି, କିନ୍ତୁ ବଡ଼ବଡ଼ ଦେଶୀ ଘର ପିଲା ଏଠାରେ ପଢ଼ନ୍ତି । ପିଲାପିଛା ବର୍ଷକୁ ଲକ୍ଷେ ଟଙ୍କା ଖର୍ଚ୍ଚ ।

ଥରେ ସାର୍ ପଶୁପକ୍ଷୀଙ୍କ ପ୍ରାକୃତିକ ଘର ପ୍ରସଙ୍ଗରେ ପିଲାଙ୍କୁ ପାଠ ପଢ଼ାଇଲେ । ପିଲାଙ୍କୁ ତାଗିଦ୍ ଥିଲା; ମନଦେଇ ଶୁଣିବେ, ପରେ ଘରେ ନିଜ ପସନ୍ଦର ପଶୁପକ୍ଷୀଙ୍କ ବସାଘର ଉପରେ ରଚନା ଲେଖିବେ । ପ୍ରତ୍ୟକ୍ଷ ଅନୁଭୂତି ପାଇଁ କମ୍ପ୍ୟୁଟର ପରଦାରେ ସବୁ ଚିତ୍ର ଦେଖାଗଲା । ଶେଷରେ ଜଣେ ପିଲାକୁ ବାଇଚଢ଼େଇ ବସା ପସନ୍ଦ ହେଲା । କିନ୍ତୁ ଘରେ ପହଞ୍ଚିବା ବେଳେ ସ୍କୁଲବସ୍ତାନିର ବୋଝରେ ଅଧାଅଧି ଭୁଲିଗଲା । ନିତି ପିଲାର

'ହୋମ୍‌ୱାର୍କ' ତଦାରଖ କରୁଥିବା କଲେଜ ପଢୁଆ ମା' ପିଲାର ଏଭଳି ଅବସ୍ଥା ଦେଖି ଛାନିଆ । ପିଲାକୁ ଧରି ବଜାର ଦୌଡ଼ିଲେ । କାଳେ ବାଇଚଢ଼େଇ ବସାର ନକଲ କିଛି ମିଳିବ । ଯାହାହେଉ ଅଭିଯାନ ସଫଳ ହେଲା । ଇଚ୍ଛା ଥାଇ ବି ନିଜେ ଲେଖିପାରିଲେନି । କାରଣ ସ୍କୁଲ ସାର୍‌ଙ୍କ ତାଗିଦ, ଷ୍ଟୁଡେଣ୍ଟ ନିଜ ଭାଷାରେ ଯାହା ବୁଝିଛି ଲେଖିବ । ନୋ ହେଲ୍‌ପ । ଯା'ହେଉ କଷ୍ଟେମଷ୍ଟେ ପିଲାଟି 'ସାର୍'ଙ୍କ ଅଳ୍ପ ମନେଥିବା କଥା ଓ ନିଜ ଅନୁଭୂତି ମିଶାମିଶି କରି ରଚନା ଲେଖିଲା । ତା' ପରଦିନ ପିଲାର ରଚନା ଦେଖି 'ଯୁବସାର୍'ଙ୍କ ଆଖିର ପରଦା ଦୀର୍ଘ ସମୟଯାଏଁ ପଡ଼ି ନ ଥିଲା । ଯଦିଓ ରଚନାଟି ଇଂରାଜୀରେ ଲେଖା ଥିଲା, ତଥାପି ମୋଟାମୋଟି ଭାବେ ଓଡ଼ିଆ ଅର୍ଥ ଏପରି ଥିଲା ;

'ଆଜିକାଲିକା ଯୁଗରେ ବାଇଚଢ଼େଇ ବସା ମିଳିବା କଷ୍ଟକର । ଦୁଇତିନିଟି ସ୍ଥାନରେ ମିଳେ । ବିଗ୍‌ବଜାର ପାଖରେ ଓ ୟୁନିଟ୍-୨ ବଜାରରେ । ମୂଲଚାଲ କଲେ ୪-୫ଟଙ୍କା କମ୍‌ରେ ମିଳେ । ଏହା ଦୋକାନର ଏକ ଅସ୍ଥାୟୀ ତାରରେ ଦୋଳି ଭଳି ଝୁଲୁଥାଏ । ଝଡ଼ବର୍ଷାକୁ ଡର ନଥାଏ, କାରଣ ଏହାକୁ ଆଣି ଘରର ସିଲିଂ ଉପରେ ଟାଙ୍ଗିବାକୁ ପଡ଼େ । ସେଥିରେ ଥିବା ଚଢ଼େଇ ତଳକୁ ଖସନ୍ତି ନାହିଁ । ସେମାନଙ୍କୁ ଅଠା, ଲୁହା ତାର ଦେଇ ବସା ସହ ଭିଡ଼ାଯାଇଥାଏ । ବସାଟି ଦେଖିବାକୁ ସୁନ୍ଦର । ରଙ୍ଗଦିଆ ପ୍ଲାଷ୍ଟିକ୍ ତାର, ଲୁହା ତାର, କାଗଜ, ଅଠାରେ ତିଆରି । ଏହି ବସାଟିର ଶତ୍ରୁ କେବଳ ଜଣେ । ସେ ହେଉଛି, ତା' ଭାଇ ଗୁଲୁ । ଘରେ ପହଞ୍ଚି ୫-୭ମିନିଟ୍ ଭିତରେ ବସାଟିକୁ ଖଣ୍ଡଖଣ୍ଡ କରିଦେଲା । ଏବେ ତା' ଭାଗରେ ପଡ଼ିଥିବା ବସାଟି ଦେବାକୁ ଅଝଟ କରୁଛି ।

ସ୍ୱାଧୀନ

ସେଇ ଜଙ୍ଗଲ ପାହାଡ଼ ତଳି ଗାଁ ଟି । ସେଠାରେ ଯାହା କେବେ ଘଟିନଥିଲା, ଏବେ ଘଟିଲା । ଗୋଟିଏ ନୁହେଁ, ଅନେକ କଥା । ଜଣେ 'ବାବୁ' ଆସିଲେ । ଗାଁରେ ଗାଡ଼ି ଚକା ମାଡ଼ିଲା । ସାଥିରେ ୪/୫ଜଣ ପ୍ୟାଣ୍ଟ୍‌ସାର୍ଟ, ବିଲାତି ଜୋତାପିନ୍ଧା ଲୋକ ବି ଆସିଲେ । ଜଙ୍ଗଲୀ ଫୁଲ, ଓଦାମାଟିର ମହକ ଭିତରେ ବଢ଼ିଥିବା ମଳିମୁଣ୍ଡିଆ ଲୋକଙ୍କ ନାକରେ ସହରୀ ଅତରର ନକଲି ବାସ୍ନା ଲାଗିଲା । ଦିନ ଶେଷରେ ଯାହା ଶୁଣାଗଲା, ତା' ବି ପ୍ରଥମ ଥିଲା । ଗାଁକୁ ରାସ୍ତା ପଡ଼ିବ, ଚଉଡ଼ା ରାସ୍ତା । ଆଗରୁ ଗାଁଲୋକଙ୍କୁ କିଏ କାମ ଦେଉ ନଥିଲା, ସବୁ ମନକୁ ମନ କରୁଥିଲେ । ଏବେ କେହି ଜଣେ 'ସରକାର' ବୋଲି 'ବାବୁ' ଟା କାମ ଦେବ । ଆହୁରି ଏଇଆଯେ, ସେ ବାବୁଟା କୁଆଡ଼େ ସମସ୍ତଙ୍କର ବାବୁ! ତେବେ ଏତେଦିନ ପରେ ସେହି 'ସରକାର' ବାବୁଟାର ଅଜଣା ଗାଁ ପାଇଁ ଏ ଦରଦ କାହିଁକି ଜଣାପଡୁ ନଥିଲା । ଏହା ଭିତରେ ୧୦ବରଷ ବିତିଗଲା । ରାସ୍ତାଟା ତିଆରି ହେଲା । ଗାଁର ସୁକୁ, ମନୁଆ, ହରି ସବୁ ଧୋତିକଛା ଛାଡ଼ି ପ୍ୟାଣ୍ଟ୍ ପିନ୍ଧିଲେଣି । ଗୁରୁବାରୀର ପିଲାଟା ଏବେ ତା' ବାପା ସହ ବିଲକୁ ଗଲାଣି । ଧନୁଆର ଆଖି ପେଜୁଆ ପେଜୁଆ ହୋଇଗଲାଣି । ମୁଣ୍ଡୁ ବାହା ହୋଇ ଗୋଟେ ପିଲାର ବାପା ହେଲାଣି । ହେଲେ ଗାଁ କୁ ଗାଡ଼ିମୋଟର ଆସିଲା ନାହିଁ ।

ହଠାତ୍ ଦିନେ ଜଣେ ଧଳା କୁର୍ତ୍ତା ପିନ୍ଧା ଲୋକଟା ସହ ୩/୪ଟି ଧଳାଧଳା ଗାଡ଼ିରେ ଗୁଡ଼ାଏ ଲୋକ ଆସିଲେ । ସବୁ 'ଜୟ' 'ଜୟ' କରୁଥିଲେ । ସୁକୁ, ମନୁଆ, ହରି ସବୁ ସେମାନଙ୍କ ସୁରରେ ସୁର ମିଳାଉଥିଲେ । ଧଳାକୁର୍ତ୍ତା ଲୋକଟା କହିଲା, କାଲିଠୁ ଗାଡ଼ି ଗାଁକୁ ଆସିବ । ଗାଁଲୋକ ସବୁ ଅନାଉଥିଲେ, ସେମାନେ ସବୁ ମନକୁ ମନ ତାଳି ମାରିଲେ । ଏହା ଭିତରେ ଆଉ ୨ବର୍ଷ କଟିଗଲା । ଧନୁଆ ମରିଗଲା, ସୁକୁ ଫଟଫଟିଆ ଚଢ଼ିଲା । ଗୁରୁବାରୀ ପୁଅଟା ବାପାର ବିଲ ବିକି ସହରକୁ ଚାଲିଗଲା । ତଥାପି ଜଣାପଡୁ ନଥିଲା ଗାଁକୁ ରାସ୍ତା କାହିଁକି ହେଲା ?

ପୁଣି ଦିନେ ଗାଁ ଦାଣ୍ଡରେ ବୈଠକ ବସିଲା । ସେହି 'ସରକାର' ବାବୁଟାର ପାଖ ଲୋକ ଆସିଲେ । କହିଲେ, ' ପାହାଡ଼ଟାରେ ସୁନା ଭଳିଆ ଧାତୁ ଭର୍ତ୍ତି ଅଛି । ପାହାଡ଼ଟାକୁ ଖୋଳିବେ । ଗାଁକୁ ହଟାଇବେ । ଗାଁଦେବୀ ପାଖ ପୋଖରୀଟାକୁ ପୋତିଦେବେ । ହେଲେ ଏହା ବଦଳରେ ନୂଆ ପକ୍କା ଘର ମିଳିବ । ଚାକିରୀ ମିଳିବ । ଗାଁରେ ସେଦିନ ରାତିରେ କେହି ଶୋଇ ନଥିଲେ । ଚାରିଆଡ଼େ ଝିଣ୍ଟିକା ଝିଁ...ଝିଁ କରୁଥିଲା । ଗାଁ ଦେବୀ ପୋଖରୀ ପାଖରେ ବୁଢ଼ା ବେଙ୍ଗଟା କେଁ...କଟର କରୁଥିଲା । ବର୍ଷା ନଥାଇ ବି ପବନଟା ଓଦାଳିଆ ଲାଗୁଥିଲା । ଶୁକ୍ରୁ ଗାଁ ଦାଣ୍ଡରେ ଖଟିଆ ଉପରେ ବସି ଆକାଶ ଅନାଉଥିଲା । ଧନୁଆ ପଚାରିଲା,

-ବା ! ଏବେ କ'ଣ କରିବା ଯେ । 'ସରକାର' ବୋଲି ଯେଉଁ ଲୋକଟା, ତା'ର ବଳ ବେଶି, ତାକୁ ପାରିବାନି । ତା'ର ଗଣ୍ଡାଗଣ୍ଡା ଲୋକ । ଶୁଣିଛି, ସେମାନେ ମଣିଷ ହେଲେ ବି ଅନ୍ୟ ମଣିଷଗୁଡ଼ାକୁ ପୋକମାଛି ପରି ଦଳିଦିଅନ୍ତି । ଆମେ ତ ମୁଠାଏ ?

ଶୁକ୍ରୁର ବୁଢ଼ା ଦଦରା ଦେହଟି ଥରୁଥିଲା, ହଠାତ୍ ଅଟକି ଗଲା । ଶୁକ୍ରୁ କହିଲା,

-ଆରେ ଭେଣ୍ଡିଆ ! ମଣିଷ ଜିଇଁବାକୁ ଶ୍ୱାସପ୍ରଶ୍ୱାସ ଲୋଡ଼ା । ଲଢ଼ିବାକୁ ବିଶ୍ୱାସ ହେଲେ ହେଲା । 'କି ବାବା ! ଛାଡ଼ି ପଳାଇଲେ ହେବନି ?' ଧନୁଆ କହିଲା,

ଶୁକ୍ରୁର ଆଖି ଟା ଜୁଳୁଜୁଳିଆ ପୋକ ଭଳି ଜଳୁଥିଲା, କହିଲା,- 'ରାସ୍ତା ହେବା ଆଗରୁ ଆମର କେହି ବାବୁ ନଥିଲେ । ଏବେ ଗଣ୍ଡାଗଣ୍ଡା ବାବୁ । ଏବେ ପାହାଡ଼ଟା କାଟିଲେ, ଆଉରି ଗଣ୍ଡାଏ 'ବାବୁ' ଆସିବେ । ...ଧନୁଆ, ଆମକୁ ବାବୁ ଲୋଡ଼ା ନାଇଁରେ । ଟଙ୍କା ବି ଲୋଡ଼ା ନାଇଁ । ଆମକୁ ଜିଇଁବାକୁ ଲୋଡ଼ା । ଯେଉଁଠି ଆମରି ପାଣି, ପବନ, ମାଟି ସବୁ ଥିବ ।

ଏତିକି ବେଳେ ଶାନ୍ତିର ଝିଅଟି କାନ୍ଦିଉଠିଲା...କୁଆଁ...କୁଆଁ । ଘରର ମିଟି ମିଟି କରୁଥିବା ଡିବିରିଟି ଜଳି ଉଠିଲା ।

ବଢ଼ି

ବଢ଼ି ପାଣି ଟିକିଏ ଊଣା ହେଲା । ଦୁଇଦିନ ଧରି ପାଣି ଛପରକୁ ଲାଗିରହିଥିଲା, ଆଜି ଦୁଆରବନ୍ଧ ଦିଶୁଛି । ପାଖରେ ସୁନି, ତା' କୋଳରେ ବର୍ଷକର ପୁଅ 'ମନୁଆ' । ତିନିଦିନ ତଳେ ଯେଉଁ ଲୁଗାଖଣ୍ଡିକ ପିନ୍ଧିଥିଲା ସେଇଆ ପିନ୍ଧିଛି । ଦେହରୁ ଗୁମୁରା ଗନ୍ଧ ବାହାରୁଛି । ପିଲାଟିର ଝାଡ଼ା ସଫା କରିବା ପାଇଁ ସୁନି ନିଜ ଛପର କୋଣରୁ ଟିକିଏ ଟିକିଏ ପାଳ ବାହାର କରିନେଉଥିଲା । ସେ ଜାଗାଟି ଏବେ କଣା ହୋଇଯାଇଛି । ଜଗାଗଲା ୩୦ ବର୍ଷ ଭିତରେ ଏମିତି ଅନେକ ବଢ଼ି ଦେଖିଛି, ତା' ଆଙ୍ଗୁଠିରେ ଗଣିପାରୁନି । ସେ ବି ତା' ମା' କୋଳରେ ଏମିତି ବସୁଥିଲା । ବଢ଼ିପାଣି ମାଡ଼ିଆସିବାର ୪-୫ ଦିନ ପରେ କେହି କେହି ଆସି ଏମିତି ଚୁଡ଼ାଗୁଡ଼ ପୁଡ଼ିଆଟିଏ, ଛିଣ୍ଡାଲୁଗା ଖଣ୍ଡିଏ ଦେଇ ଚାଲିଯାଉଥିଲେ । ଗଲା ବଢ଼ିଠୁ ଏ ବଢ଼ି କିଛି ଅଲଗା ନାହିଁ । କେବଳ ମୁଣ୍ଡ ଉପରେ ଘରଘର କରି ଯୋଡ଼େ ତିନିଟା ହେଲିକପ୍ଟର ଘୂରି ବୁଲିବା ବେଳେ ଲୋକମାନେ ହୋହୋ ହୋଇ ଉପରକୁ ହାତ ଉଠାଉଛନ୍ତି । ଫଟଫଟ କରି ଦୁଇଟା ମୋଟର ବୋଟ୍ ଘର ପାଖ ଦେଇ ଭଟ୍‌ଭଟ୍ ହୋଇ ଚାଲିଯାଉଛନ୍ତି । ଲୋକେ ପେଟକୁ ବାଡ଼େଇ ହାତ ଠାରୁଛନ୍ତି । ତା' ଭଳିଆ ଲୋକଙ୍କ ପାଇଁ ସରକାର 'ରିଲିଫ୍ ଟଙ୍କା' ଦେଉଥିବା ଶୁଣୁଥିଲା, କିନ୍ତୁ ସରକାରୀ ଦାନା

ତା' ହାତରେ କେବେ ଲାଗିଥିବା ମନେ ପଡୁନି । ଆଗ କିଛିଲୋକ ଆଣ୍ଠୁଏ ପାଣିରେ ମାଟିକାଦୁଅ ଜୁଡୁବୁଡୁ ହୋଇ ଚୁଡ଼ାଗୁଡ଼ ଦେବାକୁ ଆସୁଥିଲେ । ସେମାନଙ୍କୁ ଦେଖିଲେ ବଢ଼ି ମୁହଁରେ ଲଢ଼ିବାକୁ ସାହସଟା ବଢ଼ିଯାଉଥିଲା । ସେତେବେଳେ ସେ ଛୁଆ ଥିଲା, ବାପା ଜିଇଁ ଥିଲେ । ଏବେ ଏଗୁଡ଼ାକୁ ଦେଖିଲେ, ଆଶା ବଢୁଛି ହେଲେ ଲଢ଼ିବାକୁ ସାହସ ମିଳୁନି ।

ଦୁଇ ବରଷ ତଳର କଥା । ସମ୍ପତ୍ତି ଭାଗବଣ୍ଟା କଥାପଡ଼ିଲା । କିନ୍ତୁ, ମଗୁଶର ମାସ ଚାଲୁଥିବାରୁ ଗାଁର ବଡ଼ବଡ଼ିଆ 'ଲକ୍ଷ୍ମୀ ଛାଡ଼ିଯିବ' କହି ମନା କଲେ । ଏଣୁ ଫଗୁଣ ମାସରେ ଦୁଇଭାଇ ଅଲଗା ହେଲେ । ଜଗା ଭାଗକୁ ଧୋୟା ଅଞ୍ଚଳରେ ୪ମାଣ ଜମି ପଡ଼ିଲା । ଛୋଟ ଜାଗାରେ ଧାନ ଚାଷ କରିହେବ ନାହିଁ, ଏଣୁ ପରିବା ବାଡ଼ଟିଏ କଲା । ବାଡ଼ କାମରେ ସୁବିଧା ହେବ ବୋଲି ସେଠାରେ ମାଟି ବାଉଁଶରେ ୫ହାତର ଛଣଛପର ଘରଟିଏ କରିଥିଲା । ଭାଦ୍ରବ ବେଳକୁ ବାଡ଼ିର ଜହ୍ନି, କଖାରୁ ଗଛରେ ହଳଦିଆ ଛନଛନ ଫୁଲକୁ ଦେଖି ଜଗା ଖୁସି ହୋଇଯାଇଥିଲା ।

ସେଦିନ ସଞ୍ଜ ବେଳ । ଅସରାଏ ବର୍ଷା ପଡ଼ି ଗାଁ ଦାଣ୍ଡଟା ଓଦା ହୋଇଯାଇଥିଲା । ଗାଁ ମୁଣ୍ଡ ବେଦୀରେ ଝିଅବହୂମାନେ ଅନନ୍ତ ବ୍ରତ କରୁଥିଲେ । ଅନ୍ୟ ଝିଅମାନଙ୍କଠୁ କାଳିଆ ମଉସାର ଝିଅ, ସୁନିର ହୁଳହୁଳିଟା ଅଲଗା ଶୁଣାଯାଉଥିଲା । ଧୂପ ଧୁଆଁ ଆଉ କାଶତଣ୍ଡିର ମହକ ମିଶି କେମିତି କିମିଆଁ କଲାଭଳି ଲାଗୁଥିଲା । ଜଗା ଚାଲି ଯାଉଯାଉ ଅଟକି ଗଲା । ସୁନି ଦେହରେ ନୂଆ ହଳଦିଆ ଫୁଲ ଦିଆ ଶାଢ଼ିଟା ବେଶ୍ ମାନୁଥିଲା, ଠିକ୍ ନିଜ ବାଡ଼ିର ଜହ୍ନି ଆଉ କଖାରୁ ଫୁଲ ଭଳି । କିଛି ସମୟ ପରେ ସୁନି ବି ତରକି ଗଲା । ଚାରିଆଡ଼କୁ ଅନାଇଲା । ନଜର ବୁଲାଇବା ବେଳେ ଆଖିଟା ଜଗାର ଆଖି ସହ ମିଶିଗଲା । ସୁନି ଲାଜେଇ ଗଲା । ମଗୁଶର ବେଳକୁ ସୁନି-ଜଗା ହାତକୁ ଦୁଇହାତ ହୋଇଯାଇଥିଲେ ।

ବାହାଘର ପର ଠାରୁ ଏହାକୁ ମିଶାଇ, ୪ଥର ବଢ଼ି ହୋଇସାରିଛି । ଗଲା ଦୁଇଟା ବଢ଼ି ସେତେ ବଡ଼ ନଥିଲା । ଦୁଇଦିନରେ ପାଣି ଛାଡ଼ି ଯାଇଥିଲା । ପାଣିଟିକିଏ କମିବାରୁ ଜଗା ତଳକୁ ଓହ୍ଲାଇଲା, ଏବେବି ଅଣ୍ଟାଯାଏଁ ପାଣି । ଗାଁ ସ୍କୁଲଘର ପାଖରେ ପହଞ୍ଚିବା ବେଳେ ଠିକାଦାର ମଧୁ ଭେଟିଲା । ଲାଗୁଥିଲା, ବଢ଼ିପାଣିର କାଦୁଅଗୋଳିଆ ପାଣି ଛିଟ ଟୋପାଏ ବି ଦିହରେ ପଡ଼ିନାହିଁ । ଜଗାର ଆଖି ତରାଟି ହୋଇଗଲା । ଗାଁର ଦୁଇଟି କୋଠାଘର

ମଧୁର । ସେ ମୋବାଇଲି ଫୋନ୍‌ରେ କାହା ସହିତ କଥା ହେଉଥିଲା । ଜଗା ପଚାରିବ ପଚାରିବ ବୋଲି ଅଟକି ଯାଇଥିଲା । ମଧୁ ବି ତାଆଡ଼େ ଅନାଇ ନଦେଖିବା ଭଳି ବୁଲିପଡ଼ି କଥା ହେଉଥିଲା,

- ଆଜ୍ଞା...ଆଜ୍ଞା । ଆପଣ ବଡ଼ ଲୋକ । ଗାଁ ମୁଣ୍ଡର ଘାଇ ମରାମତି ଆଉ ଗାଁ ସଡ଼କ କାମଟା ଯେମିତି ଆମକୁ.... । ଆଜ୍ଞା...ଆଜ୍ଞା... ଆପଣ ଦୟାକଲେ ହେଲା । ୪୦-୬୦ ଆଜ୍ଞା... ସାର୍ । ସାର୍....ଆଜ୍ଞା ସାର୍ ।

ବୁଝିପାରୁ ନଥିଲା ଜଗା ।....ଛପର ଉପରେ ଠିଆ ହୋଇ ସୁନି ହାତ ହଲାଇ ଡାକୁଥିଲା । ବୋଟ୍‌ଟି ଫଟ ଫଟ କରି ଆସୁଥିଲା । ସ୍କୁଲ ବାରଣ୍ଡାରେ ଚୁଡ଼ା, ଗୁଡ଼, ଦିଆସିଲି, ମହମବତୀ, ବିସ୍କୁଟ ସବୁ ଗଦା ହୋଇଥିଲା । କାଉ-କୁକୁର ସବୁ ଆଗରୁ ସେଠାରେ ଭିଡ଼ ଜମାଇ ସାରିଥିଲେ । କାଲୁ, ବଙ୍କୁ, ଶଙ୍କର, ନିଧି ମଉସା, ପମି ମାଉସି, ସବୁ ସ୍କୁଲ ଆଡ଼କୁ ମାଡ଼ି ଆସୁଥିଲେ । ତଥାପି ବୁଝିପାରୁ ନଥିଲା ...କେବଳ ଅନୁମାନ କରି ଚାଲିଥିଲା.... ।

ସେଇ ବୁଢ଼ା

ଗାଁ ମୁଣ୍ଡରେ ଧନୀ ନାୟକର ଜମି ପାଖ କୁଡ଼ିଆ । ସେଇଠି ସେ ରୁହେ । ଫିକା କଳାରଙ୍ଗର ଦେହ । ଲମ୍ବା ୬ଫୁଟରୁ ଅଧିକ ହେବ କି କ’ଣ । ତା’ ନାଁ ଗାଁ କେହି ଜାଣନ୍ତି ନାହିଁ । କିନ୍ତୁ ତାକୁ ସବୁ ‘ଏ ବୁଢ଼ା’ ବୋଲି ଡାକନ୍ତି । ଏଥିରେ ସେ କେବେ ପଛକୁ ଫେରି ଅନାଇ ନାହିଁ କି ପ୍ରତିବାଦ କରିନାହିଁ । ଥରେ ଅଧେ ହିଁ ବୁଢ଼ା କୁଡ଼ିଆରୁ ବାହାରେ । ସେ କ’ଣ ଖାଏ, କ’ଣ କରେ କେହି ଜାଣନ୍ତି ନାହିଁ । ଏନେଇ ଅନେକ ଲୋକଙ୍କ ମୁହଁରୁ ଅନେକ କଥା ଶୁଣିବାକୁ ମିଳେ । ସଫେଦ ଚୁଟି, ମଳିନ ଚମକୁ ଦେଖି ତା’ ବୟସର ହିସାବ କରିବାକୁ ଗଲାବେଳେ ଆଖିର ତେଜ, ମୁହଁର ଗମ୍ଭୀରତା ଏବଂ ଲମ୍ବାଲମ୍ବା ପାହୁଣ୍ଡ ସେ ସବୁକୁ ଭୁଲ କରିଦେଉଥିଲା । ନିଧେଇ ଅଜା କୁହନ୍ତି, ତାଙ୍କ ଠାରୁ ମଧ୍ୟ ସେ ବୁଢ଼ାର ବୟସ ଅଧିକ । ତଥାପି ସେ ଠିକ୍ ଠିକ୍ କିଛି କହିପାରନ୍ତି ନାହିଁ ।

ଦିନକର ଘଟଣା, ଆକଶରୁ ମେଘ ହଟିଯାଇଥିଲା । ୫-୬ଦିନର ଝିପିଝିପି ବର୍ଷା ଥମି ଯାଇଥିଲା । ସକାଳ ସୂର୍ଯ୍ୟ କରିଣରେ କାଶତଣ୍ଡୀର ଧଳା ଫୁଲ ଲାଲ ଦେଖାଯାଉଥିଲା । ବାଡ଼ିପଟେ କୁଶ ବହୂ ନିଜର ମଉଳା ଲୁଗାକୁ ଧୋଇ ଶୁଖାଉଥିଲା । ସୁବ ମାଉସୀ ନିଜ ନାତିର ଦେହରେ ହଳଦିତେଲ ଘସି ଦେଉଥିଲା । ମନୁଆ ନିଜ ଗୁହାଳର ଓଦା

ପାଳଗୁଡ଼ିକୁ ଗାଁ ଦାଣ୍ଡରେ ଶୁଖାଉଥିଲା। ହିଡ଼ରେ ଠିଆ ହୋଇ ଫକୀର ଜମିର ପାଣି ମାପୁଥିଲା।...ହଠାତ୍ !

'ଧନୀ ନାୟକର ନାତି ସହରରୁ ଲୋକ ନେଇଆସିଛି ରେ'-ବିଲ ପଟୁ ନନ୍ଦର ଡାକ ଶୁଣାଗଲା।

ଧନୀ ନାୟକର ନାତି ଏବେ ଏମ୍ଏଲ୍ଏ। ଧନୀ ଥିଲା ଗାଁର ସାଆନ୍ତ। ଦେଶ ସ୍ୱାଧୀନ ହେଲା ପରେ ବି ଧନୀର ସାଆନ୍ତଗିରି ଚାଲିଥିଲା। ସ୍ୱାଧୀନତା ଆଗରୁ ଗୋରା ସରକାରର 'ମହାଜନୀ' ସନନ୍ଦ ଧନୀର ଦାଣ୍ଡ ଦୁଆରର ଠିକ୍ ଉପରେ ଝୁଲୁଥିଲା। ପରେ ସେଠାରେ ଗାନ୍ଧୀବୁଢ଼ା କଟକ ଆସିଥିବା ଫଟୋ ଝୁଲିଲା। ସେ ଫଟୋକୁ ଦେଖାଇ ଧନୀ କହୁଥିଲା, ଗାନ୍ଧୀବୁଢ଼ାର ଚାରିଧାଡ଼ି ଠିକ୍ ପଛକୁ ଯେଉଁ ହାତଟା ଉପରକୁ ଦେଖାଯାଉଛି, ସେଇଟା ମୋର। ଏହାରି ବଳରେ କରଜ ଓ ବାହୁ ବଳରେ ହଡ଼ପ କରିଥିବା ଜମି ଆଉ ସମ୍ପତ୍ତି ସୁରକ୍ଷିତ ଥିଲା। ଥରେ ଅମାର ଘରେ ଧନୀ ଶୋଇଥିଲା। ରାତି ଅଧରେ ଗାଁ..ଗାଁ ହୋଇ ତଳେ ଗଡ଼ପଡ଼ ହେଲା। ଚାକରବାକର ତାକୁ ଉଦ୍ଧାର କରି ଘରକୁ ଆଣିଥିଲେ। ହାତରେ ବେକରେ ସବୁ ନଖଦାଗ ଥିଲା। କେହି କେହି କହିଲେ, ବେତାଳ ମାଡ଼ିବସିଥିବ। ଝଡ଼ାଫୁଙ୍କା କରାଗଲା। ଦୁଇଦିନ ପରେ ଅମାର ଘରେ ନିଆଁ ଲାଗିଗଲା, ଘରର ସିନ୍ଧୁକ ଭାଙ୍ଗି କେହି ସୁନାଗହଣା ଚୋରାଇ ନେଲା। କେହି କହିଲେ, ଗୁଣିଆ ପେଶିଛି। ଯାଗଯଜ୍ଞ, ଅଭିଷେକ, ଦାନ କରାଗଲା। ଶେଷରେ ଚିନ୍ତାରେ ଧନୀ ଖଟିଆ ଧରିଲା। ତଥାପି ଗାଁ ଛାଡ଼ିବାକୁ ତା'ର ଇଚ୍ଛାନଥିଲା। ପୁଅ ଜୟ ସହରକୁ ତାକୁ ଭିଡ଼ିଓଟାରି ନେଇଗଲା। ସେ ଗଲା ପରେ କିଛି ଲୋକ ଧନୀ କବ୍ଜାରେ ଥିବା ଜମିରୁ ଫାଳେଅଧେ ନେଇ ଚାଷ କଲେ, ସୁଧ ଦେବା ବନ୍ଦ କଲେ। ତଥାପି ଧନୀ ପରିବାର କବ୍ଜାରେ ଥିଲା ଆଖପାଖ ୨୦ଖଣ୍ଡ ଗାଁର ଅଧାଅଧି ଜମି। ଏବେ ସେହି ଜାଗାରେ ଧନୀର ନାତି ଏକ ଫ୍ୟାକ୍ଟରି କରିବ। ଏଣୁ, ଜମି ମାପଚୁପ କରିବାକୁ ମହୁରିଅର, ଆର୍ଆଇକୁ ନେଇ ଆସିଛି। କାଳେ ଅସୁବିଧା ହେବ ଜାଣି ସାଥିରେ ୧୦-୧୫ଜଣ ସହରୀ ଭେଣ୍ଡା ଓ ଦୁଇଟା ମାଟିଆ କୁର୍ତ୍ତାପିନ୍ଧା ଲୋକଙ୍କୁ ବି ଆଣିଛି।

ଧନୀ ନାଏକର ଜମି ପାଖର ସେଇ କୁଡ଼ିଆ। ଧନୀର ନାତିର ପଲଟନ ସେଠାରେ ଅଟକି ଥିଲା। ଗାଁ ଲୋକଙ୍କ ଭିଡ଼ ଜମିଥିଲା। ବୁଢ଼ା ନିଜ ଡାହାଣ ପାଦର ବୁଢ଼ା ଆଙ୍ଗୁଠିରେ ଢିରା ଦେଇ ଦୁଇହାତରେ ନଡ଼ିଆ କତା ଦଉଡ଼ିଟା ମଳୁଥିଲା। ତାକୁ ସେଠାରୁ ହଟିଯିବାକୁ ଧମକଚମକ ଦେଉଥିଲେ ଧନୀନାତିର ଚେଲାଚାମୁଣ୍ଡା। କିନ୍ତୁ ବୁଢ଼ା ନିର୍ବିକାର ଥିଲା।

ଶେଷରେ ଧନୀନାତିର ଇସାରାରେ ଦୁଇଜଣ ସହରୀ ଭେଣ୍ଡା ବୁଢ଼ା ଆଡ଼କୁ ମୁହାଁଇଲେ । ବୁଢ଼ାର ହାତ ଅଟକି ଗଲା । ଆଖି ଟେକି ଚାହିଁଲା । ଆଖିରେ ନିଆଁ । ମୁହଁ ଖୋଲିଲା ବୁଢ଼ା । କି ଶବ୍ଦ ! ଆଷାଢ଼ମାସରେ ମେଘ ଗର୍ଜିଲା ଭଳି ଶୁଣାଯାଉଥାଏ ।

- ଏ ମାଧୁ ହାଡ଼ି ନିଜ ମୁଣ୍ଡରେ ଗାଁ ଲୋକଙ୍କ ମଇଳା ଉଠାଇଛି ସତ, କିନ୍ତୁ ମୁଣ୍ଡ ନୁଆଁଇବା ଶିଖିନାହିଁ । କାହିଁକି ଜାଣିଛୁ ?

ଚାରିପଟେ ବେଢ଼ି ରହିଥିବା ଗାଁ ଲୋକ ଦୁଇପାଦ ପଛକୁ ଘୁଞ୍ଚିଗଲେ ।

- ଏଁ ! ଛି, ଛି, ଏଇ ବୁଢ଼ା ଟା ଜାତିରେ ହାଡ଼ି ! କେତେଥର ଗାଁ ଦାଣ୍ଡ ଆମର ମାରା କରିଛି । ସୁର କହିଲା, ଯା ହେଉ ସେଦିନ ପୁନିଆଟା ତାକୁ ଧରିବାକୁ ଦଉଡୁଥିଲା ମୁଁ ଟାଣି ଆଣିଲି, ନହେଲେ କଥା ସରନ୍ତା ।

ବୁଢ଼ା ଉଠି ଠିଆ ହେଲା । ପୁଣି କହିଲା,

-"... ମୁଣ୍ଡ ନଇଁଗଲେ ମଇଳା ନିଜ ଦେହରେ ପଡ଼ିବ, ତା ସହ ଗାଁଦାଣ୍ଡ ମାରା ହୋଇଯିବ । ସେଇ ଅଭ୍ୟାସଟା ଆଜିବି ରହିଛି । ତୋ' ଜେଜେ ଗୋରା ସାହେବ ଆଗରେ ମୁଣ୍ଡ ନୁଆଁଇଲା, ସାହେବର ଚଟି ଉଠାଇ ସଫାକଲା । ପରେ ଜାତି ଲୋକର ମୁଣ୍ଡ-ପେଟ କାଟିଲା । ଏ ମୁଣ୍ଡ ନୁଆଇଁ ନାହିଁ କି କାହାରି ତଣ୍ଟି କାଟିନାହିଁ । ....ଚାଲିଯା ଏଠୁ ।"

ଗାଁ ଲୋକ ସବୁ ଅବାକ୍ । ବୁଢ଼ା ମୁହଁରୁ ବାହାରୁ ଥିବା ଶବ୍ଦ ନଥିଲା, ନିଆଁ ଝୁଲ ଥିଲା । ପଟିଆ ଚୁପିଚୁପି ଜଗା କାନରେ କହିଲା ।

- ଏ ବୁଢ଼ା ନିଶ୍ଚେ ମିଛ କହୁଛିରେ ଜଗା । ସେ ସେଇ ହାଡ଼ି ନୁହେଁ, ଯେ ମଇଳା ଟେକେ । ଏ ତ ସେଇ ହାଡ଼ି ଜାତି, ଯିଏ ଦେଶରୁ 'ଗୋରା' ମଇଳାକୁ ଉଠାଇ ଦରିଆପାରି ଫିଙ୍ଗିଥିଲା ।....ହେ...ହେ...ହେ । ଜଗା କ'ଣ ବୁଝିଲା କେଜାଣି, ବୁଢ଼ାକୁ ଜୁଳୁଜୁଳୁ କରି ଅନାଇ ମୁଣ୍ଡଟାକୁ ଟୁଙ୍ଗାରୁଥିଲା ।

ଶୋଷଣ

ଦୁଇହାତର ଆଙ୍ଗୁଠିରେ ଗାଁର ଘରଗୁଡ଼ିକ ଗଣି ହୋଇଯାଏ । ସେଇଟା ଗାଁ ନୁହେଁ ଗୋଟିଏ ପରିବାର । ଗାଁ ମଝିରେ ଥିବା କଚ୍ଚା ମାଟି ରାସ୍ତାଟି ଗାଁର ଚାରି ପୁଞ୍ଜା ଘରକୁ ଦୁଇଭାଗ କରୁ ନଥିଲା, ଲାଗୁଥିଲା ଯେମିତି ଗୋଟିଏ ଘରର ଅଗଣା । ସେଇଠି ମାଧିଆ ବହୂ ଲୁଗା ଶୁଖାଏ, ହରି ମଉସା ମରୀଚ, ମଣି ବାପା ଧାନ, ଗୌରୀ ନାନୀ ହଳଦି ଶୁଖାନ୍ତି । ଆଉ ପୁନିଆ ଅଜା ବି ସେଠାରେ ଖଟିଆରେ ଖରା ପୁଅଁନ୍ତି । ଧାନକଟା ପରେ ସେଠାରେ ଭୋଜି ହୁଏ । ନାଚଗୀତ ବି ହୁଏ । ଗାଁ ର ସେ ମୁଣ୍ଡ ଘରେ ପାର୍ବତୀର ଝିଅ କାନ୍ଦିଲେ, ଏ ମୁଣ୍ଡରୁ ମଣି ମାଉସୀ ଡାକ ଛାଡ଼ନ୍ତି । ଗଣ୍ଡୁ କକା ଘରେ ମାଉଁସ ରନ୍ଧାହେଲେ, ସୁକୁ ଘରେ ବାସନା ବାହାରେ । ଗାଁର ଗୋଟିଏ କଡ଼କୁ ବିଲ । ଏ ବିଲ ଖଣ୍ଡକ ମୋର ବୋଲି କେବେ କେହି କହିନାହାନ୍ତି । ସବୁ ମିଳିମିଶି ଚାଷ କରନ୍ତି, ଧାନ ରୁଅନ୍ତି, ଧାନ କାଟନ୍ତି, ହଳାରେ ରଖନ୍ତି । ଏଥିପାଇଁ କେହି କାହାକୁ ଡାକେ ନାହିଁ । ଆରପଟରେ ପାହାଡ଼କୁ ଲାଗି ଜଙ୍ଗଲ । ସେଇଟା ଜଙ୍ଗଲ ନୁହେଁ, ଗାଁର କୋଠ ଘର । ଜାଳ ପାଇଁ କାଠ, ତେନ୍ତୁଳି, ହଳଦି, ନରକୋଳି, ବରକୋଳି, ଆମ୍ବ, ସଜନା, କେନ୍ଦୁ, କୁକୁଡ଼ା, ମିରିଗ ସବୁ ମିଳେ । ଗାଁର ଗାଈଗୋରୁଙ୍କ ପାଇଁ ଘାସ ଓ ଦିସାରିର ଜଡ଼ିବୁଟି ବି ସେଇଠୁ ମିଳେ । ଏମିତି ଚାଲିଥିଲା ଗୁଣୁଗିରି ତଳର ଏହି ଗାଁଟି । ଗାଁର ନାଁ କ'ଣ ହେବ ସେନେଇ ଥରେ ଦୁଇଥର ଗାଁ ଦାଣ୍ଡରେ ବୈଠକ ହୋଇଥିଲା, କିନ୍ତୁ କିଛି ଫଇସଲା

ହେଲାନି । ସବୁ କହିଲେ, 'ଏସବୁ ଏ ଗୁଣ୍ଡଗିରିର । ଆମର ବୋଲି କ'ଣ ଅଛି ଯେ । ନାଁ ଦେଇ ଆମେ ଗୁଣ୍ଡଗିରଠୁ ଭିନ୍ନ ହେବାନି । ବାସ୍ ଆଉ ଏନେଇ କେହି କେବେ ମୁହଁ ଖୋଲିନାହାନ୍ତି ।'

ଦିନେ ଗାଁରେ ଜଣେ ବୁଲାବିକାଳୀ ପହଞ୍ଚିଲା । କଳା ମଚମଚ ଦେହ । ଦେହର ଲୁଗା ସାତସିଆଁ । ସେଥିରୁ କିମିତି ଓଡ଼ଶ ଭଳିଆ ଗନ୍ଧ ବାହାରୁଥିଲା । ହାତରେ ଏକ ଦଦରା ସାଇକଲ ଓ ଛିଣ୍ଡା ଅଖାରେ ବନ୍ଧା ହୋଇଥିଲା ଶଗଡ଼ିଏ ଜିନିଷ । ସେଥିରେ ଥିଲା ଆଲୁମିନାର ଗିନା, ଥାଳି, ଚଢୁଆ, ଗ୍ଲାସ । ପ୍ଲାଷ୍ଟିକ୍‌ର ଖେଳଣା, ଝୁମ୍ପି, କାନଫୁଲ, ରଙ୍ଗବେରଙ୍ଗର ଚୁଡ଼ି, ମୁଦି, ବାସନାତେଲ, ଅତର । ବିଲାତି ଆଳୁ, ଗୁଣ୍ଡ ଲୁଣ, ମସଲା ବି ଆଣିଥିଲା । ତା' ସାଇକଲର କ୍ରିଁ...କ୍ରିଁ ଶୁଣିଲେ ଗାଁର ବୁଢ଼ାବୁଢ଼ି ନାକ ଟେକୁଥିଲେ । ଭେଣ୍ଡିଆଙ୍କ ମୁହଁ ଲାଲ ହେଉଥିଲା । ମା'ର ପଣତ ଭିତରେ ଛୁଆ ମୁହଁ ଲୁଚାଉଥିଲେ । ଶେଷରେ ଲୋକଟା ଗାଁର ଚାରି ପାଞ୍ଚ ଦିନ ଚକ୍କର କାଟିବା ପରେ ଦିନେ ପାଣି ମାଗିଲା । ସୁକୁ ମା' ଦୟା ବିଚାରି ପାଣି ଢାଳଟିଏ ବଢ଼ାଇଦେଇ ଚୁପ୍ ବସିଲା । ଲୋକଟା ସୁକୁ ମା'କୁ କହିଲା,-କିଛି ନ ନେବୁତ ନ ନେ । କିନ୍ତୁ ଥରେ ଦେଖି ନେ । ଏଥିରେ କ'ଣ ପାପ ଲାଗିବ କି ?

ଦୁଇଦିନ ପରେ ସୁକୁ ମା'ର କାନଫୁଲଟି ଦେଖିବାକୁ ଗାଁ ଝିଅ ଓ ବହୂଙ୍କ ଭିଡ଼ ଲାଗିଥିଲା । ତା'ପରେ ସେ ଲୋକଟା କାହିଁକି କେଜାଣି ଆଉ ଗାଁରେ ବୁଲିଲା ନି । ଗାଁ ମୁଣ୍ଡ ବରଗଛ ମୂଳେ ବସିଲା । ଥରେ ପମି ମାଉସୀ ଚୁଡ଼ି ନେଲେ, ପାଖରେ ପଇସା ନଥିଲା । ଈଶୁ ମୁହଁକୁ ଜୁଳୁଜୁଳୁ ହୋଇ ଚାହିଁବାରୁ ଈଶୁ ମୁରୁକି ହସି କହିଲା,- ହଉ ଯଦି ମନପାଉଛି ନେଇଯା । ପରେ ହଳଦୀ ଦୁଇମୁଠା ଆଣିଦେବୁ । ସର୍ବେଶ୍ୱର ସବୁ ଚଳାଇନେବ । ଆମେ ଦକ୍ଷିଣୀ ଆଡ଼ର ବେପାରୀ ଜାତି, ଲୋକକୁ ଠିକ୍ ଚିହ୍ନିଛୁ । ଲୋକଟାର ଗୋଟେ ନାଁ ଅଛି ବୋଲି ସେଦିନ ଗାଁ ଲୋକ ଜାଣିଲେ । କିନ୍ତୁ କାହାରି ଜିଭ ଠିକ୍ ଲେଉଟୁନଥିଲା ।ଏଣୁ ତାକୁ ଈଶୁ ଡାକୁଥିଲେ ।

ଏହାପରେ ବରଗଛ ମୂଳରେ ଗହଳି ଜମିଲା । ପନ୍ଦର ଦିନ ପରେ ଆହୁରି ଜିନିଷ ଆଣିବ ବୋଲି ଈଶୁ ସହରକୁ ବାହାରିଲା । ତା'ର ଗୋଟିଏ ସାଇକଲରେ ଅଦା, ହଳଦି, ବାଜରା, ମାଣ୍ଡିଆ ନେଇ ହେଲାନି ବୋଲି ଧନୁ, ନୁକା ଦୁଇଜଣ ଭାର ବୋହି ଗୁଣ୍ଡଗିରି ସେପଟ ଯାଇଥିଲେ । ସେଇ ଧୂଆଁ ଉଡ଼ା ବସ୍ ପାଖକୁ । ସାତ ଦିନ ପରେ ପୁଣି ଫେରିଲା । ଏଥର ସାଥିରେ ତା'ର ମାଇକିନା ଥିଲା । ସେ ଏଥର ବରଗଛ ମୂଳେ ବସିଲା । ମାଇକିନାଟା

ଖରାବର୍ଷାରେ ବସିବା ଦେଖି ଗାଁ ଲୋକ ନିଜ ହାତରେ ଝାଟିମାଟି ଦେଇ ଚାଳିଆଟେ ତିଆରି କଲେ । ଏଥର ଈଶୁ ଦୁଇ ତିନି ଦିନକୁ ଥରେ ସହର ଗଲା । ସାଥିରେ ଧନୁ, ନୁକା ସହ ଆଉ ଦୁଇ ଭେଣ୍ଡିଆ ଭାର ବୋହି ଯାଉଥିଲେ । କିଛିଦିନ ପରେ ଦେଖାଗଲା ନୁକା ରାସ୍ତାରେ ଗଡୁଛି । ମୁହଁରୁ ଗନ୍ଧ ବାହାରୁଛି । ଖବର ନେବାରୁ ଜଣାଗଲା ଈଶୁ ସହରରୁ କାଚରେ ରଙ୍ଗପାଣି ଆଣିଥିଲା । ନୁକା ତା' ଭାର ବୋହି ସାଥିରେ ଯାଉଥିଲା ବୋଲି ତାକୁ ଖୁସିରେ ପିଇବାକୁ ଦେଇଥିଲା । ଏମିତି ପୁଣି କଟିଲା ଆଉ କିଛି ମାସ ।

ଏହା ଭିତରେ ଈଶୁର ଝାଟିମାଟି ଘରଟା ବଦଳିଯାଇଛି । ଛଅ ବଖରାର ବଡ଼ ଘର ହୋଇଯାଇଛି । ନୁକା ତା' ମାଇକିନା ସହ ସବୁଦିନ ଝଗଡ଼ା ଲାଗୁଛି । କାମ କିଛି କରୁନି । ସବୁଦିନ ଖାଲି ଈଶୁ ପାଖରେ ବସୁଛି । ତଥାପି ଗାଁ ଲୋକ ଚୁପ୍ ଥିଲେ । ଦିନେ ଈଶୁର ମାଇକିନା ଗଣ୍ଡୁ ଖୁଡ଼ିକୁ କହିଲା, "ତୁ ମସଲା, ଆଳୁ ତୁଛାଟାରେ ନେଉଛୁ କି ? ସୁକୁ ବହୂକୁ କାହିଁକି ଦେଉଛୁ । ତାକୁ କହୁନୁ ସେ ଅଦା, ଛାଞ୍ଚୁଣି ଦୁଇବିଡ଼ା ଦେଇ ଜିନିଷ ନେବ ।" ଦିନେ ଦେଖାଗଲା ସୁକୁ ଆଉ ଗଣ୍ଡୁ କକା ଆଉ ମୁହଁ ଚାହୁଁନାହାନ୍ତି ।

ଏମିତି ଆଉ କିଛି ଦିନ ଗଲା । ଗାଁ ଦାଣ୍ଡ ଖାଁଖାଁ ଲାଗୁଥିଲା । ଧାନକଟାରେ ନାଚଗୀତ, ଭୋଜି ହେଉ ନଥିଲା । ବିଲ ବି ଭାଗ ଭାଗ ହୋଇଯାଇଥିଲା । ନୁକା ରୋଗରେ ପଡ଼ିଥିଲା । ଦିସାରିର ଔଷଧଟୁଣୁକା କାମ କଲାନି । ସହରରୁ ଭଲ ଔଷଧ ଆଣିବ ବୋଲି ନୁକାର ମାଇକିନାକୁ ଈଶୁ କହିଲା । ପଇସା ନଥିବାରୁ ନୁକା ଛଅ ମାଣ ଚାଉଳ କୁମୁଟିକୁ ଦେଲା । ଔଷଧ ଆସିଲା, କିନ୍ତୁ ନୁକା ଆଉ ଭଲ ହେଲାନି । ନୁକାର ମାଇକିନା ପେଟ କାଟି ଔଷଧ ପାଇଁ ଈଶୁକୁ ଚାଉଳ ଦେଉଥିଲା । ଶେଷରେ ଆଉ ପାରିଲାନି, ନୁକା ଆଖିବୁଜିଲା ।

ଈଶୁ ଏଥର ଧଳା ଲୁଗା ପିନ୍ଧୁଥିଲା । ଅତର ଲଗାଉଥିଲା । ନିଜର ପୂର୍ବ ବେପାର ଛାଡ଼ି ଦେଇଥିଲା । ନିଜ ଘରକୁ ପକ୍କା କରିସାରିଥିଲା । ପାଖରେ ଗୋଦାମ କରିଥିଲା । ଏଥିରେ ଜଙ୍ଗଲର ଶାଳ, ଚନ୍ଦନ କାଠ, ହାତୀଦାନ୍ତ, ବାଘ ଚମଡ଼ା ସବୁ ସାଇତି ରଖିଥିଲା । ସୁକୁ, ମଣି, ସନି ସବୁ ସେଠାରେ ମୂଲ ଲାଗୁଥିଲେ । ମାଧିଆ ବିଲରେ କାମ ନକରି ସେଇ ଈଶୁ କୁମୁଟିର ଗୁମାସ୍ତା ସାଜିଥିଲା । ଧନୁ ସହରକୁ ଯିବ ବୋଲି ନିଜ ବିଲ ଈଶୁକୁ ବିକି ଦେଇଥିଲା । ଗାଁ ନାଁ ବି ବଦଳି ସର୍ବେଶ୍ୱର ହୋଇଗଲା । ଦିନେ ଶୁଣାଗଲା 'ସର୍ବେଶ୍ୱର ଗାଁ'କୁ କଳା ମଚମଚ ପିଚୁ ରାସ୍ତା ପଡ଼ିବ । ବସ୍ ଆସିବ । ଗାଁରେ ବିଜୁଳି ଆଲୁଅ ଜଳିବ ।

ଘର

– 'ଏତେ ରାତି ହେଲାଣି । କାହିଁକି ଏମିତି ହେଉଛୁ । ଲୋକେ ଶୁଣିଲେ କ'ଣ କହିବେ ?' ଏଇଆ କହି ମୁନୁବଉ ଦୀର୍ଘ ଶ୍ୱାସ ଛାଡ଼ିଲେ । ବଢ଼ିଲା ପୁଅର ମୁହଁ ବନ୍ଦ କରିବାକୁ ବୋଧହୁଏ ଆଉ କିଛି ବାଟ ପାଉ ନଥିଲେ । ବଢ଼ିଲା ନଈ କ'ଣ ଆଞ୍ଜୁଳେ ବାଲିରେ ଅଟକେ ! ମୁନୁ ଆହୁରି ଚଢ଼ା ଗଳାରେ କହିଲା ।

– 'ଦେଖେ ବଉ । ଲୋକେ କ'ଣ କହିବେ, କ'ଣ ଭାବିବେ, ସେଥିରେ ମୋ'ର ମୁଣ୍ଡ ଖେଳାଇବାର ନୁହେଁ । ଟଙ୍କା ଥିଲେ ମୁଣ୍ଡ ଉଠାଇ କେହି କହିପାରିବେ ନାହିଁ । ବାପାଙ୍କ ପାଇଁ ଜେଜେ କିଛି ରଖି ନଥିଲେ ଯାର ମାନେ ନୁହେଁ ଯେ ସେ ମୋ ପାଇଁ କିଛି ରଖିବେ ନାହିଁ । ଭିକାରିର ପରମ୍ପରା ଆଗକୁ ବଢ଼ାଇବେ । ସେ ଯୁଗ ଯାଇଛି ବଉ । ବାପାକୁ ବୁଝାଇଦେ । ଘର ସମ୍ଭାଳି ପାରୁନାହାନ୍ତି ଯେତେବେଳେ...'

ମୁନୁର ଏହି କଥାରେ ମୁନୁବଉର ହାତ ଉଠିଗଲା, କିନ୍ତୁ ଅଟକିଗଲା...କିଛି କ୍ଷଣରେ ସବୁ ରାଗ ଆଖିରୁ ଲୁହ ଛଳଛଳ ହୋଇ ବହିବାରେ ଲାଗିଲା । ଅଜାଣତରେ ମୁହଁରୁ ବାହାରିଗଲା, 'ମୁନୁ ପାଟି ବନ୍ଦ କରେ କହୁଛି...' । ତଥାପି ଦୁନିଆରେ ଆଗକୁ ବଢ଼ିବାର ପ୍ରାଣମୂର୍ଚ୍ଛା ଦୌଡ଼ରେ ତାଳ ଦେଇପାରୁ ନଥିବା କୋହ ଓ ନିଜ ଦୁର୍ବଳତାକୁ ଘୋଡ଼ାଇବାର ଚେଷ୍ଟା ଭିତରେ ମୁନୁ ଘାଣ୍ଟି ଚକଟି ହେଉଥିଲା ।

ମୁନୁବାପା କିନ୍ତୁ ନିଶ୍ଚଳ ନିରବ । ଗୋଟିଏ ପଟେ ପୁଅର ମୋହ ଓ ଆରପଟେ ନିଜ ଅସହାୟତା ଭିତରେ ସେ ବନ୍ଦୀ ହୋଇଯାଇଥିଲେ । ତଥାପି ଅସହାୟତା ଲୁଚାଇବାର ପୁରୁଷ ସୁଲଭ ଗୁଣକୁ ଚପାଇ ନପାରି ପ୍ଲାଷ୍ଟିକ୍ ଚୌକିର ଧାରକୁ ଜାବୁଡ଼ି ଧରୁଥିଲେ ।

ଏତେବେଳ ଯାଏଁ ମୁନୁକୁ ଅନାଇଥିଲେ, ଅଶୋକଙ୍କ ଆଡ଼େ ଆଖିପଡ଼ିବା ପରେ ମୁନୁବଉ ଦୋଛକିରେ ପହଞ୍ଚିଗଲେ । ଉପାୟ ନପାଇ କହିଲେ- 'ମୁନୁ! ବେଶି ହୋଇଗଲା । ଯଦି ମୁହଁ ବନ୍ଦ ନକରିବୁ, ମୁଁ ନିଜ ବେକରେ ଦଉଡ଼ି ଦେବି ।

ନିଶ୍ଚଳ ଅଶୋକ ଥରି ଉଠିଲେ, ହଠାତ୍ ଉଠି ନିଜ ଶୋଇବା ଘରକୁ ଚାଲିଗଲେ । ମୁନୁବଉ ମଧ୍ୟ ଉଠି ପଛେପଛେ ଚାଲିଗଲା । ମୁନୁର ଚୁପ୍ ରହିବା ବ୍ୟତୀତ ଆଉ କିଛି ବାଟ ନଥିଲା ।

ରାତି ପାହିଲା । ଆଗଦିନ ଭଳି ଆଜିର ସକାଳଟା କୌଣସି ଅଲଗା ନଥିଲା । ପୂର୍ବ ଦିଗରେ ସୂର୍ଯ୍ୟ ସେଇ ଗାଁ ପାହାଡ଼ କନ୍ଦିରୁ ଉଇଁଥିଲେ । ମନ୍ଦିରର ଘଣ୍ଟା ସେମିତି ଠନ୍ ଠନ୍ ହୋଇ ବାଜୁଛି । ବାଡ଼ିପଟ ପିଜୁଳି ଗଛରେ କାଉଟା କା କା ରାବୁଛି । ସବୁଦିନ ଭଳି ମୁନୁବଉ ମୁଣ୍ଡରେ ଓଢ଼ଣା ଦେଇ ଚଉରା ମୂଳରେ ପାଣି ଦେଉଛନ୍ତି । ଦଦରା ବାଉଁଶ ବାଡ଼ ଉପରେ ଏଣ୍ଡୁଅଟି ମୁଣ୍ଡ ଟୁଙ୍ଗାରୁଛି ।

ମୁନୁବଉ ସବୁଦିନ ଭଳି ପଚାରିଲେ- 'ଚାହା କରିବି ?'

ଉତ୍ତର ମିଳିଲାନି । ଗତକାଲିର କଥା ମନେପଡ଼ି ଛନକା ପଶିଲା । ତରତରରେ ଘର ଭିତରକୁ ପଶିଲେ ମୁନୁବଉ । କାହିଁ କେଉଁଠି ପାଉନିତ । ଘରର ଏମୁଣ୍ଡରୁ ସେମୁଣ୍ଡ ଏକ ନିଶ୍ୱାସରେ ଖୋଜି ପକାଇଲେ । ମୁନୁ ଏଯାଏଁ ତକିଆ ତଳେ ମୁଣ୍ଡ ଜାକି ଶୋଇଛି । ଦାଣ୍ଡପିଣ୍ଡାକୁ ଗଲେ । ହରିନନାଙ୍କ ସହ ସେ କଥା ହୋଇ ଘରଆଡ଼କୁ ହିଁ ଆସୁଥିଲେ । ମୁନୁବଉ ମୁଣ୍ଡରେ ଓଢ଼ଣି ଦେଉଦେଉ ପଣତକାନିରେ ନିଜ ମୁହଁଟି ପୋଛି ପକାଇଲେ । ଦାଣ୍ଡ ଆଗରେ ମୁନୁବଉକୁ ଦେଖି ଅଶୋକ ମୁରୁକି ହସି କହିଲେ- ଦୁଇକପ୍ ଚା' କର ? ମୁନୁବଉ ଘର ଭିତରକୁ ଗଲାବେଳେ ହରିନନାଙ୍କ କଥା ଶୁଣାଯାଉଥିଲା- 'ବଳଦ ବୁଢ଼ା ହେଲେ ମାଲିକ ଯୁଆଳି ଉଠାଇଦିଏ । ଗୋଟିଏ ପଟେ ମାଡ଼ ଓ ଯୁଆଳି ଭାରରୁ ମୁକ୍ତି ମିଳିଲେ ବି ଏଥିରେ ଏମିତି ଦେହସୁହା ହୋଇଯାଇଥାଏ ଯେ, ମୁକ୍ତି ଟା ବି ପିତାଲାଗେ... । ମୁନୁବଉ ରନ୍ଧାଘରେ ପହଞ୍ଚୁ ପହଞ୍ଚୁ ହରିନନା କଥା ଆଉ ଶୁଣାଗଲାନି । ସେଥିରେ କାନ ନଦେଇ ମୁନୁବଉ ଡାକ ଛାଡ଼ିଲେ- 'ଆରେ ମୁନୁ ଉଠେ । କଲେଜ ଯିବୁନି କି ?

ରାଜନୀତି

ସନ୍ଧ୍ୟା ସମୟ । ମାଛିମାଛି ଅନ୍ଧାର । ଗାଁ ମୁଣ୍ଡରେ ଆଖି ଝଲସାଇ ମଝିରେ ମଝିରେ ଆଲୁଅ ଚମକି ଉଠୁଥିଲା । ଢୋ ଢୋ ବାଣ ଶବ୍ଦଟା ଗାଁର ଶାନ୍ତ ପରିବେଶରେ ଚାପୁଡ଼ା ମାରିବା ଭଳି ଲାଗୁଥିଲା । କାନ୍ଦୁରୀର ଝିଅ ଶୋଇଥିଲା କି କ'ଣ, ହଠାତ୍ ଚମକି ପଡ଼ି ରାହା ଧରି କାନ୍ଦିବାକୁ ଲାଗିଲା । ଲୁଗା କାନିର ଉଷୁମ କିମ୍ବା ମା'ର କଅଁଳ ହାତର ପିଠି ଥାପୁଡ଼ା କିଛି କାମ କରୁନଥିଲା । ଏଣୁ କାନ୍ଦୁରି ଝିଅର କାନ୍ଦ ଥମୁ ନଥିଲା । ତଥାପି କାନ୍ଦୁରି ନିଜର ଉତ୍କଣ୍ଠାକୁ ଦବାଇନପାରି ଝିଅକୁ କାନ୍ଧେଇ ଦାଣ୍ଡ ଦୁଆରରେ ପହଞ୍ଚିଲା । ଲାଗୁଥିଲା ପଟୁଆର ଟା ଗାଁ ଦାଣ୍ଡରେ ଠୋ ଠୋ ହସି ଛାତିଫୁଲାଇ ସତେଯେପରି ମାଡ଼ି ଆସୁଛି ।

ଅଦିନରେ ଏ କାହାର ପଟୁଆର ? ବାଜାବାଣ ଶବ୍ଦରେ ହୁରୁଡୁ ଥିବା ଛଡ଼ାକୁ ପଘାରେ ବାନ୍ଧୁବାନ୍ଧୁ ଜଗା ଅଜା ମଧୁକୁ ପଚାରିଲେ । 'କ'ଣ ଜାଣି ନାହଁ କି ଅଜା, ଏପରା ପାଖ ଗାଁର ଟିମା ଫଟକାର ପଟୁଆର'-ମଧୁ କହିଲା । 'ଏତ ଚତୁର୍ମାସିଆ । ଅଦିନରେ କ'ଣ ଏମିତି ହେଲାଯେ ସେ ଯୋଡ଼ିମହୁରୀ ଲୋଡ଼ାହେଲା!' ଜଗା ଅଜାର ଏଭଳି ସରଳିଆ ପ୍ରଶ୍ନରେ ମଧୁ ଠୋ ଠୋ ହୋଇ ହସିଲା । 'ଆଉ କ'ଣ ହୋଇଛି କି ?' ଜଗା ଅଜା ମାଟିଆ ଗାମୁଛାରେ ଝାଳୁଆ ମୁହଁଟା ପୋଛୁପୋଛୁ ପଚାରିଲେ । ମଧୁ ପଟୁଆର ଆଡ଼କୁ

ଗୋଡ଼ କାଡୁକାଡୁ ବିରକ୍ତରେ କହିଲା, 'ଓଃହୋ! ସେ ପରା ମୁଖ୍ୟମନ୍ତ୍ରୀଙ୍କ ଦଳର ବ୍ଲକ ସଭାପତି ହୋଇଛି ।'

ଟିମା ଫଟକା । ତା' ଘର ସମୁଦ୍ର କୂଳିଆ ମାଡିଲି ଗାଁରେ । ଟିମାର ବାପା, ଜାତିରେ କଣ୍ଡରା ହେଲେ ବି ତା' ଜାତିଭାଇଙ୍କ ଭଳି ଛାତି ଟାଣ କରି ସମୁଦ୍ର ଭିତରକୁ ମାଛ ମାରିବାକୁ ଯାଇପାରିଲା ନାହିଁ । ଏଣୁ, ପେଟ ପୋଷିବାକୁ ଗାଁର ଗାଈ, ଛେଳି, ମେଣ୍ଢା ଚରାଇଲା । ଟିମା ଜନ୍ମରୁ ବାଲୁଙ୍ଗା ହେଲେବି ଧୂର୍ତ୍ତ ଥିଲା । ସେ ବି ବାପାର ଦେଖାଦେଖି କେବେ ସମୁଦ୍ର ଭିତରକୁ ଗଲାନାହିଁ । ସ୍କୁଲକୁ ନ ଯାଇ ସହରକୁ ସିନେମା ଦେଖିବାକୁ ପଳାଉଥିଲା । କହିବାକୁ ଗଲେ ତାକୁ ସମୁଦ୍ରର ଘୋ ଘୋ ଶବ୍ଦଠୁ ସହରର ଘେଁଘେଁ..ପେଁପେଁ ଶବ୍ଦଟା ଅତି ନିଜର ଲାଗୁଥିଲା । ବୟସ ହେବା ପରେ ଗାଁର ସରପଞ୍ଚ, ୱାର୍ଡ଼ ମେମ୍ବର ଘରେ ଡେରା ପକାଇଲା । ତାଙ୍କ ପଛରେ ପଛରେ ଜିନ୍ଦାବାଦ୍ କଲା, ତାଙ୍କ ଛତା ଧରିଲା । କାରଣ, ସେଠାରୁ ତାକୁ ନିୟମିତ ସହର ଯିବାକୁ ସୁଯୋଗ ମିଳୁଥିଲା । ଦିନକର କଥା-

ଦଳୀୟ ବୈଠକରେ ସରପଞ୍ଚ ସହର ଯିବାର ଥାଏ । ସକାଳୁ ସକାଳୁ କାଠ କାଟିବା ବେଳେ ସରପଞ୍ଚଙ୍କ ହାତ ମକଚି ହୋଇଗଲା । ଦୈବ ଯୋଗକୁ ସେଦିନ ଗାଁକୁ ଆସୁଥିବା ବସ୍‌ଟା ବି ଭାଙ୍ଗିଯାଇଥିଲା । ସ୍କୁଟରରେ ନେଇ ସହରରେ ଛାଡ଼ିଆସିବାକୁ ସରପଞ୍ଚ ଟିମାକୁ କହିଲେ । ବହୁତ ଦିନ ଧରି ସ୍କୁଟର ନେଇ ସହର ଯିବ ବୋଲି ଟିମାର ବଡ଼ ଇଚ୍ଛା ଥିଲା, ଆଜି ମୌକା ମିଳିଗଲା । ଧୋବ ଫରଫର କମିଜ ପିନ୍ଧି ଗୋଟିଏ ଡିଆଁରେ ଟିମା ପ୍ରସ୍ତୁତ ହୋଇଗଲା । ରାସ୍ତାରେ ସରପଞ୍ଚ ଦଳର ଉପସଭାପତିଙ୍କ ପତିଆରା କଥା କହୁଥିଲେ । ସେ କିଭଳି କଉ ଠାରୁ କଙ୍କଡ଼ା ଯାଏଁ ଗୋଟାପଣ ଗିଳିଦିଅନ୍ତି, ତା ବି କହିଲେ । ହଠାତ୍ ସ୍କୁଟରର ବ୍ରେକ୍‌କୁ ଟିମା କଷିଲା । ରାସ୍ତାକଡ଼ରେ ବଡ଼ବଡ଼ କଙ୍କଡ଼ା ଧରି ଜଣେ ମାଛବାଲୀ ବସିଛି । ଚାଙ୍ଗୁଡ଼ିରେ ମେଞ୍ଚା ମେଞ୍ଚା କଙ୍କଡା । ଜଣେ ଉପରକୁ ଚଢ଼ିବା ବେଳେ ଆଉଜଣେ ଗୋଡ଼ ଟାଣିଦେଉଛି । ପାଣି ନୁହେଁ ଏହି ଟଣାଟଣି ହିଁ କଙ୍କଡ଼ାଗୁଡ଼ାକୁ ବଞ୍ଚାଇ ରଖିଥିଲା । ଟିମା ମୁହଁରେ ହସର ଧାର । ସରପଞ୍ଚ କିଛି ବୁଝିପାରୁ ନଥିଲେ । ପନ୍ଦରଟା କଙ୍କଡ଼ାକୁ ଦଳ ଆଉ ପାଳ ଦେଇ ବନ୍ଧାବନ୍ଧି କଲା ଟିମା । ସହରରେ ପହଞ୍ଚି ସରପଞ୍ଚଙ୍କୁ ଦଳୀୟ ଅଫିସରେ ଛାଡ଼ିଦେଲା । ଅଫିସରେ ଗହଳି ଲାଗିଥିଲା । ସଭାପତି, ଉପସଭାପତି ଆହୁରି ପହଞ୍ଚିନଥିଲେ । ସ୍କୁଟରରେ ତେଲ ପକାଇବି କହି ଟିମା ସେଠାରୁ ଚାଲିଆସିଲା ।

କଙ୍କଡ଼ାକୁ ଧରି ମାଡ଼ିଚାଲିଲା ଉପସଭାପତିଙ୍କ ଘରକୁ । ଉପସଭାପତି ଘରୁ ବାହାରୁଥିଲେ । ଗେଟ୍ ପାଖରୁ ହିଁ ଟିମା ନଇଁ ପଡ଼ି ନମସ୍କାର କଲା । ପାଖକୁ ଯାଇ ପାଦ ଛୁଇଁଲା । କହିଲା, 'ଆଜ୍ଞାସାର୍ ମୋତେ ଚିହ୍ନି ପାରୁଛନ୍ତି ?' ମନ୍ତ୍ରୀଙ୍କ ଫୁଲକା ଫୁଲକା ମୁହଁରେ ଆଖି ଦୁଇଟା ଅଛି ବୋଲି କେବଳ ଚଷମାଟି ଚିହ୍ନାଉଥିଲା । ଚଷମା ଉପରକୁ ଟେକି ମନ୍ତ୍ରୀ 'ହଁ' କି 'ନାହିଁ' କହିବେ ବୁଝିପାରୁନଥିଲେ । ପଚାରିଲେ, 'କ'ଣ ହେଲା ?' ଟିମା ମୁଣ୍ଡ ପଛପାଖ ଟିକିଏ କୁଣ୍ଡାଇ ପୁଣି ନଇଁ ପଡ଼ି ହାତ ଯୋଡ଼ି କହିଲା, ' ମୁଁ ଟିମା ସାର୍, ଆପଣ ଅମୁକ ଦିନ ମାତିଲି ଆସିଥିଲେ । ମୁଁ ପରା ଆପଣଙ୍କ ଦଳର ଲୋକ ।' ନେତାମାନେ ନିଜ ଦଳର ଲୋକଙ୍କୁ ନଚିହ୍ନିଲେ ତାଙ୍କ ପାରିବା ପଣ ଉପରେ ଦାଗ ଲାଗେ । ଏଣୁ ମନେପଡୁ ନଥିଲେ ମଧ୍ୟ 'ହଁ' ଭରିଲେ ।

'ସାର୍ ! ଖାସ୍ ଆପଣଙ୍କ ପାଇଁ ମୁଁ ଲୋକ ଲଗାଇ ଏହି କଙ୍କଡ଼ା ଧରିଛି' କହି ଟିମା ହାତରେ ଧରିଥିବା କଙ୍କଡ଼ା ଥଳିଟା ଖୋଲି ଦେଲା । କଙ୍କଡ଼ାଗୁଡ଼ିକ ଏବେବି ଗୋଡ଼ ଟଣାଟଣି ହେଉଥିଲେ । ମନ୍ତ୍ରୀଙ୍କ ଆଖିଯୋଡ଼ାକ ଚମକି ଉଠିଲା, ଯେମିତି ଅନ୍ଧାରୁଆ ଗାତରୁ ଶୃଗାଳଟିଏ ମୁଣ୍ଡ କାଢ଼ି ବାହାରି ଆସୁଛି । ଧଳା ରୁମାଲ୍‌ରେ ମୁହଁ ପୋଛୁପୋଛୁ ଡାକ ଛାଡ଼ିଲେ, 'ହଇକିହୋ, କୁମୁଦିନି, ଦେଖୁଛ କ'ଣ ଆସିଛି । ଟିମା କ'ଣ ନେଇ ଆସିଛି ।'

ଠିକ୍ ଏହାର ସାତଦିନ ପରେ ସରପଞ୍ଚଙ୍କ ବଦଳରେ ଟିମା ବ୍ଲକର ଦଳୀୟ ସଭାପତି ହୋଇଗଲା । ତା'ପରେ ଏ ପଟୁଆର.... ।

ଅନୁପ୍ରବେଶ

ଭୁବନେଶ୍ୱର । ଗାଁରୁ ରାଜଧାନୀ ହୋଇଛି । କୋଠା ଘରର ଉଚ୍ଚତା ଯେତିକି ବଢ଼ିଛି ମଣିଷ ପଣିଆ ସେତିକି ଛୋଟ ହୋଇଯାଇଛି । କଳା ମଚମଚ ରାସ୍ତା ଚଉଡ଼ା ବଢ଼ିଛି ସତ, କିନ୍ତୁ ଲୋକଙ୍କ ହୃଦୟର ରାସ୍ତା ସଙ୍କୀର୍ଣ୍ଣ ହୋଇଯାଇଛି । କୁହାଯାଏ ଚଣ୍ଡାଶୋକଠାରୁ ଏହି ସ୍ଥାନ ତା'ର ଚଣ୍ଡାଳତ୍ୱକୁ ଛଡ଼ାଇ ନେଇ ଧର୍ମାଶୋକ କରିଦେଲା । ଦୀର୍ଘଦିନ ପରେ ଭୁବନେଶ୍ୱର ଗାଁ ଦେଇ ପୁରୀରେ ପହଞ୍ଚୁ ପହଞ୍ଚୁ ମୋହନ ଦାସ ଦେହରୁ ସଭ୍ୟତାର ପୂରା ଲୁଗାକୁ ଛଡ଼ାଇନେଇ ତାକୁ ଅଧାପୁଙ୍ଗୁଳା 'ମହାତ୍ମା'ର ରୂପ ଦେଇଦେଲା । ଏଠାକୁ ଯିଏ ଆସିଛି ସେ ତା'ର ପୂର୍ବ ଗୁଣ ଓ ଚରିତ୍ରକୁ ଛାଡ଼ିଦେଇଛି । ଏଭଳି ତ୍ୟାଗରେ କିଏ କେଉଁ ବାଟରେ କେତେ ଧନୀ ହୋଇଛି, ସେଇଟା ଏକ ଆପେକ୍ଷିକ ତତ୍ତ୍ୱ । କିନ୍ତୁ ଅର୍ଥ, ପ୍ରତିପତ୍ତି ପଛରେ ଗୋଡ଼ାଉଥିବା ମଣିଷର ସମ୍ପର୍କ ଭିତରେ ଏବେ ଅନେକ ଖାଲି ଜାଗା । ଏହି ଖାଲି ଜାଗାରେ ନିଜକୁ ବଞ୍ଚାଇବା ପାଇଁ ବସ୍ତି ଭଳି ଅନେକ ଚରିତ୍ର । ଏହା ଭିତରେ ତ୍ରେତୟା ଯୁଗର ସୂର୍ପଣଖା ଭଳି ଏକ ସାମୂହିକ ଚରିତ୍ର ପ୍ରଭାବଶାଳୀ ଢଙ୍ଗରେ ନିଜ କାମ କରିଚାଲିଛି...

ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଏକ ସାଧାରଣ ସଭା । ସଭା ଉହାଡ଼ରେ ଏହା ଏକ ପ୍ରକାର ସେଲିବ୍ରିଟି 'ବନ୍ଧୁମିଳନ' ଥିଲା । ଅତିଥି ଭାବେ ତିନି ଜଣ ମନ୍ତ୍ରୀ । ଜଣେ ବଲିଉଡ଼ର ଚଳଚ୍ଚିତ୍ର ନାୟିକା । ଓଲିଉଡ଼ର ଅନେକ ନାମୀଦାମୀ କଳାକାର, ଗାୟକ, ନିର୍ଦ୍ଦେଶକ ଇତ୍ୟାଦି ଯେତେବେଳେ ଭରପୂର ଅଫିସରଙ୍କ ଅଭାବ ରହନ୍ତା କିମିତି ! ସାଧାରଣ ସଭାରେ ଷ୍ଟାର,

ସେଲିବ୍ରିଟିଙ୍କ ମିଳନ । ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା । ସେଥିପାଇଁ ଅନେକ ଆଗରୁ ସିଟ୍ ଖଣ୍ଡିଏ ଆବୋରି ଧରି ବସିପଡ଼ିଥିଲେ ସମସ୍ତେ । କିନ୍ତୁ ସଭା ସମୟ ପାଖେଇ ଆସୁ ଆସୁ ଆୟୋଜକଙ୍କ ଭଲ୍ୟୁଣ୍ଟିଅରମାନେ ସଭାରୁ ସାଧାରଣଙ୍କୁ ଏଡ଼ାଇବା ଆରମ୍ଭ କଲେ । ଚାପରେ ପଡ଼ି 'ନୈତିକତା' ଆଳରେ ଅନିଚ୍ଛାକୃତ ପଦବୀ ଛାଡ଼ିବା ମନ୍ତ୍ରୀଙ୍କ ଭଳି ସାଧାରଣ ଲୋକଗୁଡ଼ାକ ନିଜ ସିଟ୍ ସବୁ ଛାଡ଼ିଲେ । ଗ୍ୟାଲେରିର ୪ର୍ଥ ନମ୍ବର ଧାଡ଼ିର କୋଡିଏ ନମ୍ବର ସିଟ୍‌ରେ ଜଣେ ଭଦ୍ରବ୍ୟକ୍ତି ଓ ଉଣେଇଶ ନମ୍ବର ସିଟ୍‌ରେ ଆଉ ଜଣେ ଯୁବକ ବସିଥିଲେ । ହଠାତ୍ ସେଠାକୁ ତିରିଶ ପଇଁତିରିଶ ବର୍ଷର ଜଣେ ମହିଳା ଧସେଇ ପଶିଆସିଲେ । ମହିଳାଙ୍କ ଏଭଳି ବେଧଡ଼କ ଅନୁପ୍ରବେଶ ଦେଖି ବିଚରା ଯୁବକ ଜଣକ ବିନା ପ୍ରତିବାଦରେ ସିଟ୍‌ଟି ଛାଡ଼ିଦେଲେ । ଉଠିବା ସମୟରେ ଯୁବକଟିର ଦେହରେ ମହିଳାଙ୍କ ଦେହଟି ଘସି ହୋଇଗଲା । ବୋଧହୁଏ ଯୁବକଙ୍କ ନିସ୍ୱାର୍ଥପର ତ୍ୟାଗର ପୁରସ୍କାର ଦେବାକୁ ମହିଳାଜଣକ ଏଭଳି ଜାଣିଶୁଣି କରିଥିଲେ ।

ସେପଟେ ସଭା ମଞ୍ଚରେ ଅତିଥିଙ୍କ ଭାଷଣ ଚାଲୁଥିଲା । ମହିଳାଙ୍କ ସାନିଧ୍ୟ ପାଇ ଭଦ୍ରବ୍ୟକ୍ତି ଉଲ୍ଲସିତ ଥିଲେ ବି ଗାମ୍ଭୀର୍ଯ୍ୟ ମୁଖାରେ ଢାଙ୍କିବାକୁ ଚେଷ୍ଟା କରୁଥିଲେ । ମହିଳା ଜଣକ ମଧ୍ୟ ଭଦ୍ରବ୍ୟକ୍ତିଙ୍କୁ ପାଖରେ ପାଇ 'କମ୍‌ଫର୍ଟେବୁଲ୍' ବୋଲି ଭଙ୍ଗି, ଆଖିର ଠାଣି ଓ ମୁରୁକି ହସାରେ ଜଣାଇଲେ । କିଛି ସମୟ ବିତିଲା । ଉଭୟ ମାନସିକସ୍ତରରେ ନିକଟତର ହୋଇଯାଇଥିଲେ । ସଭା ଶେଷରେ ନୈଶ୍ୟ ଭୋଜି । ଧାଡକିଆ ପଂକ୍ତି ଭୋଜନରେ ଖାଇବା ଆସନ ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା, ବଫେ ବ୍ୟବସ୍ଥାରେ ସେମିତି ନାହିଁ । ନିକଟତର ହେବାକୁ ଢେର ସୁଯୋଗ ।

- ସାର୍ ! ଆପଣ ଖାଇଲେଣି ?

- ଓଃ ! ନା' ଆପଣ ?

- ନା, ତେବେ ଆସନ୍ତୁ ।

ଭଦ୍ରବ୍ୟକ୍ତି ଜଣକ ନିଜକୁ ଭଦ୍ର ବୋଲି ପ୍ରମାଣିତ କରିବାକୁ ଡିସ୍ ଟେବୁଲ୍ ନିକଟରେ 'ଲେଡିଜ୍ ଫାଷ୍ଟ୍' କହି ମହିଳାଙ୍କ ହାତକୁ ପ୍ଲେଟ୍ ଟି ବଢ଼ାଇଦେଲେ ।

- ମୋର ଅର୍ଗାନାଇଜେସନ୍ ଅଣସଂଗଠିତ ମହିଳା ସୁରକ୍ଷାଙ୍କ ପାଇଁ କାମ କରେ । ଏବେ କାଠଯୋଡ଼ି ଘଟଣାରେ ପିଆଇଏଲ୍ କରିଛି । କାଲି ପିଏମ୍‌ଜିରେ ରାଲି କରୁଛୁ । ଦଶ ବାର ହଜାର ହାଉସ୍ କିପରଙ୍କୁ ଏକଯୁଟ କରାଯାଇଛି । ଏଠାକୁ ଆସିବିନି ବୋଲି ଭାବିଥିଲି, କିନ୍ତୁ କଲଚର ଡିରେକ୍ଟର ବହୁତ ପ୍ରେସର କଲେ । ଆଭୋଏଡ୍ କରିପାରିଲିନି । ଆପଣ କୁହନ୍ତୁ, ଚାକର ବୋଲି କ'ଣ ଜଣେ ନିଜର ଆତ୍ମସମ୍ମାନକୁ ବିକ୍ରି କରିଦେବ ?

- ସରି !

- ସେଇ କାଠଯୋଡ଼ି କଥା ମ !

- ଓଃ ! ଏ ନେଇ ମୁଁ ଟିଭି ନ୍ୟୁଜ୍‌ରୁ ଦେଖିଛି । ମୋ କାମ ଯେମିତି, ଡିଟେଲ୍ ପାଇଁ ସମୟ ପାଇନି । ଅନେକ ସମୟରେ ଷ୍ଟେଟ୍‌ର ବିଭିନ୍ନ ପ୍ଲେସ୍‌କୁ ଯିବାକୁ ପଡ଼େ ।

- କ'ଣ କରନ୍ତି ?

- ମୁଁ ଟେଲିକମ୍ କମ୍ପାନୀର ମ୍ୟାନେଜର ।

- ଚାଇଲ୍ଡ୍ !

- ହଁ ସିଙ୍ଗଲ୍ । ଡିଏଭିରେ ସେକଣ୍ଡ ଷ୍ଟାଣ୍ଡାର୍ଡ ପଢ଼େ ।

-ୱାଇଫ୍ !

- ମୁରୁକି ହସା ଦେଇ ! ମିନୁ ମିନ୍‌ସ ମିନତି, ସେ ହାଉସ୍ ୱାଇଫ୍ ।

ଭଦ୍ର ବ୍ୟକ୍ତିଜଣକ ଖାଇସାରି ହାତ ଧୋଇବାକୁ ଗଲେ । ମହିଳାଜଣକ ମଧ୍ୟ ନିଜ ଖାଇବା ଅଧାରୁ ରଖି ସାଥିରେ ହାତ ଧୋଇଲେ । ଗଲା ବେଳେ,

- ସାର୍ ! ମୋର ମିଶନ୍ ପାଇଁ ଆପଣଙ୍କ ଭଳି ଲୋକର ହେଲ୍‌ପ ଦରକାର । ଖରାପ ଭାବିବେନି ।
ଭେନିଟିରୁ ମୋବାଇଲ୍‌ଟି ବାହାର କରି ଭଦ୍ରବ୍ୟକ୍ତିଙ୍କ ମୁହଁକୁ ଅନାଇ କହିଲେ,
- ନମ୍ବର ଟା ପାଇପାରେ...

ଏହା ଭିତରେ କିଛି ମାସ ବିତିଗଲା ।

- ହ୍ୟାଲୋ !

- ହଁ ମିନୁ ! କ'ଣ...

- ମମି ! ଆଉ ମୁଁ ପାରୁନି । ... ଟଲ୍‌ରେଟ୍ କରିବାକୁ ଅନେକ ଚେଷ୍ଟା କଲି...

- ମା' କ'ଣ ହୋଇଛି ତୋର ?

- ଗଲା ଦୁଇ ମାସ ଧରି... ଲାଷ୍ଟ୍ ରାତିରେ ମୋତେ...

ହଠାତ୍ କିଏ ଆସିବା ଦେଖି କଥା ବନ୍ଦ କରି ମିନୁ ମୋବାଇଲ୍‌ଟି କାନ ପାଖରୁ ଓହ୍ଲାଇନେଲା । କିନ୍ତୁ ମୋବାଇଲ୍‌ର ଅଫ୍ ସୁଇଚ୍‌ଟି ଟିପିବାକୁ ଭୁଲିଯାଇଥିଲା । ସେପଟେ ମିନୁ ମା' ଯାହା ଶୁଣିଲେ, ସେଥିରେ ପାଦ ତଳୁ ପୃଥିବୀ ଖସିଲା ଭଳି ଲାଗିଲା । ବାହାଘରର ନଅ ବର୍ଷ ପରେ ବି....କିଏ ସେ ପୋଡ଼ାମୁହିଁ !!!

ଜଙ୍ଗଲ ଲୁକ୍

ବୈଶାଖ ମାସ । ଦିନ ଅଢ଼େଇଟା ହେବ । ଅଙ୍କାବଙ୍କା ପଥୁରିଆ ପାହାଡ଼ିଆ ରାସ୍ତା । ଗାଡ଼ିମଟର କଥା ଛାଡ଼ ମଣିଷ ଆରାମରେ ଚାଲିବା ମୁସ୍କିଲ୍ । ଜଙ୍ଗଲ ବୋଇଲେ ଗଛ ଅଛି କିନ୍ତୁ ମଣିଷ ମାରିଲା ଭଳିଆ ଜନ୍ତୁ ନାଇଁ । ଚାରିଆଡ଼େ ଖାଲି ଶୁଖିଲା ଡାଳପତ୍ର । କାଁଭାଁ ଦୁଇ-ତିନିଟା ମାଙ୍କଡ଼ ଗଛ ଡାଳରେ ଦିଶୁଛନ୍ତି । ଦୁଇଟା ଆଦିବାସୀ ପିଲା । ବୟସ ୮ କି ୯ ବର୍ଷ ହେବ । ଅଣ୍ଟାତଳକୁ ନୀଳ ହାଫ୍ ପ୍ୟାଣ୍ଟ୍, ଛାତିରେ ଧଳା ସାର୍ଟଟିଏ । ଗୋଟିଏ ହାତରେ ବହି ବସ୍ତାନି, ଆଉ ଗୋଟେ ହାତରେ ମୁଣ୍ଡରେ ଥିବା ବଡ଼ ବ୍ୟାଗ୍‌ଟିକୁ ଜାବୁଡ଼ି ଧରିଛନ୍ତି । ଦେହ ମୁଣ୍ଡରୁ ଝାଳ ନିଗିଡ଼ିପଡୁଛି, ଆବୁଡ଼ାଖାବୁଡ଼ା ଢାଲୁଢିପ ରାସ୍ତାରେ ଧଇଁସଇଁ ହୋଇ ଚାଲିଛନ୍ତି । କିନ୍ତୁ କେଉଁଠି ଥକାମାରି ବସୁନାହାନ୍ତି ।

- ‘କିରେ ଏ ଖରାରେ କୁଆଡ଼େ ଯାଉଛ ।’

- ‘ଘରକୁ’ ।

- ‘କେଉଁଠୁ ଆସୁଛ କି ?’

ପୁଣି ସଂକ୍ଷେପ ଉତ୍ତର- ‘ସ୍କୁଲରୁ’ ।

ସ୍କୁଲରୁ ! ଟିକିଏ ଛାନିଆ ଲାଗିଲା ।

- 'କିରେ ସ୍କୁଲ ଟା କେଉଁଠେ ?'

ଗୋଟେ ପିଲା ବହି ବସ୍ତାନିଟାକୁ ଦୁଇଗୋଡ଼ ମଝିରେ ରଖି ହାତ ଉଠାଇ ଦେଖାଇ କହିଲା

- 'ରାଇକିଆ' ।

ସେପଟେ ମୁହଁ ଘୁରାଇ ଦେଖିବା ବେଳକୁ ଖାଲି ପାହାଡ଼ ଆଉ ପାହାଡ଼ । କେମିତି ଅସ୍ୱାଭାବିକ ଲାଗିଲା ! ରାଇକିଆ ଠାରୁ ଡାହୁ ବସ୍, କ୍ୟାଣ୍ଟର କିମ୍ବା ଟ୍ରେକରରେ ଦାରିଙ୍ଗିବାଡ଼ି ସେଠାରୁ ବ୍ରାହ୍ମଣୀଗାଁ ରାସ୍ତାରେ ଛକକୁ ଆସିଲେ ୫-୬ଘଣ୍ଟାର ରାସ୍ତା ।

- 'କ'ଣ ବସ୍ ନାହିଁ ?'

ଉତ୍ତର ମିଳିଲା- 'ଅଛି ଯେ, ସକାଳେ ନାହିଁ । ସେଥିରେ ଆସିବାବେଳକୁ ରାତି ହେଇଯିବ ପରା । ଏପଟେ ଆସିଲେ ଶୀଘ୍ର ପଳାଇଆସିବୁ ।'

ପିଲାମାନଙ୍କ ଦେହରେ ମାଂସ ନାହିଁ । କେବଳ ହାଡ଼ ଉପରେ ଚମଡ଼ା । କିନ୍ତୁ ସେ ଭିତରୁ ଶିରାପ୍ରଶିରା ସବୁ ଫୁଟି ଉଠୁଥିଲା । ଠିକ୍ ଏକ ବୟସ୍କ ଖଟିଖିଆର ଦିହ ପରି ।

- 'ରାଇକିଆରୁ କେତେ ବାଟ କି ?'

- 'ଜାଣିନି' ।

- 'ସବୁଦିନ ଆସୁକି ?'

ଆର ପିଲାଟି ଡାକ ଦେଲା- 'ଆସେ ରେ' ।

ପିଲାଟି ଚାଲିଯାଉଯାଉ କହିଲା - 'ନା, ସ୍କୁଲ ଛୁଟି ହେଇଗଲା ।'

ଗାଁ ମୁଣ୍ଡ କରଞ୍ଜ ଗଛମୂଳେ ଦୁଇ ସ୍ତ୍ରୀ ଲୋକ । ସେମାନଙ୍କ ବୟସ ୫୦ କି ୬୦ ହେବ ବୋଲି ଜଣାପଡୁଥିଲା । ଜଣକ କୋଳରେ ଛୁଆଟି । ନିରେଖି ଦେଖିବାରୁ ସେ ଛୁଆଟି ମଣିଷ ପିଲା ବୋଲି ଜଣାପଡ଼ିଲା ।

- ଆୟା ଜୁହାରୀ, 'ଏ କ'ଣ ତୋ ନାତି କି ?'

ମୁରୁକି ହସା ଦେଇ ପିଲାଟିକୁ ଟିକିଏ ଛାତିରେ ଜାବୁଡ଼ି ଦେଇ କହିଲା

- ' ନା ମୋ' ପୁଅ' ।

ଆଉ ବୁଝିବାରେ ବାକି ନଥିଲା, ଆଦିବାସୀ ବୋଲି ସମସ୍ତେ ଛାଡ଼ିଦେଇଛନ୍ତି, ଶେଷରେ ବୟସ ମଧ୍ୟ ଠକିଦେଇ ପଳାଇବାକୁ ତରତର ହେଉଛି । କେବଳ ଗରିବୀଟା ଅତି ଆପଣାର

ବୋଲି ଜାବୁଡ଼ି ଧରିଛି । ସେମାନଙ୍କ ଦେହର ଲୁଗାତକ ମଧ୍ୟ ଜୀବନର ଶେଷ ସମୟରେ ପହଞ୍ଚିଯାଇଛି । ପାଖରେ ୪-୫ ବର୍ଷର ଦୁଇଟି ପିଲା । ନାକରୁ ସିଙ୍ଗାଣି ବୋହି ଧୂଳିମାଟି ଲାଗି କଳା ହୋଇଯାଇଛି । ଜଣକର ନାହି ଟା ଦୁଇ ଇଞ୍ଚ ଫୁଲି ଯାଇଥିଲା । ୧୪ ବର୍ଷର ଝିଅ କୋଳରେ ଜଣେ ୩ ବର୍ଷର ପିଲା । ପିଲାଟିର ବେକରେ କ'ଣ ଗୋଟେ ଜିନିଷଟେ ଝୁଲୁଥିଲା । ଦେହ ଯାକ କାଛୁକୁଣ୍ଡିଆ । ମାଛି ଭଣଭଣ । ତଥାପି ପିଲାଟି ନିର୍ବିକାର । ଝିଅଟି ଦେହରେ ସ୍କୁଲରେ ମାଗଣା ମିଳୁଥିବା ପିଠି ପଟୁ ହୁକ୍ ଛିଡ଼ିଯାଇଥିବା ଗାଉନ୍‌ଟି ଥିଲା । ଗାଉନ୍‌ଟି ବି ବାରଂବାର କାନ୍ଧ ଦେଇ ଖସିଯାଉଥିଲା ।

- 'ଏ ଝିଅ, ପିଲାର ବେକର କ'ଣ ଟାକି ?'

ସ୍ତ୍ରୀ ଲୋକଟା କହିଲା- 'ନାହି ଟା', ଜନ୍ମ ପରେ କାଟି କି... ।'

ପ୍ରଶ୍ନଗୁଡ଼ାକର ଉତ୍ତର ଦେଇ ଉଠି ଚାଲିଯାଉଥିଲେ । ବୋଧହୁଏ ସେମାନଙ୍କ ସ୍ୱାଧୀନତାରେ ଆମର ଅନୁପ୍ରବେଶକୁ ଏହାଥିଲା ନିରବ ପ୍ରତିବାଦ ।

- 'ଏଠାକୁ ନକ୍ସଲ ଆସିଥିଲେ କି ?'

ଉତ୍ତର ମିଳିଲା ନାହିଁ, କିନ୍ତୁ ପ୍ରଶ୍ନ ମିଳିଲା । ସେ ପ୍ରଶ୍ନରେ ଶବ୍ଦ ନଥିଲା କେବଳ ମୁଣ୍ଡ ଉଠାଇ ଅନାଇଥିଲେ ଦୁଇଟି ସ୍ତ୍ରୀଲୋକ । ଆଖିରେ ଅନେକ ପ୍ରଶ୍ନ । ବୋଧହୁଏ ସେମାନେ ସହର ମଣିଷ ଭଳି ହାଡ଼ ମାଂସ ରକ୍ତରେ ତିଆରି ନୁହନ୍ତି । ଅନେକ ଅକୁହା ପ୍ରଶ୍ନରେ ଦିହଟା ତିଆରି ହୋଇଛି ।

- 'କ'ଣ ଜଙ୍ଗଲ ଲୁକ କି ?' ଉଠି ଚାଲିଯାଉଯାଉ ହାତ ଉଠାଇ ଦେଖାଇଲେ ଏକ ଦୂର ଜଙ୍ଗଲ ଭରା ପାହାଡ଼ ।

ମାଟିର ମୂଲ

ଗାଁରେ ପଶୁପଶୁ ପ୍ରଥମ ବୁଲାଣିରେ ଯେଉଁ ଚା' ଦୋକାନଟି ଅଛି ସେଇଟା ରାମସାହୁର । ଦୋକାନ କହିଲେ, ଦଦରା ଉଇ ଲଗା କାଠ ଚାରିପଟେ ଓ ଉପରେ ଢଙ୍କା ହୋଇଛି ଏକ ବିରାଟ ପ୍ଲାଷ୍ଟିକ୍ ବ୍ୟାନର । ବଡ଼ଜେନା ଜିତିବା ପରେ ବିପିଏଲ୍ କାର୍ଡ଼ କରାଇଦେବାର ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ ହେଲାନାହିଁ । କିନ୍ତୁ ନିଜ ନିର୍ବାଚନ ପ୍ରଚାରର ବିରାଟ ଓ ସୁଦୃଶ୍ୟ ବ୍ୟାନରଟି ଅଲୋଡ଼ା ହୋଇ ଚିରିଫାଟି ଯିବା ପରେ ରାମ ସାହୁକୁ ନେବା ପାଇଁ ଅନୁମତି ଦେଇଥିଲା । ଏହି ବ୍ୟାନରଟି ଦରଭଙ୍ଗା ଜୀବିକାର ସମ୍ବଳ 'ଚା' ଦୋକାନ'କୁ କିଛି ଜୀବନ୍ୟାସ ଦେଇଛି, ଏଥିପାଇଁ ରାମ ସାହୁର ମୁହଁରେ ସବୁବେଳେ ବଡ଼ଜେନାର ପ୍ରଶଂସା ।

ଦୋକାନ ମୁହଁରେ ଏକ ଭଙ୍ଗା କାଠ ଟେବୁଲ୍ । ପଞ୍ଚାୟତ ଅଫିସରେ ସେଦିନ ସରପଞ୍ଚ ଆଉ ସେକ୍ରେଟାରୀ ଭିତରେ ମାରଧର ହୋଇଥିଲା । ସେଥିରେ କାଠଟେବୁଲଟି ଭାଙ୍ଗିଯାଇଥିଲା । ବାହାରେ କିଛି ଦିନ ଖରାବର୍ଷାରେ ପଡ଼ି କତରା ହେବା ପରେ କୁହାବୋଲା କରି ରାମ ସାହୁ ସେଇଟିକୁ ଆଣିଛି । ଟେବୁଲର ଚାରିଟି ଗୋଡ଼ରୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଦୁଇଟି ଗୋଡ଼ରେ ବାଉଁଶ ଠେସା ଦେଇଛି, ଆଉ ଗୋଟିଏ ଗୋଡ଼ ଅଧା ଭଙ୍ଗାଥିଲା, ତାକୁ ଲୁହାତାର ଗୋଡ଼ାଇ ବାନ୍ଧିଛି । ଆଉ ଗୋଡ଼ଟି ଭାଙ୍ଗି ନଥିଲେ ବି ଆଉ

କିଛି ଦିନପରେ ଭାଙ୍ଗିଯିବ, ସେଭଳି ଜଣାଯାଉଥିଲା । ଦୋକାନରେ ଏକ କାଠ ଚୁଲି । ଦିନର କେବେକେବେ ଏଥିରେ ନିଆଁ ଜଳୁଥିଲା । ଅନେକ ସମୟ ସେଠାରେ ରାମ ସାହୁର ଦୁଇଟି ପୋଷା କୁକୁର 'ପମି' ଓ 'ନବୀ' ସହ ପୋଷା ବିଲେଇ 'ରଙ୍ଗ' ଭିଡ଼ ଜମେଇଥାନ୍ତି । ଗଲା ଇଲେକ୍ସନ୍ ସମୟରେ ଦୁଇଜଣ ସାମ୍ବାଦିକ ଗାଁକୁ ଆସିଥିଲେ । ବିଲେଇ-କୁକୁର ଏକାଠି ଥିବା ଦେଖି, ରାମ ସାହୁର ଫଟୋ ସହ ଖବରକାଗଜରେ ଛାପିଥିଲେ । ରାମ ସାହୁ ଏହି ଖବରକାଗଜର ଫଟୋ ଦୁଇଟିକୁ ବନ୍ଧାଇ ରଖିଛି । ଏହି ଫଟୋ ଛଡ଼ା ଦୋକାନରେ ଆଉ କୌଣସି ଭଗବାନଙ୍କ ଫଟୋ କେବେ କିଏ ଲାଗିଥିବା ଦେଖିନାହାନ୍ତି ।

ଗାଁରେ ରାମ ସାହୁର ଏକମାତ୍ର ଚା' ଦୋକାନ । ଚା'ଗୁଣ୍ଡ, ପାଣି, କ୍ଷୀର, ଚିନିର ଭାଗମାପ ଠିକ୍ ଥାଉ କି ନଥାଉ ରାମସାହୁର କଥା, ହସ ଓ ଆତ୍ମୀୟତା କେବେ ଊଣା ପଡ଼େନାହିଁ ।... ରାମ ସାହୁ ଦିନକୁ ସମୁଦାୟ କୋଡିଏ ତିରିଶ ଟି ଚା' ତିଆରି କରେ । ସେମଧ୍ୟରୁ ଅଧାଅଧି ବାକିରେ ଯାଏ । ବଳକା ଚା' ମଧ୍ୟରୁ କାହାଘରକୁ କୁଣିଆ ଆସିଲେ ନିଜଆଡୁ ଡାକିଆଣି ଚା' ପିଆଏ । ଏଭଳି ସମୁଦାୟ ଦିନକୁ କେବଳ ତାକୁ ଆଠ ଦଶଟି ଚା'ର ପଇସା ହିଁ ମିଳେ । ହଁ, ଚା' ସହ କେବେ କେବେ ବରା, ପିଆଜି ବି ତିଆରି କରେ । ଏଭଳି ସବୁ ମିଶାଇ ଦିନକୁ ୨୦-୨୫ ଟଙ୍କା ଆଦାୟ । କିଏ କିଏ ବାକି ପଇସା ନଦେଇ କିଛି ଚାଉଳ, ପୁରୁଣା ସାର୍ଟଟିଏ ଆଣି ଦେଇଦିଏ । ଆଉ ମାସ ଶେଷରେ ଦୋକାନର କିରାସିନି ଷ୍ଟୋଭ୍ ପାଇଁ ଛଅ ବୋତଲ କିରାସିନି, କ୍ଷୀରଗୁଣ୍ଡ ଡବାରେ ଭର୍ତ୍ତି ଚିନି ପାଇଁ ରାମ ସାହୁଠାରୁ ପାଖ ଗାଁ ଡିଲର ଦୁଇ ଶହ ଟଙ୍କା ନିଏ । ଆର ମାସ ଠାରୁ ଆଉ କୋଡିଏ ଟଙ୍କା ଅଧିକ ନେବ ବୋଲି ଡିଲର କହିସାରିଛି । ଏହା ସତ୍ତ୍ୱେ ବି ରାମ ସାହୁ କେବେ ଋଣ କରିନାହିଁ କି କାହାକୁ ବକୟା ମାଗିନାହିଁ ।

ହଠାତ୍ ଦିନେ ଗାଁର ଧୂଳି ଉଡ଼ାଇ ଏକ ସରକାରୀ ଗାଡ଼ି ଆସିଲା । ସେଥିରୁ ଦୁଇଜଣ ପୋଲିସ୍‌ବାଲା, ସହ ଗୋରାତକତକ ଦିଶୁଥିବା ଜଣେ ଲୋକ ଓହ୍ଲାଇଲେ । ସାଥିରେ ଆଉଜଣେ ଥିଲା, ତା' ମୁହଁରେ କଟାଚିହ୍ନ ମଧ୍ୟ ଥିଲା, ଆଖି ଲାଲ ହୋଇଯାଇଥିଲା, ହାତରେ, ବେକରେ ମୋଟା ସୁନାର ହାର ଚକ୍‌ଚକ୍ କରୁଥିଲା । ରାମ ସାହୁ ଚିହ୍ନିବାକୁ ଚେଷ୍ଟା କଲା । ତା'ର ସତୁରୀ ବର୍ଷ ଜୀବନ ଭିତରେ ସେ ନାଲି ଆଖିଆ ଛଡ଼ା ଏ ଲୋକଗୁଡ଼ାକୁ ଗାଁରେ କେବେ ଦେଖି ନଥିଲା । ଚୌକି ଆସିଲା, ସଫା କନା ପଡ଼ିଲା । ତଥାପି ଲୋକଟା ତାକୁ ଚାହିଁ ଦେଇ ନାକ ଉପର କଳା ଚଷମାଟାକୁ ଟେକି ଦେଇ 'ଥାଉ' କହି ଠିଆ ହୋଇରହିଲା । ନରିଆ ଆସି ସେହି ଲୋକଟାକୁ ଯୋଡ଼ ହସ୍ତରେ ନଇଁପଡ଼ି ପ୍ରଣାମ କଲା । ନରିଆ ଗାଁର

ଜଣେ ମାତ୍ର ମାଟ୍ରିକ୍ ପାସ୍ ପିଲା, ଗାଁର ୱାର୍ଡ଼ମେମ୍ବର । ଏଣୁ, ନରିଆର ଦେଖାଦେଖି ସବୁ ମୁଣ୍ଡ ନୁଆଁଇଲେ । କିଛି ସମୟ ସେ ଲୋକଟା କ'ଣ କହିଲା କେଜାଣି ପାଖରେ ଥିବା ପୋଲିସ୍‌ବାଲା ଜଣେ ଚଢ଼ାଗଳାରେ ଧମକ ଦେଲାପରି କିଛି କହିଲା । ରାମ ସାହୁକୁ ଶୁଣାଗଲା ନାହିଁ, କିନ୍ତୁ ଶୁଣିବାକୁ ଚେଷ୍ଟା କଲାନାହିଁ । କିଛି ସମୟ ଚାପା ଗୁଞ୍ଜରଣ ପରେ ଗାଁର ନିଧି, ରାଉତ ଛୁଆ, ଜେନା ନାତି ସବୁ ଆପଣା ଭିତରେ କଥାହୋଇ ଚାଲିଗଲେ ।

ଦୁଇଦିନ ପରେ ନରିଆ ତରବରରେ ସହରକୁ ବାହାରିବା ବାଟରେ ରାମ ସାହୁର ଦୋକାନରେ ଚା'ଟିଏ ପିଉଥିଲା । ରାମସାହୁ ପଚାରି ନଥିଲା, କିନ୍ତୁ ନରିଆ କହିଲା, "ଜାଣିଲୁ ଅଜା, ଏଠାରେ ଗୋଟେ କମ୍ପାନୀ ପାଇଁ ସରକାର ଜମି ନେବ । ଜମି ଏକର ବଦଳରେ ତିରିଶ ହଜାର, ଘରବାରିକୁ ପଚାଶ ହଜାର ଦେବ । ଗାଁରେ ପକ୍କା ଘର ତ ନାହିଁ ଏଣୁ ସମସ୍ତଙ୍କୁ ପଚାଶ ହଜାର ଲେଖାଏଁ ମିଳିବ । ...ଆଜି ତହସିଲଦାର ବାବୁ ଡକାଇଛନ୍ତି, କ'ଣ କହିବି, କରିବି କିଛି ବୁଝାପଡୁନାହିଁ । ...ତୁ କହ, କ'ଣ କରିବି ?

ରାମ ସାହୁ ବଡ଼ ଗଣିତଜ୍ଞ ନଥିଲା କି, ଅର୍ଥନୀତିଜ୍ଞ, ସେ କେବେ 'ଅ', 'ଆ' ଘୋଷିନାହିଁ କି ପଣକିଆ ଘୋଷିନାହିଁ । ଚା' ଦୋକାନରେ ଗଲା କୋଡ଼ିଏ ବର୍ଷ ଧରି କିଏ କେତେ ବାକି ନେଇ ଦେଇନାହିଁ କେବେ ହିସାବ କରିନାହିଁ, ଡିଲରକୁ କେତେ ଟଙ୍କା ବଦଳରେ କେତେ ଚିନି କିରାସିନି ଆଣିଲା ତା' ବି କଷିନାହିଁ, ନିଜ ପାଇଁ କେତେ ଆବଶ୍ୟକ କେତେ ଜଣାନାହିଁ । କେବଳ ହିସାବ କରିଛି...ତାର ପମି, ନବୀ ଆଉ ରଙ୍ଗର ପେଟ ପୂରିଛି କି ନାହିଁ । ଅମୁକ ଘରର କୁଣିଆକୁ ଆସିଲେ ତାଙ୍କୁ ଚା'ଟିଏ ପିଆଇଛି କି ନାହିଁ । ...କିନ୍ତୁ, ରାମସାହୁ କହିଲା, "ନରିଆ, କହିଲୁ, ସେ ଲୋକଟା ଯିଏ ଆସିଥିଲା, ତାକୁ ତୁ ଯେ ମୁଣ୍ଡିଆ ମାଇଲୁ.... । ସେ ପିନ୍ଧିଥିବା ପୋଷାକ ଆଉ ପାଦରେ ପିନ୍ଧିଥିବା ଜୋତାର ଦାମ ଇଞ୍ଚକୁ କେତେ ହେବ ? ସେଗୁଡ଼ାକ ଜମିର ଇଞ୍ଚକର ଦାମ ଠାରୁ ଅଧିକ ନା' କମ୍ ? ସହର ଗଲେ ସେଇ ତୋର ତହସିଲଦାର ବାବୁଙ୍କୁ ଟିକେ ପଚାରି ଆସିବୁ... ।"

ତଳେ ଭଙ୍ଗା ଟେବୁଲରେ ବସି ନରିଆ ବଲବଲ କରି ରାମ ସାହୁକୁ ଅନାଉଥିଲା....ରାମ ସାହୁର ଦେହଟା ଆହୁରି ଲମ୍ବା ଓ ବିରାଟ ଦେଖାଯାଉଥିଲା, ସତେଯେପରି ସେ ମହାଭାରତ ଯୁଦ୍ଧରେ ଅର୍ଜୁନ ସାଜିଛି, ଆଉ ରାମ ସାହୁ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଭଳି ବିରାଟ ହୋଇଯାଉଛି ।

ଧରମ ହାସ୍‌ପିତଲ

ଗାଁଠୁ ସହରଟା କେତେ ଦୂର ସେଇ କଥା ତା'ମଗଜରେ ନାହିଁ । ପହଞ୍ଚିବାକୁ କେତେ ସମୟ ଲାଗେ ସେଇ କଥା ବି ସେ ଜାଣିନାହିଁ । ସେ ଖାଲି ଏତିକି ଜାଣିଛି, ତା' ଗାଁରୁ ସଅଳ ସକାଳୁ ସହରକୁ ଗୋଟିଏ ବସ୍ ଯାଏ ଓ ପୁଣି ତା' ପରଦିନ ସକାଳକୁ ସେଇଟି ଫେରିଆସେ । ଖନି ମଉସା କହୁଥିଲା,

-ବାପ ! ଯଦି ତୋ କପାଳ ଟାଣ, ସକାଳୁ ସେଥିରେ ଚଢ଼ିଲେ, ସଞ୍ଜ ହେବା ପୂର୍ବରୁ ସହରରେ ପହଞ୍ଚିବୁ ।

ଲେଉଟାଣି ପାଇଁ ସେଇ ବସ୍‌କୁ ଧରିବାକୁ ହେଲେ ସହରର ବସ୍‌ଷ୍ଟାଣ୍ଡ୍‌କୁ ଆସିବାକୁ ପଡ଼େ । ତା' ଜିଭରେ ବସ୍‌ଷ୍ଟାଣ୍ଡ ଶବ୍ଦଟି ଓଲଟେ ନାହିଁ, ଆଉ ସେଇଟା କିଭଳି ଥିବା ଅନୁମାନ କରିବାକୁ ତା'ର ଯୁ' ପାଇ ନଥିଲା । ଯାହା ହେଉ ବହୁତ ଦିନ ପରେ ଏହି କଥାଟାକୁ ଗାଁ ମାଷ୍ଟ୍ରେ ସହଜିଆ କରି ବୁଝାଇଥିଲେ । ସେଥିରୁ ସେ ବୁଝିଥିଲା, ଗୁହାଳରେ ଗାଈବଳଦ ରହିବା ଭଳି ସହରର ଏକ ଜାଗାରେ ବସ୍‌ଗୁଡ଼ାକ ରହନ୍ତି ।

ତା' ଗାଁରୁ ସହରକୁ ଯାଉଥିବା ଲୋକଙ୍କ ମଧ୍ୟରୁ ଅନେକ ସେଠାର ବଡ଼ ଡାକ୍ତରଖାନାକୁ ହିଁ ଯାଆନ୍ତି । ସେ ଶୁଣିଥିଲା, ରୋଗବୈରାଗ୍ୟରେ ଯେତେବେଳେ ଝଡ଼ାଫୁଙ୍କା କି ଗାଁ ବଇଦର ଟୁଣୁକା କାମ କରେ ନାହିଁ ସେତେବେଳେ ଲୋକେ ସେଠାକୁ ଯାଆନ୍ତି । ସେଠାରେ ସରକାର

କୁଆଡ଼େ ଗରିବଗୁରୁବାଙ୍କ ସେବା କରି ଧର୍ମ ଅର୍ଜନ କରନ୍ତି । ବଇଦ କି ଅଉସଧ ପାଇଁ ପାହୁଲାଟେ ବି ଦେବାକୁ ପଡ଼େ ନାହିଁ । ଏଣୁ ତାକୁ ଧରମ ହାସ୍‌ପିତଲ କହନ୍ତି । ବସ୍ କଥାରେ ସହରକୁ ନେଇ ମନୁଆ ଭୋଇର ଯେଉଁ ଧାରଣା ଥିଲା ଏଇ ଧରମ ହାସ୍‌ପିତଲ କଥା ଶୁଣିବା ପରଠୁ ସେଇଟା ବଦଳିଯାଇଥିଲା । ଗାଁ ଠାକୁରାଣୀ ଚଉରାରେ ଗୁହାରି ଶୁଣାଇ କୃପା ପାଇବାକୁ ବଇଦ, ପୂଜାରୀକୁ ପଇସା, କୁକୁଡ଼ା, ଛେଳି ଦେବାକୁ ପଡ଼େ, କିନ୍ତୁ ଓଃ ! ଯାହାହେଉ ଏଇ କଳିଯୁଗରେ ଧର୍ମଗୁଡ଼ାକ ଆଉ କେଉଁଠି ନହେଲେ ବି ସେଇ ହାସ୍‌ପିତଲରେ ଠୁଳ ହୋଇଛି ।

ଦିନେ ଦଇବ ଭିଆଣ କଲା । ମନୁଆର ବାପାର ଦିହ ଖରାପ ହେଲା । ହେଲାଯେ ଆଉ ଛାଡ଼ିଲା ନାହିଁ । ଗାଁ ମାଷ୍ଟ୍ରେ କହିଲେ,

-ଏଇଠି ବଇଦ, ପୂଜାରୀକୁ ଯେତେ ଦେବାକଥା ତ ଦେଲୁଣି, ଥରେ ବଡ଼ ଡାକ୍ତରଖାନାକୁ ଘେନି ଯା ।

ସକାଳୁ ସକାଳୁ ପିଆଜ ସହ ବାସି ପଖାଳ ଦୁଇମୁଠା ତରତରରେ ଗିଳିଦେଇ ବାପାକୁ ଧରି ମନୁଆ ସହରକୁ ବାହାରିଲା । ସହରରେ ପହଞ୍ଚିବା ବେଳକୁ ସଞ୍ଜ ନଇଁବାକୁ ଘଡ଼ିଏ କି ଦୁଇଘଡ଼ି ବାକି ଥାଏ । କୌଣସି ମତେ ହାସ୍‌ପିତଲ୍‌ରେ ପହଞ୍ଚିଲା । ହାସ୍‌ପିତଲକୁ ଦେଖି ମନୁଆର ଆଖି ଖୋସି ହୋଇଗଲା । ଲୋକଙ୍କ ଗହଳିଯେ ଗାଁ ଯାନିଯାତ ବି ମୁହଁ ଲୁଚାଇବ । ମା'ଲୋ ! ଏତେ ବଡ଼ ! କେଉଁଠିକୁ ଯିବ । କାହାକୁ ପଚାରିବ ! ତେଣେ ବାପାକୁ ଛାଡ଼ିବାକୁ ବି ଧୈର୍ଯ୍ୟ ପାଉନଥାଏ । ଯାହାକୁ ପଚାରିଲେ ଅନେଇବେ କ'ଣ ନଶୁଣିଲା ଭଳି ଚାଲିଯାଉଥାନ୍ତି । ଏଇଗୁଡ଼ାକ ମଣିଷ ନା କାଠ ପଥର ! ପଚାରୁ ପଚାରୁ କେହି ଜଣେ କହିଲା,

- ଏବେ କିଛି ହେବନି, ଯାହା ହେବ ସକାଳୁ ।

ମଣିଷ ରୋଗରେ ପଡ଼ି ଛଟପଟ ହେଉଥିବ, ତୁଣ୍ଡରେ ଔଷଧ ଦେବାକୁ କ'ଣ ବେଳକାଳ ଲୋଡ଼ା ? ମୁଣ୍ଡକୁ ବୁଦ୍ଧି ଯୁଟୁ ନଥିଲା । ବାପାକୁ ଧରି ସେଇ ହାସ୍‌ପିତାଲ୍ ପିଣ୍ଡାରେ ରାତିଟି କଟାଇବ ବୋଲି ମନୁଆ ସ୍ଥିର କଲା ।

କେଉଁଠି କୁକୁର ପୁଞ୍ଜାଏ ଜିଭ ଲମ୍ବା କରି ପଡ଼ିଛନ୍ତି ତ କେଉଁଠି ହଡ଼ା ବଳଦ ଓ ଗାଈ ଆସ୍ଥାନ ଜମାଇଛନ୍ତି । କେଉଁଠି ଛେପ ଖଙ୍କାର ତ କେଉଁଠି ରକ୍ତପୂଜ ଲଗା ଛିଣ୍ଡାକନା । ମଶାମାଛି ଭଣଭଣ । ଯେଉଁ ଟିକକ ଖାଲି ଥାନ ଅଛି, ସେଠାରେ ତା' ଭଳି ମଣିଷ କିଛି ନିଜର

ପେଡ଼ିପୁଟୁଳା ନେଇ ଜାକିଯୁକି ହୋଇ ଘୁମାଉଛନ୍ତି । ଏତେବେଳ ଯାଏଁ ଯେଉଁ ହାସ୍‌ପିତଲ୍‌ଟି ତାକୁ ବଡ଼ ଲାଗୁ ଥିଲା ସେଇଟା ଛୋଟ ହେବାରେ ଲାଗିଲା । ଶେଷରେ ଖୋଜାଖୋଜି ପରେ ଜଣେ ଲୋକ ଭେଟିଲା । ତା' ହାତରେ ୫ଟଙ୍କାଟେ ଗୁଞ୍ଜି ମୁଣ୍ଡ ଥାପିବାକୁ ଥାନଟେ ମିଳିଲା । କୋଳରେ ବାପାର ମୁଣ୍ଡକୁ ଥୋଇ ବସିଲା । ରାତି କେତେ ଘଡ଼ି ହୋଇଥିବ ଜାଣିନାହିଁ । ମାଛିମାଛି ନିଦ ଘାରିଛି । କାହାର ନିର୍ଘାତ ଗୋଇଠାରେ ନିଦ ଭାଙ୍ଗିଲା । କୋଳରୁ ବାପାର ମୁଣ୍ଡଟି ଖସି ତଳେ ବାଜିଥାନ୍ତା, ମନୁଆ ସମ୍ଭାଳିନେଲା ।

- ଆବେ ! ଏଇଟା କ'ଣ ତୋ ଘର । ଗୋଡ଼ ଲମ୍ବାଇ ଚାରିକାତ ମେଲାଇ ଶୋଇଛୁ । ଗୋଡ଼ ଭିତରକୁ ନେ । ମାଟିଆ ପୋଷାକ ଓ ମୁଣ୍ଡରେ ଟୋପି ଥାପିଥିବା ଜଣେ କେହି ଧମକ ଦେଇ କହିଲା । ମନୁଆବାପା ଖୁଁ ଖୁଁ ହୋଇ କାଶି ଆଖି ଉଠାଇ ମନୁଆକୁ ଅନାଇଲା । ମନୁଆ କହିଲା,

- କିଛି ନାଇଁ ବା, ତୁଇ ଶୁଇପଡ଼େ ।

ଶୋଇବାକୁ ଇଚ୍ଛା ନଥିଲା, କିନ୍ତୁ ଦେହ ସମ୍ଭାଳୁ ନଥିଲା । ଟିକିଏ ଆଖି ପଡ଼ିଛି । କାହାର ଚିତ୍କାରରେ ଧଡ଼ପଡ଼ ହୋଇ ମନୁଆ ଉଠିପଡ଼ିଲା । ପୁଲିସ୍‌ର ହୁଇସିଲ୍ ଦୁଇ-ତିନି ଥର ଶୁଣାଗଲା । କିଛି ଲୋକ ଧାଁ ଦଉଡ଼ କଲେ । ସେଇବାଟ ଦେଇ ତରତରରେ ଯାଉଥିବା ଜଣେ ଲୋକକୁ ପଚାରି ଜାଣିଲା । ଦୁଇ ଜଣ ଚୋର ହାସ୍‌ପିତଲ୍‌ରେ ପଶି ଜଣେ ରୋଗୀର ମୁଣ୍ଡପାଖରେ ଥିବା ବୁଜୁଳାକୁ ଛଡ଼ାଇ ନେଇଗଲେ । ମନୁଆର ନିଦ ହଜିଗଲା । ଏଥର ନିଜ ବୁଜୁଳାକୁ ଜାବୁଡ଼ି ଧରିଲା । ଏଥିରେ ସେ ବାପା ପାଇଁ ଗଲା ୧୦ ବରଷ ଧରି ପେଟ କାଟି ସଞ୍ଚିଥିବା ଟଙ୍କା ରଖିଛି ।

ଖର ଖର ଖର ! ଝାଡୁ ଶବ୍ଦ । ଝାଡୁରେ ମଇଳା ନୁହେଁ ପିଣ୍ଡାରେ ଭାଗ୍ୟକୁ ଆଦରି ପଡ଼ିରହିଥିବା ମଣିଷଙ୍କୁ ହଟାଇବାକୁ ଚେଷ୍ଟା କରାଯାଉଥିଲା । ଜଣେ ଧଳା ଶାଢ଼ି ପିନ୍ଧିଥିବା ମହିଳା ବାବୁଆଣି କାଇଦାରେ ନାକ ଟେକି କହିଲେ,

-ଏଇଠି ନାହିଁ । ସେଠାକୁ ଯାଅ । ସେଇ ଆଉଟ୍ ଡୋରରେ ବସ ।

ଉଠିବା ପୂର୍ବରୁ ତରବରରେ ବାପା ପାଟିରେ ଘରୁ ଆଣିଥିବା ଜାଉପାଣି ଟିକେ ଦେଇ ଭିତରକୁ ଗଲା । ସେଠାରେ ଗୋଟିଏ ଟେବୁଲ୍, ୪-୫ଟା ଚୌକି । ଜଣେ କେହି ଟେବୁଲ୍ ଉପରେ ଗୋଡ଼ଟା ଲଦି ଖବରକାଗଜ ପଢୁଥିଲା । ଗୋଟିଏ ଖାଲି ଚୌକିରେ ମନୁଆ ତା' ବାପାକୁ

ବସାଇ ଟିକେ ଅଣ୍ଟାସଳଖ କରିବ ବୋଲି ମନକଲା । ବସାଇବାକୁ ନେଇଛି କି ନାହିଁ ଲୋକଟା ମାରିବା ଭଙ୍ଗିରେ ଡେଇଁ ପଡ଼ି କହିଲା,

– ଆବେ । ଏଇଠି କ'ଣ ବସୁଛୁ । ଏଇଟା ବାବୁଙ୍କ ପାଇଁ ।

ମନୁଆ ଭିତରେ ଧରମ ଉପରୁ ବିଶ୍ୱାସ ହଟିଯାଉଥିଲା । ବିକଳରେ ଲୋକଟା ମୁହଁକୁ ଚାହିଁଲା । ଲୋକଟା ପୁଣି କହିଲା,

– କୁଆଡ଼େ ଆସିଛୁ । ଦେଖାଇବାକୁ ତ । ବାବୁ ଆସିବାକୁ ଆହୁରି ଡେରି ଅଛି । ସେଇଠାକୁ ଯା । ରସିଦ କାଟି ଆଣେ ।

ସେପଟୁ ଜଣେ ସ୍ତ୍ରୀ ଲୋକର କାନ୍ଦିବା ଶବ୍ଦ ଶୁଣାଗଲା । ତା ପଛକୁ ପୁଣି ଦୁଇତିନିଜଣ କାନ୍ଦିବା ଆରମ୍ଭ କରିଦେଇଥିଲେ । କାନଡେରି ଶୁଣିବାକୁ ଚେଷ୍ଟାକଲା ମନୁଆ । ସ୍ତ୍ରୀ ଲୋକଟି ଛାତି ବାଡ଼େଇ ହାତ କଚାଡ଼ି ରାହାଧରି କାନ୍ଦୁଥିଲା ।

– ଏ ମଣିଷ ରକ୍ତଖିଆ ଗୁଡ଼ାକ ମୋ' ପିଲାକୁ ମାରିଦେଲେ... ।

ମହାକାଳୀ

ମୁଣ୍ଡଫଟା ଖରା...ଚାରିଆଡ଼େ ଶ୍ମଶାନର ଶୂନ୍ୟତା । ପାଦତଳର ମାଟି ...ସତେଯେପରି ଜଳନ୍ତା ନିଆଁର ଶଯ୍ୟା । ମଝିରେ ମଝିରେ ଗରମ ଧୂଳିବାଲି ମିଶା ଦଲକାଏ ପବନ; ଯେପରି ଜଳନ୍ତାଚିତାରୁ ଦଗ୍ଧମଣିଷର ଅସ୍ଥିମଜା ବିସ୍ଫୁରଣରେ ବିଛେଇ ହୋଇପଡୁଛି ନିଆଁଝୁଲ । ଧୂଳିଧୂସର ରାସ୍ତା କଡ଼ରେ ଏକ ପ୍ରକାଣ୍ଡ ବରଗଛର କଟାଗଣ୍ଡିଟିଏ ମୁହଁମାଡ଼ି ପଡ଼ିଛି । ଏହାର ଛାଇରେ ପାଞ୍ଚ-ଛଅଟି ବୁଲାକୁକୁର । ଲମ୍ୱା ଜିଭରୁ ଗଡୁଥିବା ଥପ୍ ଥପ୍ ଲାଳ ଓ ଧଇଁସଇଁର ଶବ୍ଦ ସ୍ପଷ୍ଟ । ମଝିରେ ମଝିରେ କେଉଁ କୋଣରୁ କାଉର କର୍କଶ କା...କା...ଓ କୁକୁରଙ୍କ ଭୁକିବା ଶବ୍ଦ, ଲାଗୁଥିଲା ଶ୍ମଶାନରେ ପ୍ରତିଥର ନୂଆ ଶବ ସତ୍କାରରେ ସମ୍ପର୍କୀୟଙ୍କ କ୍ରନ୍ଦନରୋଳର ଜୁଆରଭଟ୍ଟା । କିନ୍ତୁ, ଏଥର କାଉ-କୁକୁରଙ୍କ ଚିତ୍କାର ନିରବଚ୍ଛିନ୍ନ ଥିଲା । ଦକ୍ଷିଣ ଦିଗରୁ ଜଣେ କେହି ଜଣେ ଆସୁଥିଲା । ତା' କଳା ଦେହଟା ଶୂନ୍ୟରେ ଲହରି ଉଠି ମିଶିଗଲା ଭଳି ଲାଗୁଥିଲା ।

ଜଣେ ନାରୀ । ଆଲୁଳାୟିତ କେଶ ମୁହଁ ଉପରେ ଢାଙ୍କି ହୋଇଯାଇଥିଲା । ଅଣ୍ଟାତଳକୁ ଛିଣ୍ଡାକନାଟିଏ ଗୋଡ଼ାଇହୋଇ ରହିଥିଲା । ଉଲଗ୍ନ ଛାତିରେ ପଞ୍ଜରା ହାଡ଼ର ସ୍ପଷ୍ଟ ସଂଖ୍ୟା । ବାଁ ହାତରେ ଏକ ବାଡ଼ି । କାନ୍ଧ ଉପରେ ଛିଣ୍ଡାକତରା କନା ଗୋଡ଼ାହୋଇ କିଛି ଏକ ଜିନିଷ, ଠିକ୍ ଶ୍ମଶାନକାଳୀଙ୍କ କାନରେ ମୃତଶିଶୁ ଓହଳିଲା ଭଳି ଲାଗୁଥିଲା । କାନ୍ଧ ଉପରେ ଥିବା ସେହି ଜିନିଷଟିରୁ ନାକଫଟା ଦୁର୍ଗନ୍ଧ ବାହାରୁଥିଲା । ତା'ଉପରେ ସମୟେ

ସମୟେ ହାତ ଥୋଇ ଚିତ୍କାର କରୁଥିଲା, ଚିତ୍କାରରୁ ଫୁଟି ଉଠୁଥିଲା ଅନାବିଳ ମାତୃତ୍ୱର ଅଭୟ ଶବ୍ଦ । ପରକ୍ଷଣରେ, ପୁଣି ବିକଟାଳ ହସରେ ଡାହଣ ହାତଟି ଠିକ୍ ଆଶୀର୍ବାଦ ମୁଦ୍ରାରେ ଉପରକୁ ଉଠାଇଦେଉଥିଲା । ଖାଲିପାଦରେ ଯେଭଳି ଅମନସ୍କ ଭାବେ ଚାଲୁଥିଲା, ଲାଗୁଥିଲା ଏ ପ୍ରାଣଶୋଷକ ତାତି ବୋଧହୁଏ ତା' ପାଇଁ ଜୀବନର ଉନ୍ମାଦନା । ପ୍ରକୃତିର କରାଳତା ତା'ପାଇଁ ସାମାନ୍ୟ ଥିଲା । ରୂପର ବିବସ୍ତ୍ରତାରେ ଫୁଟିଉଠୁଥିଲା 'ମଣିଷାସୁର'ର ଅତ୍ୟାଚାରକୁ ଦଳିଦେବାର ଔଜଲ୍ୟ ।

ଫସଲ ଉଜୁଡ଼ିଲା । ଅନାହାର ସମଗ୍ର ପରିବାରକୁ ଗ୍ରାସିଲା । ବଳକା ଏକାନ୍ତ ଜୀବନଟିରେ, ପର ପୁରୁଷର ପ୍ରତାରଣାର ଆହୁତିରେ ସଞ୍ଚାର ହେଲା ଅଯାଚିତ ମାତୃତ୍ୱ । ତଥାପି ଅପରିବର୍ତ୍ତିତ ଥିଲା ପେଟର ଭୋକ, କିନ୍ତୁ ବଦଳି ନଥିଲା ପ୍ରତାରଣା, ଅତ୍ୟାଚାର, ଶୋଷଣ । ଶେଷରେ ଏକ ଅନ୍ଧାର ଗଳିରେ ବର୍ବରତାର ଶେଷ ଆହୁତି । ଚେତାଫେରିବା ପରେ ୧୬ବର୍ଷର ନିଛକ ଶରୀର ଏ ସମାଜ ପାଇଁ ଅଲୋଡ଼ା ଥିଲା । ବିବର୍ଣ୍ଣ ପାଲଟିଯାଇଥିଲା, କାରଣ ଏହାହିଁ ଅମାନବୀୟ ଦାବାନଳର ଏକମାତ୍ର ପ୍ରତିହତ ଶକ୍ତି । ସମାଜର ନିଆଁ ତାକୁ ଆଉ ଜଳାଇପାରୁନଥିଲା । ମାନବେତର ଭୋକ,ଶୋଷ, ଲଜ୍ଜା, ଭୟ ସବୁ ଶେଷ ହୋଇଯାଇଥିଲା । ଲୋକେ ତାକୁ କହୁଥିଲେ ପାଗଳୀ, କିନ୍ତୁ ସେ କାହାରି କ୍ଷତି କରିବା ତ ଦୂରରକଥା ଗାଳି ବି ଦେଉନଥିଲା । ତଥାପି ତାକୁ ଦେଖିଲା କ୍ଷଣି ସୃଷ୍ଟି ହେଉଥିଲା ଏକ ଅଜଣା ଆତଙ୍କ, ଭୟ, ମୃତ୍ୟୁର ଶୀତଳ ସ୍ପର୍ଶର ଅସହ୍ୟ ଯନ୍ତ୍ରଣା । ଜଘନ୍ୟ ନୃଶଂସତା ବି ତା'ଆଗରେ ନିଷ୍ପ୍ରଭ ହୋଇଯାଉଥିଲା । ଠିକ୍ ମହାକାଳୀ ଆଗରେ ରକ୍ତବୀର୍ଯ୍ୟ ଶକ୍ତିହୀନ ହେବା ଭଳି ।

ଆନ୍ଦୋଳନ

ସରକାର ଛାଇ ପଡ଼ି ନଥିବା ଜଙ୍ଗଲ ପାହାଡ଼ ଭିତର ଆଦିବାସୀ ଗାଁ ଭଳି ନୁହେଁ । ଏଇ ଗାଁକୁ ବରଯାତ୍ରୀ କାର୍‌ରେ ବସି ଆସନ୍ତି, କନ୍ୟା ଶଗଡ଼ରେ ବିଦା ହୁଅନ୍ତି । ଗାଁ ରାସ୍ତାରେ ଛ'ଟି ଲାଇଟ୍ ଖୁଣ୍ଟ, କିନ୍ତୁ ରାତିରେ ସେଥିରୁ ବଡ଼ କଷ୍ଟରେ ଦୁଇଟି ଧପଧପ ହୋଇ ଜଳେ । ଏଥିରୁ ବି ଗାଁଲୋକ ଫାଇଦା ପାଆନ୍ତି । ରାତିରେ କାହା ଘରେ ପିଲା ନଶୋଇ ଅଝଟ ହେଲେ, ଡାହାଣୀ, ଚିରୁଗୁଣୀର ଆଖି ମିଟିକା ମାରୁଛି କହି ଡରାଇ ଶୁଆଇ ଦିଅନ୍ତି । ସଡ଼କ ଅଛି, କିନ୍ତୁ ଖାଲ ବେଶି । ଅଘଟଣ ଭୟରେ ବୁଢ଼ାବୁଢ଼ିମାନେ ଗାଁ ଦାଣ୍ଡରେ କମ୍ ଦିଶନ୍ତି । ଧନି ମଉସାର ଚାହା ଦୋକାନରେ ମିଞ୍ଜିମିଞ୍ଜି ଡିବିରି, ଆଉ ନରି ପାତ୍ରର କିରାଣି ଦୋକାନରେ ବଲ୍‌ବ ଗୁଡ଼ାଏ ଦାଉଦାଉ ଜଳେ । ନଳକୂଅ ଦୁଇଟି ପିଲାଙ୍କ ଖେଳକସରତର ସାମଗ୍ରୀ । ସେ ଯାହା ହେଉ ଗାଁ ଭଳି ଗାଁ ଟିଏ । ଗାଁରେ ମୋଟ ୪୦ ଘର । ସହରକୁ ବେଶି ପାଖ ନୁହେଁ କି ଦୂର ନୁହେଁ ।

ଜ୍ୟେଷ୍ଠ ମାସର ସକାଳ ବେଳ । ସୂର୍ଯ୍ୟ ଉଇଁ ନଥିଲେ ବି ଗୁଳୁଗୁଳିରେ ଝାଳ ନିଗିଡ଼ି ଯାଉଛି । ତଥାପି ଧନି କିରାସିନି ଷ୍ଟୋଭ୍‌ର ନିଆଁଟା ଦାଉଦାଉ ହୋଇ ଜଳୁଛି । ତା'ଉପରେ ମାଠିଏ କଳା ପଡ଼ିଥିବା ଚାହା କେଟିଲ୍ । ନିଆଁ ଧାସରେ କ୍ଷୀର-ଚାହାଗୁଣ୍ଡ-ଚିନି ମିଶି ଯେତେ ଆଉଟୁପାଉଟୁ ହେଉଛି, ସେତିକି ଲାଲ୍ ହେଉଛି । ଚାହା ବାସନାରେ ଆଖପାଖ

ଚହଟି ଯାଉଛି । ପାଖରେ ଥିବା ଭଙ୍ଗା ଲମ୍ବା ଟେବୁଲ୍‌ରେ ୪-୫ଜଣ ଲୋକ ହାତରେ ଚାହା ଗ୍ଲାସଟେ ଧରି ବସିଛନ୍ତି । ସହରପଟୁ ଧଇଁସଇଁ ହୋଇ ତଉଲିଆରେ ମୁହଁ ପୋଛିପୋଛି ଘନ ପହଞ୍ଚିଲା ।

- କିରେ ରଘୁନନାର ବସ୍ ନାହିଁକି ? ଟଙ୍କ ପଚାରିଲା ।

- ମଉସା ! ଚାହା ଟେ... ।

ଟଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଘନ ସରକାରକୁ ବହେ ଗାଳିଦେଲା । ତା'ପରେ ରାଜନୀତିଆ ଦଳଗୁଡ଼ାକର ସାତପୁରୁଷ ଉଝାଳି ଦେଲା । ଯାହାହେଉ ଚାହା ଗ୍ଲାସଟା ନେଇ ତିନି ଚାରିଥର ଫୁଙ୍କି ଥଣ୍ଡା କରିବା ଭିତରେ ନିଜେ ବି ଥଣ୍ଡା ପଡ଼ିଯାଇଥିଲା । କହିଲା - କ'ଣ ଡିଜେଲ୍, ପେଟ୍ରୋଲ୍ ଦଶ ଟଙ୍କା ବଢ଼ିଗଲା ବୋଲି । ଏ ରାଜନୀତିଆମାନେ ସବୁ ଷ୍ଟ୍ରାଇକ୍ କରିଛନ୍ତି । ଏଣୁ ବସ୍ ବନ୍ଦ ।

- ଓଃ ହଃ ! ହଁ ହଁ ! ଖଣ୍ଡି ସବୁ ଜାଣିଲା ଭଳି ମୁଣ୍ଡ ଟୁଙ୍ଗାରିଲା ।

'ଯେଉଁଠି ଯାହା ବଢ଼ିଲେ ବି ଧନି ମଉସାର ଚାହାର ରଙ୍ଗ କମିବନି କି ଦର ବଢ଼ିବନି । କ'ଣ କହୁଛୁ ମାଧ ।'- ସୁର କହିଲା । ସୁର କଥାରେ ସବୁ ମୁଣ୍ଡ ଟୁଙ୍ଗାରିଲେ ।

ସୁଡ଼୍...ଗ୍ଲାସରୁ ଚାହା ଢୋକେ ପିଇ ଘନ କହିଲା - 'ଏବେ ବଢ଼ିବ । କୁଆଡ଼େ ଦେଶର ଟଙ୍କା ମୂଲ କମିଛି, ଏଣୁ ତେଲ ଦର ବଢ଼ିଯାଇଛି । ଏଥର ଚାହାଗୁଣ୍ଡ, କ୍ଷୀରଗୁଣ୍ଡ, କିରାସିନି, ବସ୍ ଭଡ଼ା ସବୁ ବଢ଼ିବ । କେହି ଅଟକାଇ ପାରିବେନି । ଧନୀ ମଉସା କ'ଣ ନିଜ ଘରୁ ଆଣି ସମାଜସେବା କରିବ ?'

ସମସ୍ତଙ୍କ ଚାହାଗ୍ଲାସ ତୁଣ୍ଡକୁ ଲାଗୁଲାଗୁ ଅଟକି ଗଲା । ମିଟିମିଟି କରି ଘନ ମୁହଁକୁ ଅନାଇଲେ । ମାଧ ପ୍ରସ୍ତାବ ଦେଲା,

- ସେ ଯାହାହେଉ ଦରବଢ଼ାଟାକୁ ଗାଁ ଭିତରକୁ ପଶାଇଦେବା ନାହିଁ । ଘନ ଚିଗୁଲେଇ କହିଲା, 'ହେଃ ! ସକାଳୁ ଚିଲମ ଟାଣିଛୁ କିରେ ।'

ତା'ପରେ ଗରମାଗରମ ଆଲୋଚନା ଆରମ୍ଭ ହୋଇଗଲା । ଧୀରେ ଧୀରେ ଗହଳି ବି ବଢ଼ିଲା । ପ୍ରଥମେ ଖଣ୍ଡି ଏକ ଭାଷଣ ଦେଲା । ଭାଷଣର ସାରାଂଶ ଥିଲା- 'ଚାହା ତାଙ୍କ ଭଳି ଖଟିଖିଆଙ୍କ ଟନିକ୍ । ଏଇଟା ଥିବାରୁ ମଦ, ଗଞ୍ଜାଇର ପ୍ରଭାବ ନିୟନ୍ତ୍ରଣରେ ରହିଛି । ଚାହା ସମ୍ପର୍କର ସେତୁଟାକୁ ବାନ୍ଧିକି ରଖିଛି । ଏଣୁ ଦରବଢ଼ା ଦାଉରୁ ଧନୀ ମଉସାର ଚାହାକୁ ସୁରକ୍ଷା ଦେବା ।' ସବୁ ତାଳିମାରି ସ୍ୱାଗତ କଲେ ।

ପୁଣି ଧନୀ ମଉସାକୁ ଚଉଦଟି ଚାହାର ଅଡର ମିଳିଲା । ଧନୀ ମଉସା ବି ବେପାର ଜମିବା ଖୁସୀରେ ଷ୍ଟୋଭ୍‌ର ପମ୍ପ୍‌ଟାକୁ ଜୋରରେ ଛଅ ସାତଥର ମାରି କ୍ୟାଟିଲ୍‌ରେ କ୍ଷୀର, ଚାହାଗୁଣ୍ଡ ପକାଇଲା । ଘନ କହିଲା,

- ନରି ସାହୁକୁ କୁହାଯାଉ । ସେ ଗାଁର ଦଶହରା, ଗଣେଶ, ସରସ୍ୱତୀ ପୂଜା, ଶିବରାତ୍ରି, ଦୋଳରେ ଯେତେ ଚାନ୍ଦା ଦେଉଛି, ସେଥିରୁ କିଛି ଟଙ୍କା କମାଇ ଦିଆଯାଉ । ସେହି ଟଙ୍କାର ଅନୁପାତରେ ଚାହାଗୁଣ୍ଡ, ଚିନି, କିରାସିନି ଦର ଉପରୁ ରିହାତି ଦେଉ । ଧନୀ ମଉସା ବି ଏହି ରିହାତି ବଦଳରେ ଚାହା ଦର ବଢ଼ାଇବ ନାହିଁ ।

ସବୁ ଏକ ସ୍ୱରରେ ବାହାବା କଲେ । ପୁଣି ଧନୀ ମଉସା ଅଡର ପାଇ ପନ୍ଦରଟି ଚାହା ବଢ଼ାଇଦେଲା । କେହି କେହି ଚାନ୍ଦା କରି ଗାଇଟେ କିଣି ଧନୀ ମଉସାକୁ ଦେବା କଥା କହିଲେ । ଥୋକାଏ ଡିଲରକୁ ଚାନ୍ଦା ବଦଳରେ କିରାସିନି ଅଧିକ ପାଞ୍ଚ ଛଅ ଲିଟର ଧନୀ ମଉସାକୁ ଦେବା କଥା ପ୍ରସ୍ତାବ ଦେଲେ । ଅନେକ ପ୍ରସ୍ତାବ ଆସିଲା, କିଛି କାଟ ଖାଇଲା । କେତେକ ତାଳିମାଡରେ ସ୍ୱାଗତ କରାଗଲା । ଏ ଭିତରେ ଧନୀ ମଉସାର ସବୁ ଚାହାପତି, କ୍ଷୀର, ଚିନି ଶେଷ । ଧନୀ ମଉସା ଶୁଣାଇଦେଲେ - 'ଆଉ ଚାହା ହୋଇପାରିବ ନାହିଁ ।'

ଏହି କଥା ଶୁଣି ସବୁ ଜଣେ ଆରକ ମୁହଁକୁ ଚାହିଁଲେ । ମାଧ କହିଲା- 'ଚାହା ତୁଣ୍ଡରୁ ପେଟକୁ ନଗଲେ ମଗଜରୁ ବୁଦ୍ଧି ବାହାରିବ ନାହିଁ । ଏଣୁ ଆଲୋଚନାକୁ ଏଠାରେ ରଖିବା । ଆସନ୍ତାକାଲି ପୁଣି ଆଲୋଚନା ।'

ଧନୀ ମଉସା ମୋଟ ଚାଳିଶଟି ଚାହା ଦେଇଥିଲା । କାହାକୁ ପଇସା ମାଗିବ ସେ କଥା ଭାବିବାବେଳେ ଚାହା ଦୋକାନ ଖାଁ ଖାଁ ହୋଇଯାଇଥିଲା ।

ଭିଟାମାଟି

ରାତି ୯ଟା । ଧୁଧୁ ବର୍ଷା, ତା’ ସହ ସୁ ସୁ ପବନ । ଛଣଛପର ଛାତରୁ ଥପ୍ ଥପ୍ ପାଣି ଗଳୁଛି । ଦଲକାଏ ପବନ ସହ ଝାଟିମାଟିର କାନ୍ଥରୁ ପୁଳାଏ ମାଟି ଖସିପଡ଼ିବା ବେଳେ ଛାତିଟା ଦାଉଁ କରି ରହିଯାଉଛି । ଲଣ୍ଠନ ଆଲୁଅ ଡାକରାରେ ଝଡ଼ିପୋକ, ଡିଆଁପୋକଙ୍କ ମେଳା ଲାଗିଛି । ପେଟ ଦାଉରେ ତିନିଟା ବେଙ୍ଗ ମଧ ସେମାନଙ୍କ ପଛେପଛେ ଘର ଭିତରକୁ ଚାଲି ଆସିଛନ୍ତି । ଲଣ୍ଠନ ଟଙ୍ଗା ହୋଇଥିବା କାନ୍ଥ ନିକଟରେ ଝିଟିପିଟି ଦୁଇଟି ମଧ ଟିକ୍...ଟିକ୍ କରୁଛନ୍ତି ।

– ହୁଁ ! ବୋଧହୁଏ ଏହା ହିଁ ଜୀବନ । କିଏ କାହା ପାଇଁ ମରେ, କିନ୍ତୁ ଆମେ ପଶୁ ନୋହୁଁ, ଅଭୟ ଦଉଡ଼ିଆ ଖଟ ଉପରେ ବସି ଏଭଳି ଚିନ୍ତାରେ ଡୁବି ଯାଇଥିଲା ।

ପିଲା ଦିଟା ହୋ ହୋ ହୋଇ କେତେବେଳେ ବେଙ୍ଗଗୁଡ଼ାକୁ ତଡ଼ି ଦେଉଛନ୍ତି ତ କେତେବେଳେ ଝଡ଼ିପୋକକୁ ଧରିବା ବେଳେ ଡେଣାଦୁଇଟି ଝଡ଼ିଗଲେ ଛିଛି କହି ମା’ ପାଖକୁ ଅଜଣା ଶଙ୍କାରେ ଦୌଡ଼ି ଯାଉଛନ୍ତି । ମା’ ଚାଉଳ ବାଛୁଛି, ଖାଲିରେ କାହିଁକି ବସିବ ।

ଦୁଇଦିନ ତଳେ ଗାଁ ସଭା ହୋଇଥିଲା । ତାକୁ ଡକାଯାଇ ନଥିଲା, ଏଣୁ ସେ ଯାଇ ନଥିଲା । ତା’ଛଡ଼ା ପାନ ବରଜକୁ ନଗଲେ ଦିନର ମଜୁରୀ କିଏ ଦେବ ? ପରେ

ଶୁଣିଲା, ସରକାର କ'ଣ ଗୋଟେ କାରଖାନା କରିବେ । ଗାଁର ସବୁ ଲୋକ ଏନେଇ ରାଜି ହୋଇଯାଇଛନ୍ତି । ଯିଏ ରାଜି ହୋଇ ନଥିଲେ, ପାଖ ଗାଁର ହୁଣ୍ଡା ରାଉତ ଦଳବଳ ସାଥିରେ ଆଣି ଧମକାଇଛି । ଘରଡିହ ଓ ପାନବରଜ ଦେବାକୁ ରାଜି ବୋଲି ତା'ନାଁରେ କେହି ବାଁ ହାତରେ ସନ୍ତକ କରିଦେଇଛି । ଏଥିପାଇଁ ସରକାର ତାକୁ ୨ଲକ୍ଷ ଟଙ୍କା ଦେବ ।

- ଅଭୟ ବୁଝିପାରୁ ନଥିଲା । ପାନପତ୍ର ତୋଳିବା ବଦଳରେ ହରିକକା ୩ଶହ ଟଙ୍କା ଦେଇଥିଲା ଆଉ ୨ଶହ ଦେବ, ବାପାଅଜା ଅମଳର ଘରଟିର ଛପର କରିବ । ମାଟି ଟିକିଏ ଲିପିଦେବ । ...ନା' ଆଉ କାହିଁକି ସଜାଇବ ଯେ । ଆଜି ନହେଲେ କାଲି ତା'ଘରତ ସରକାର ଭାଙ୍ଗି ଦେବ ।

- ପୁଣି, ଝିଣ୍ଟିକାର ଝିଁ..ଝିଁ, ଝିଟିପିଟିର ଟିକ୍..ଟିକ୍, ବେଙ୍ଗର କେଁ..କଟର..., ଛପରରୁ ପାଣିର ଥପ୍‌ଥପ୍ । ଏସବୁ ତା'ର ଅତି ନିଜର । ଏଥିପାଇଁ ସେ କେବେ ଭୟ କରିନାହିଁ ବରଂ ମା' କୋଳରେ ରଜାପୁଅ ଗପ ଶୁଣି ଶାନ୍ତିରେ ଶୋଇବା ଭଳି ଏହାର ଅଜଣା ସମ୍ମୋହନରେ ନିଦ ହେବା ଅଭ୍ୟାସ ହୋଇଯାଇଛି ।

- ଏତେ କ'ଣ ଭାବୁଛୁ ଯେ, ଆଁ । ସ୍ତ୍ରୀର ଏଭଳି ହଠାତ୍ ପ୍ରଶ୍ନରେ ଅଭୟ ଚମକି ପଡ଼ି ଅନାଇଲା । କିନ୍ତୁ ଚୁପ୍ ରହିଲା ।

-ମୋତେ କହିବୁ ନାଇକି ? ପୁଣି ସ୍ତ୍ରୀର ତାଗିଦ୍ ।

ସତେଯେପରି ଅଭୟ ପୁଣିଥରେ ଏହି ପ୍ରଶ୍ନ ଶୁଣିବାକୁ ଚାହୁଁଥିଲା । ନିଜକୁ ଅଟକାଇ ପାରିଲା ନାହିଁ ।

- କ'ଣ ଏ ଘର, ଗାଁ ଛାଡ଼ି ଚାଲିଯିବା ?

ଏହି ସମୟରେ ବଡ଼ ପୁଅ ଧନ (ନାଁ ତା'ର ଗୋବର୍ଦ୍ଧନ । କିନ୍ତୁ ବାପା ମରିବାର ୩ମାସ ପରେ ସେ ଜନ୍ମ ନେଲା ଏଣୁ, ବାପାର ନାଁ ନେଇ ଡାକୁ ଥିଲା ଧନ ।) ମା'ର ପଣତକାନିକୁ ଧରି ଭିଡ଼ିମୋଡ଼ି ହେଉଥିଲା ।

- କାହିଁକି ଦେବୁ ଯେ, ସ୍ତ୍ରୀ କହିଲା - 'ଆମର କାରଖାନା ଲୋଡ଼ା ନାହିଁ । ଏ ମାଟିରେ କେବେ ଭୋକରେ ଶୋଇଛୁ କି ? ଯେ ବିକିଭାଙ୍ଗି ପଳାଇବୁ ।'

ଧନର ଭିଡ଼ାମୋଡ଼ାରେ ପଣତକାନିଟା ଛାତି ଉପରୁ ଖସିଗଲା । ଗଲା ସାବିତ୍ରୀରେ ନୂଆଶାଢ଼ୀ ଆଉ ବ୍ଲାଉଜ୍ ଆଣିଥିଲା । ଗୋରା ଦେହକୁ ବେଶ୍ ମାନୁଛି । ନିଜ ପଣତକାନିକୁ ସଜାଡୁସଜାଡୁ ଧନକୁ କୋଳକୁ ନେଇ ପୁଣି କହିଲା,

- ବାପାଅଜା ଏ ମାଟିକୁ ଛାଡ଼ି ଯାଇ ନଥିଲେ, ଏଠାରେ ହିଁ ବଢ଼ିଲେ । ଆଖି ବୁଜିଲେ । ଏ ମାଟିରେ ତାଙ୍କ ଅସ୍ଥି ପଡ଼ିଛି, ଗଙ୍ଗାରେ ନାଇଁ । ନିଜ ମା'କୁ ବିକିବୁ କି ? ନିଜ ବାପା ଅଜାର ଅସ୍ଥି ଉପରେ ପରମଣିଷର ପାଦ ଥୋପିବା ସହିବୁ କି ? ସ୍ତୀର ପ୍ରଶ୍ନରେ ଅଭୟର ମୁଣ୍ଡ ଝାଇଁଝାଇଁ ମାରୁଥିଲା ଠିକ୍ ନିଶା ଶେଷ ଥମିଲା ବେଳେ ଯେମିତି ଲାଗେ ।

ଅଭୟ ବୁଝିପାରୁଥିଲା, ପିଲା ପଣତକାନି ଟାଣିଲେ ମା'ର ଇଜ୍ଜତ ଜାଏ ନାହିଁ । ପରପୁରୁଷ ଟାଣିଲେ, ଖାଲି ଇଜ୍ଜତ ନୁହେଁ ଜୀବନ ଚାଲିଯାଏ ।

ଭିଟା ମାଟିକୁ ଏଭଳି ଭିଡ଼ିମୋଡ଼ି ନେଇଯିବେ । ନା'...ନା'..., ଅଭୟ ଆଖିରେ ଲୁହ ଘାଇ ଭାଙ୍ଗି ବହିବାକୁ ପ୍ରସ୍ତୁତ ଥିଲା । କାନ୍ଥ ଉପରେ ଗୋଟିଏ ଡେଣା ଝଡ଼ା ଝଡ଼ିପୋକକୁ ଅନାଇ ଝିଟିପିଟି ଟିକ୍ ଟିକ୍ କରିବା ବନ୍ଦ କରିଦେଇଥିଲା । ବେଙ୍ଗଟା ଝପଟିବାକୁ ଟାକି ରହିଥିଲା... ।

ପଣ୍ଡିତ ବଞ୍ଚିଛି

- "ଆଗ ଗାଁକୁ ଲାଗିକି ଜଙ୍ଗଲ ଥିଲା । ହାତୀ, ବାଘ, ହେଟା, ବିଲୁଆ, ଶାଳିଆପତିନି, ମଲୁଆ, ଅ-ମଲ୍ଲୁ, ତା-ମୁୟଲ ସବୁ ଆସୁଥିଲେ । କେବେ କେବେ ଗାଁରୁ ଛେଳିଟିଏ କି କୁକୁଡ଼ାଟିଏ ନେଇଯାଉଥିଲେ । ଏଣୁ କୁକୁଡ଼ା, ଛେଳିତକ ଘର ଭିତରେ ବନ୍ଧାହୋଇ ରହୁଥିଲେ । କାହାର ଦୁଇତିନିଟାରୁ ଅଧିକ ଛେଳି କି କୁକୁଡ଼ା ନଥିଲେ । ହେଲେ ଜଙ୍ଗଲର ପଶୁ ଆମଠୁ ଯେତିକି ନେଉଥିଲା, ତାଠୁ ଅଧିକ ଫେରାଉଥିଲା । ମୟୂର, ବଣକୁକୁଡ଼ା, ମିରିଗ ଏମିତି କେତେ କ'ଣ । ଆମେ ବେଷ୍ଟରେ ସବୁବେଳେ ଏସବୁ ଆଣୁ ନଥିଲୁ । ଜଙ୍ଗଲ ସହ ଆମର ଦେଣାନେଣା ଠିକ୍ ଠାକ୍ ଥିଲା ।"

ସେତେବେଳକୁ ତା'ର ବୟସ ଅଶି ପାଖାପାଖି ହେବ ବୋଧହୁଏ । ଅନ୍ଧାରରେ ବି ଜଙ୍ଗଲ ଭିତରେ ଧାପୁଡୁ ଥିଲା । ହାତରେ ଦୁଇ ଆଙ୍ଗୁଳ ଲମ୍ବ ଓ ବୁଢ଼ା ଆଙ୍ଗୁଠି ମୋଟର ଏକ ପିକା । ଜୋରରେ ଟାଣି ନେଇ ଧୂଆଁ ଛାଡ଼ିବା ପରେ ଏକା ନିଶ୍ୱାସରେ କହିଗଲା । ପରେ ଦୁଇଥର ଖୁଁ ଖୁଁ ହୋଇ କାଶିଲା । ତାକୁ ଗାଁରେ ସବୁ 'ପଣ୍ଡିତ' କହୁଥିଲେ । ସେ ସ୍କୁଲ ପିଣ୍ଡା କେବେ ମାଡ଼ିନି । ପୁରୁଣା କାଳିଆ ଲାଞ୍ଜିଆ ସଉରା ଜାତିର ସେଥିଲା ଶେଷ ସନ୍ତକ । ଆଉ ଜଙ୍ଗଲ ନାହିଁ କି ଜଙ୍ଗଲରେ ପଶୁ ନାହାନ୍ତି । ଚାରିଆଡ଼େ ଖାଲି କାଜୁ ଓ ରବର ଗଛ । କିନ୍ତୁ କାନ୍ଧରେ ଚାରିଫୁଟର ଏକ ଧନୁ ଓ ହାତରେ ଦୁଇଟା ତୀର ଓ କାତିଟିଏ । ସେ ଲାଞ୍ଜିଆ ଭାଷା ଛାଡ଼ି କେବେ ଓଡ଼ିଆ କି ତେଲୁଗୁ କହେ ନାହିଁ । ସେ କେବେ ଗାଡ଼ି କି ମୋଟରରେ ବସିନାହିଁ । ଯୁଆଡ଼େ ଯାଏ ଚାଲିକି । ଦେହଟା ପୁଙ୍ଗୁଳା, ଛାତିରେ ଲମ୍ବିଥିଲା ରଙ୍ଗ, ନୀଳ, ହଳଦିଆ ପୋହଳାର ମାଳା । କାନରେ ଫାଶି । ତା'ଜାତିର ପୁଅ, ନାତି

ସବୁ ପ୍ୟାଣ୍ଟସାର୍ଟ ପିନ୍ଧିଲେଣି, ସେ କିନ୍ତୁ ତିନି ହାତର ଏକ ଲୁଗାରେ ଅଣ୍ଟାରେ ଗୁଡ଼ାଇ କଛା ମାରିବା ଛାଡ଼ି ନଥିଲା। ପଛରୁ ପିଚା ଦେଖାଯାଏ। ଅଣ୍ଟା ପାଖରୁ ପଛକୁ ତିନି ଚାଖଣ୍ଡେ ଲାଞ୍ଜ ଭଳି କନା ପରସ୍ତ ହୋଇ ଲମ୍ବିଛି। ତାକୁ ଦେଖିଲେ ତା ଜାତିର ଡୁକ୍ରୀ(ଝିଅ)ମାନେ ମୁହଁ ଲୁଚାଇ ହସନ୍ତି। କିନ୍ତୁ ତାକୁ ଏଥିରେ ପରବାଏ ନାହିଁ।

ପ୍ରଶାସନ ଯେବେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରଦର୍ଶନୀ କରେ, କର୍ମଚାରୀମାନେ ତା'ରି ପାଖରେ ଟହଲ ମାରନ୍ତି। କୁହାବୋଲା କରି ତା'ଠୁ ଧନୁତୀର କରାଇନିଅନ୍ତି, ଲାଞ୍ଜିଆ ସୌରାର ଚିତ୍ର ଅଙ୍କାନ୍ତି। ମୟୂରପୁଚ୍ଛ, ପ୍ଲାଷ୍ଟିକ୍ ମାଳି, କଂସା ପିତ୍ତଳ ଲାଗିଥିବା ପାଗୁଡ଼ି ବନ୍ଧାନ୍ତି। ଗୀତ କିଛି ଟିପି ନିଅନ୍ତି। ଏହାର ବଦଳରେ ତାକୁ କିଛି ଦେଲେ ସେ କହେ 'ଆଗାସା'। ବେଶି ଯାଚିଲେ ବିରକ୍ତ ହୋଇ ନିଜ ହାତକୁ ଜୋରରେ ହଲାଇ କୁହେ 'ଇଜା'। ଥରେ ଆଦିବାସୀ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀ କମ୍ବଳଟିଏ ପଣ୍ଡିତ କାନ୍ଧରେ ପକାଇଦେଲେ। ପଣ୍ଡିତ ତାକୁ କିଛି ନକହି ତା'ରି ଆଗରେ କାଜୁ ଡାଳରେ ଝୁଲାଇଦେଲା। ପଚାରିବାରୁ କହିଲା- "ଶୀତ ପ୍ରକୃତି ମା' ଦେଇଛି। ଏ ଜିନିଷଟା ମଣିଷର। ଶୀତରେ ନିଆଁ କଡ଼େ ଶୋଇଲେ, ମାଁ କୋଳରେ ଶୋଇବା ପରି ଲାଗେ। ହେଲେ ଏଇଟା..." ଆଉ କିଛି କହିଲା ନାହିଁ।

ସେ କାହା ସହ ବେଶି କଥା ହୁଏ ନାହିଁ। କେବଳ ନିଜେ ନିଜେ ଗୁଣୁଗୁଣୁ ହୋଇ ଗୀତ ବୋଲେ। କୁରାନରଞ୍ଜନ୍ (କେନ୍ଦରା) ବଜାଉଥିଲା। ତା'ର କେହି ଜ୍ଞାତିକୁଟୁମ୍ବ ନଥିଲେ। ସେ ହିନ୍ଦୁ ନଥିଲା କି ଖ୍ରିଷ୍ଟିଆନ। ସେ ଗୁସାଦାସୁମ୍ ଓ କିତୁଙ୍ଗସୁମ୍ (ଆଦିବାସୀ ଦେବତା)କୁ ମୁଣ୍ଡିଆ ମାରୁଥିଲା। ଜର ହେଲେ ଗୁଆର୍ ପାଳୁଥିଲା। କୁଆଡ଼େ ଥରେ ତାକୁ ବିପିଏଲ୍ କାର୍ଡ଼ଟିଏ ଦିଆଗଲା, କିନ୍ତୁ ସେ ତାକୁ ଚିରିଫାଡ଼ି ଦେଇଥିଲା। ଡିଲର ପାଖକୁ କେବେ ଯାଇନାହିଁ, ଡମର ଦୋକାନରୁ କେବେ ଜିନିଷ କିଣିନି, କେବଳ ହାଟକୁ ଯାଏ। 'ପଣ୍ଡିତ' ନା'ଟି ତାକୁ ସରକାରୀ ଚାକିରିଆମାନେ ଦେଇଛନ୍ତି, କାରଣ ସରକାରୀ ନଥିପତ୍ରରେ ତା' ଠିକଣା ନଥିଲା। ତା'ରି ଜାତି ଭାଇ 'ତା'ର ମୁଣ୍ଡ ଖରାପ ହୋଇଛି' ବୋଲି କହନ୍ତି, ଏଣୁ ତା'ର ପରିଚୟ କେହି ଖୋଜନ୍ତି ନାହିଁ। ତଥାପି ସେ ମୁଣ୍ଡଟେକି ବଞ୍ଚିଥିଲା ନିଜର ସଂସ୍କୃତିକୁ ଓ ଜାତିର ପରିଚୟକୁ ନେଇ। ଆଜି ସେ ନାହିଁ କେବଳ ଅଛି କଳା ମଚମଚ ପିଚୁ ରାସ୍ତାକଡ଼ର ସେଇ ଉଚ୍ଚା ଢିପ ଉପରେ ଦରଭଙ୍ଗା ଝାଟିମାଟିର କବାଟ ନଥିବା ଘରଟିରେ ସୋଡାଙ୍ଗ, ଗୋସାଡ୍, ଗଡ୍ରେଇଜୁଙ୍ଗର ଚିତ୍ର ତଥାପି ସଫା ଦେଖାଯାଉଥିଲା। ଏଇଟାକୁ ଦେଖି ଆଖପାଖର ଲୋକେ କୁହନ୍ତି- "ଓଃ ହ! ସେଇଟା ପରା ପଣ୍ଡିତର ଘର। ସେ ଲୁକଟା ସେଇଠି ଏବେବି ବସିଛି।"

ବିସ୍ଥାପିତ ଦୁର୍ନୀତି

ଗାଁରେ ଦୁଇ ପିଢ଼ି ଧରି ଧନୀ କହିଲେ ରଘୁ ସାହୁ ହିଁ ଥିଲା । ତା'ର କେବଳ ଟାଇଲ ଛପର ପକ୍କା ଘର ଥିଲା, ବଳକା ସବୁ ଛଣ ଛପର ଘର । ଗାଁରେ ପଞ୍ଚମ ଶ୍ରେଣୀ ଯାଏଁ ସ୍କୁଲଟିଏ । ଯାହାହେଉ ଏବେ ପ୍ରାୟ ସବୁ ସ୍କୁଲ ପିଣ୍ଡା ଚଢ଼ିଛନ୍ତି । ଗାଁରେ ରଘୁ ସାହୁର ସବୁଠାରୁ ଅଧିକ ଜମି । ଆଉ ଚାରି ପାଞ୍ଚ ଘରର ଦଶ ଗୁଣରୁ ଅଧିକ । ଜମି ନଥିବା ଲୋକ ଦଶ ଘର । ସେମାନେ ଅନ୍ୟ ଜମିରେ ମୂଲ ଲାଗନ୍ତି, ବାହାରେ ମଜୁରୀ କରନ୍ତି । ଯେଉଁ ଦିନ ଗାଁ ଦେଇ କୋଡିଏ ଫୁଟିଆ ସଡ଼କ ପଡ଼ିଲା ରଘୁ ସାହୁ ଘରର ଟାଇଲ ଛାତ ହଟି ନୂଆ କୋଠା ହେଲା, ନୂଆ ଟ୍ରକ ଆସିଲା । ଜମି ନଥିବା ଘର ସଂଖ୍ୟା ଦଶରୁ ବଢ଼ି କୋଡିଏ ହେଲା । ପାଞ୍ଚ ଘର ଗାଁ ଛାଡ଼ି ସହର ଚାଲିଗଲେ । ଆଜିକାଲି ସ୍କୁଲରେ ପାଠପଢ଼ା କମ୍ ଭୋଜିଭାତ ବେଶି ହେଉଛି । ତଥାପି ଗାଁ ଟି ଗାଁ ଭଳି ଲାଗୁଥିଲା ।

ଦିନେ ଶୁଣାଗଲା ଗାଁ ଦେଇ ରେଳଲାଇନ ଯିବ । ରଘୁ ସାହୁ ଯାହାଠାରୁ ଯେତିକି ପାରିବ କଳେବଳେ କୌଶଳେ ଜମି ପୁଳାଏ ପୁଳାଏ କିଣିଲା । ପୁଣି ଆଗ ଭଳି ଯାହାର ଜମି ଗଲା ସବୁ ସରକାରଠୁ ପାଉଣା ପାଇଲେ । ରେଳ ଲାଇନ୍ ହେଲା । ଥରେ ମନ୍ତ୍ରୀ-ସଚିବ ଗାଁକୁ ଆସି କହିଥିଲେ-

- 'ଯେତେ ମନାକର, ଏଥର ଗାଁକୁ ଲକ୍ଷ୍ମୀ ଶଗଡ଼ଗାଡ଼ିରେ ନୁହେଁ ଟ୍ରକ୍, ଟ୍ରେନ୍‌ରେ ଟଙ୍କା ଧରି ପେଲିଠେଲି ପଶିଯିବେ ।'

ଗାଁର ପାଖାପାଖି କୋଡିଏ ଘର ରାହାସାହା ନପାଇ ନିଜ ଡିହକୁ ପଛରେ ଛାଡ଼ି ସହରକୁ ଚାଲିଗଲେ । ଏବେ ଗାଁର ରୂପ ବଦଳି ଗଲା । ଦିନକୁ ଦଶ କୋଡିଏଥର ମାଲ୍‌ଗାଡ଼ି, ମଣିଷଗାଡ଼ି ସବୁ ଏପଟ ସେପଟ ହେଉଥିଲେ । ରେଳ ଲାଇନ ଓ ରାସ୍ତା ଯେଉଁଠି ପରସ୍ପରକୁ କାଟୁଥିଲେ ସେଠାରେ ସବୁବେଳେ ଭିଡ଼ ଜମୁଥିଲା । ରାସ୍ତା କଡ଼ରେ ନାଳ ଟିଏ । ଟ୍ରକ୍‌ଗୁଡ଼ାକ ସେଠାରେ ଧୁଆଧୋଇ ପାଇଁ ଅଟକୁ ଥିଲେ । ଏଥର ରଘୁ ସାହୁ ଗଣାଗଣି କରି ଚାଷବାସ ଛାଡ଼ିଦେଲା । ରାସ୍ତା କଡ଼ରେ ଛଅଟି ଦୋକାନ ତିଆରି କଲା । ଆଉ ତା' ସାଙ୍ଗକୁ ବିଦେଶୀ ମଦ ଦୋକାନଟିଏ ଖୋଲିଲା । ରଘୁ ସାହୁ ପୁଅର ଜଣେ ସହରୀ ସାଙ୍ଗ, ପାଖରେ ଥିଲେ ବଳ ମିଳିବ ବୋଲି ପାଖରେ ଢାବାଟିଏ କଲା । ଢାବାରେ ସବୁ ମିଳୁଥିଲା । କେହି କେହି କହୁଥିଲେ, ଏହାପଛରେ ମନ୍ତ୍ରୀ-ଯନ୍ତ୍ରୀର କମିଶନି କାରବାର ଅଛି । ପରେ ଗାଁର ଖାଲି ଜାଗାରେ ବଙ୍ଗାଳୀ, ବିହାରୀ, କେରଳୀ ସବୁ ଆସି କିଏ ଗ୍ୟାରେଜ୍, ଟାଏର୍ ଟ୍ୟୁବ୍ ମରାମତି, ବରାପାକୁଡ଼ି ଦୋକାନ, ହୋଟେଲ୍ ସବୁ କରି ଆସ୍ଥାନ ଜମାଇଲେ ।

ଖଲି, ମନୁଆ, ଆବୁଆ, ଗେଞ୍ଜା, ଫୁଙ୍କୁର ମନ ଗାଁଛାଡ଼ି ଯିବାକୁ ବଳୁ ନଥିଲା । ସବୁଯାକ ବାଲୁଙ୍ଗା । ନିଜର ବୋଲି ଜମି ନାହିଁ, ମୂଲ ଲାଗିବାକୁ ମୌକା ନାହିଁ । ବେପାର ପାଇଁ ଟଙ୍କା ନାହିଁ । ଏବେ ଯେଉଁଠି ଢାବା ଅଛି, ଆଗ ସେଠାରେ ବର ଓ ଓସ୍ତ ଗଛ ମୂଳେ ତ୍ରିନାଥ ମଣ୍ଡପ ଥିଲା । ସେଠାରେ ଏମାନଙ୍କ ସମୟ କଟୁଥିଲା । ତ୍ରିନାଥ ମେଳା ନାଁରେ ଦୁଇପଇସା ମିଳିଯାଉଥିଲା, ଏବେ ସେଇଟାକୁ ବି ରଘୁ ସାହୁ ଛଡ଼ାଇନେଲା । ସେମାନଙ୍କୁ ରଘୁ ସାହୁର ଭେଣ୍ଡାମାନେ ଦୋକାନର ପାଖତଡ଼ ପୂରାଇ ଦେଉ ନଥିଲେ । ବେଳେବେଳେ ମଦପିଇ ବିଧାଏ ଚାପୁଡ଼ାଏ ବି ବସାଇ ଦେଉଥିଲେ ।

ଶେଷରେ କେମିତି କେଜାଣି ରେଳଫାଟକ ଜଗୁଆଳି ସଲିମ ସହ ଏମାନଙ୍କ ମେଳି ଜମିଲା । ସଲିମ୍‌କୁ କକା ବୋଲି ଡାକୁଥିଲେ, ହେଲେ ଛଅଜଣ ସାଙ୍ଗପରି ଥିଲେ । ଦିନର ଅଧିକାଂଶ ସମୟ ସେଠାରେ କଟୁଥିଲା । ସମୟ ମିଳିଲେ ତାସ ଖେଳୁଥିଲେ, ସଲିମ୍‌ଠୁ ବିଡ଼ି ଖଣ୍ଡିଏ, ଚାହା ଗ୍ଲାସେ ମାଗଣାରେ ପାଉଥିଲେ । ରଘୁ ସାହୁ ଦିନେ ନୂଆ କାର୍‌ଟିଏ ଆଣିଲା । ସେଦିନ ରାତିରେ ଫୁଙ୍କୁ, ଆବୁଆ କୁଆଡୁ ଗଞ୍ଜେଇ ଟାଣି ସଲିମ୍ କକା ପାଖରେ ପହଞ୍ଚିଲେ ।

- ସଲିମ୍ କକା ! ତୁ ଆମକୁ ବାଟ ବତା । ଆଉ ବଞ୍ଚିହେବନି ।

ଭୋ ଭୋ ହୋଇ କାନ୍ଦିଲା ଆବୁଆ ।

– ତୁ ଯଦି କିଛି ନକରିବୁ । ତୋ ଆଗରେ ଟ୍ରେନ୍ ତଳେ ଆମେ ଜଣ ଜଣ କରି ମୁଣ୍ଡ ଦେଇଦେବୁ ।

ସଲିମ୍ ବିଡ଼ି ପରେ ବିଡ଼ି ଟାଣି ଚାଲୁଥାଏ । ମାଲ୍‌ଗାଡ଼ିର ଧୂଆଁ ଠୁ ବି ଲାଜେଇ ଯିବ ।

ଶେଷରେ ସଲିମ୍ କହିଲା,

– କିନ୍ତୁ କମିଶନ ନେବି । ରାଜି ତ ?

ସକାଳ ପାହିଲା । ଏମିତି ଦୁଇ ଦିନ ବିତିଲା । ଦିନେ,

ରେଳ ଫାଟକ ପଡ଼ିଛି । ଦୁଇପଟେ ଚାଳିଶରୁ ପଚାଶ ଟ୍ରକ୍, ବସ୍, ମୋଟର ସବୁ ଅଟକିଛନ୍ତି । କାହିଁ ପୂର୍ବେ ତ ଫାଟକ ଏତେ ସମୟ ପଡୁ ନ ଥିଲା ! କିଛି ସମୟ ପରେ ଦେଖାଗଲା–ଫୁଙ୍କୁ ହାତରେ ଗୁଟ୍‌ଖା, ସିଗାରେଟ୍ ଧରି ଫୁଙ୍କୁ ପହଞ୍ଚିଗଲା । ଆବୁଆ ହାତରେ ମୁଢ଼ୁକି, ରାଶିଲଡୁ, ମୁଗୁର ଖଜା । ଖଲି ନାଲି ଚାହା, କ୍ଷୀର ଚାହା । ମନୁଆ ବରା ପିଆଜି । ଗେଞ୍ଜି ପାଣି ପାଉଚ୍, ସୋଡ଼ା ।

ଆଉ କିଛି ଦିନ ପରେ....

ବେପାର ବଢ଼ିଲା । ଏମାନେ ଆଉ ଦଶ ପିଲାଙ୍କୁ ରଖିଲେ । କିନ୍ତୁ ସଲିମ୍ କକା ନଥିଲା, ବଦଳି ହୋଇଯାଇଥିଲା । ନୂଆ ଜଗୁଆଳିକୁ ବତାଇ ଦେଇ ଚାଲି ଯାଇଥିଲା ପାଞ୍ଚ ଜଣଙ୍କଠୁ ଦିନକୁ ପାଇବୁ ୫୦୦ଟଙ୍କା ଆଉ ତା' ବଦଳରେ... ।

ପ୍ରତିବାଦ

ଦରମା କିଛି କମ୍ ନଥିଲା । ଅନ୍ୟ କାମଗୁଡ଼ିକରେ ତା'ଠାରୁ ବି କମ୍ ଦରମା ପାଇବା ଲୋକ ରହିଥିଲେ । କିନ୍ତୁ ଯାହା ମିଳୁଥିଲା, ମାସ ଶେଷ ହେବା ପୂର୍ବରୁ ସରିଯାଉଥିଲା । ଛଅ ବର୍ଷର ଝିଅ, ଚାରିବର୍ଷର ପୁଅ, ସ୍ତ୍ରୀକୁ ନେଇ ରମେଶର ପରିବାର । ମାସକୁ ଦରମା ଚାରି ହଜାର ପାଞ୍ଚଶହ । ମାଟ୍ରିକ୍ ପାସ୍ କରିଛି, ଗାଁରେ ଦୋକାନ ଖୋଲି ବସିବାକୁ ମୂଳଧନ ନଥିଲା କି ମଜୂରୀ ଖଟିବାକୁ ଯୁ ପାଉ ନଥିଲା । ଏଣୁ, ସହରକୁ ଚାଲି ଆସିଥିଲା ରମେଶ । ତା ସ୍ତ୍ରୀ 'ମୋତେ ଏଇଟା ଲୋଡ଼ା' ବୋଲି କେବେ ମୁହଁଖୋଲି କହିନାହିଁ, କି ତା'ଉପରେ ଅଟକି ଯାଉଥିବା ପରପୁରୁଷର ଆଖିକୁ କେବେ ପାଲଟା ଜବାବ ଦେଇନାହିଁ । ରମେଶ ନିଜ ମାଲିକ ଆଗରେ ଦାବି କରିନାହିଁ କି ପାଖପଡ଼ିଶାଙ୍କ ସହ କେବେ ବଡ଼ପାଟିରେ କଥା ହୋଇନାହିଁ । ରମେଶ ଚାହୁଁଥିଲା ତା' ପରିବାରକୁ ଏକ ଭଲ ପରିବେଶରେ ରଖିବ, କିନ୍ତୁ ଦରମା ବାଧା ଦେଇଥିଲା । ଉପାୟ ନପାଇ ବସ୍ତିର ଏକ ମୁଣ୍ଡରେ ଦୁଇହଜାର ଟଙ୍କା ଦେଇ ଏକ ଘରକୁ ଭଡ଼ାକୁ ନେଇଥିଲା । ଦୁଇଟି ବଖରା, ଘରକୁ ଲାଗି ଗାଧୁଆଘର । ରମେଶ ନିଜ କାମ ସାରି ଫେରିବାବେଳକୁ ସବୁଦିନ ରାତି ଏଗାର ଟପିଯାଏ ।

ଘରକୁ ଫେରିବା ରାସ୍ତା କଡ଼ର ବିଜୁଳି ଖୁଣ୍ଟଗୁଡ଼ିକ ନିଜ ଇଚ୍ଛାମୁତାବକ ଜଳୁଥିଲେ । ଖାଲଖମା ଭର୍ତ୍ତି ରାସ୍ତାଟିରେ ନିଜ ସାଇକଲ ସହ ଛେଚିକଚାଡ଼ି ଚାଲିବା ରମେଶ ପାଇଁ

ଦେହସୁଦ୍ଧା ହୋଇଯାଇଥିଲା । ରମେଶର ସାଇକେଲ୍ ଧକ୍କା ଖାଇ ରାସ୍ତାର କେଉଁ ଖାଲରେ ମୋଡ଼ିମାଡ଼ି ହୋଇ ଶୋଇଥିବା କୁକୁରଟିଏ 'କେଁକେଁ' କରି ଚାଲିଯାଏ, କିନ୍ତୁ କେବେ ପାଲଟା କାମୁଡ଼ିବାକୁ ଆସିନାହିଁ । ଏବେ କିନ୍ତୁ କିଛିଦିନ ଧରି ତା' ବାଟରେ ଦୁଇଟି ବଡ଼ ସମସ୍ୟା ମୁଣ୍ଡଟେକିଛି । ସପ୍ତାହକ ତଳେ ଗାଡ଼ି ଚକ ତଳେ ଏକ କୁକୁର ଛୁଆର ଜୀବନ ଗଲାଦିନଠୁ, ସେପଟେ ଯିଏ ଯାଉଛି ତାକୁ ମା' କୁକୁରଟା କାମୁଡ଼ି ଗୋଡ଼ାଉଛି । କୁକୁରଠାରୁ ରାତି ପଇଁତରା ପାଇଁ ସେଠାରେ ଅଟକୁଥିବା ପୋଲିସ୍ ଜିପ୍‌କୁ ରମେଶ ଅଧିକ ଡରୁଥିଲା । ଦିନେ ରାତିରେ ସେହି ଜିପ୍ ନିକଟରେ ୩-୪ଜଣ ପୋଲିସ୍ ବସ୍ତିର ଜଣେ ଝିଅକୁ ଟଣାଓଟରା କରୁଥିଲେ । ରମେଶ ମୁହଁପୋତି ନଦେଖିବା ଭଳି ଚାଲିଗଲା । ଝିଅଟି ବସ୍ତିର ଏକ ଜଣାଶୁଣା ବେଶ୍ୟା ଥିଲା । ଛାତି ଭିତରେ ଉକୁଟୁଥିବା ପ୍ରତିବାଦକୁ, ଭୟ ଓ ସ୍ୱାର୍ଥର ବାଡ଼ ଭିତରେ ରଖିବାକୁ ଚେଷ୍ଟା କରିଥିଲା ରମେଶ । ମନକୁ ବୁଝାଇଥିଲା 'ଝିଅଟା ତ ସେମିତି' ।

ସକାଳୁ ନକୁଳର ଓମ୍‌ଫେଡ୍ ଦୋକାନକୁ ଗଲାବେଳେ, ରମେଶ ସେହି ପୋଲିସ୍ ଜିପ୍ ନେଇ ଅନେକ କଥା ଶୁଣେ । ଗଲାକାଲି ରିକ୍ସା ନେଇ ଫେରୁଥିବା ଦାମାକୁ ବାଡ଼େଇଲେ । ବୁଧବାର ସନ୍ଧ୍ୟାରେ ନକୁଳଠାରୁ ପାଞ୍ଚଟି ଚାହା ପିଇ ଟଙ୍କା ନ ଦେଇ ଚାଲିଗଲେ । ହେଇଟି ତିନି ଦିନ ତଳର କଥା, ସୁନାକର ତା' ସ୍ତ୍ରୀ ଓ ଶାଳୀକୁ ନେଇ ଗାଁରୁ ଫେରିବାବେଳେ ରାତି ହୋଇଗଲା । ପୋଲିସ୍ ସେମାନଙ୍କୁ ଦେଖି ଅଟକାଇଲା । ବ୍ୟାଗ୍‌ସବୁ ତନଖି କଲା । ଗାଳିଗୁଲଜ କଲେ । ଜଣେ ପୋଲିସ୍ ଶାଳୀର ହାତଧରି ଟାଣୁଥିଲା, କିନ୍ତୁ ସୁନାକର ଗୋଡ଼ହାତ ଧରି ଶହେଟଙ୍କା ଦେଇ ଛାଡ଼ପାଇଲା । ଭାଗ୍ୟକୁ ନିନ୍ଦି ରମେଶ ନିଜକୁ ଆହୁରି ସଙ୍କୁଚିତ କରିବାକୁ ଚେଷ୍ଟା କରୁଥିଲା- 'ଦରମା ଟିକେ ଅଧିକ ମିଳିଥିଲେ, କେବେଠାରୁ ଏଠାରୁ ଚାଲିଯା'ନ୍ତା । ହେଲେ... ।'

ସେଦିନ ଶନିବାର । ରମେଶ ଘରକୁ ଫେରିବା ବେଳେ ରାତି ୧୨ । ପୋଲିସ୍ ଜିପର ଧପ୍‌ଧପ୍ କରୁଥିବା ନାଲୀବତୀକୁ ଦେଖି ରମେଶ ସାଇକଲ୍‌ର ପେଡ଼ାଲ୍‌କୁ ଜୋରରେ ଚଳାଇଲା । ଜିପ୍‌ଟି ନିକଟରେ ପହଞ୍ଚିବା ବେଳକୁ ହଠାତ୍ ସାଇକଲ୍‌ଟି ଧଡ଼୍ କରି ଖାଲରେ ପଡ଼ିଲା । ତଳେ ପଡୁପଡୁ ରମେଶ ଅଟକିଗଲା । ଜଣେ ପୋଲିସ୍ ଖପ୍ କରି ଜିପ୍‌ରୁ ଡେଇଁଲା । ହାତରେ ମଦ ଗ୍ଲାସ । ସାର୍ଟର ବୋତାମ ଅଧା ଖୋଲା । କହିଲା, 'ହଇବେ । ସାହସତ ବଢ଼ିଗଲାଣି । କ'ଣ କିରେ ଆମେ କ'ଣ କରୁଛୁ ଇନ୍‌କ୍ୱାରି କରୁଛୁ ।' ରମେଶ ଗୋଟାପଣ ଥରିବାକୁ ଲାଗିଲା । ସାଇକଲଟିକୁ ଧରି ଆଗକୁ ପାଦ ବଢ଼ାଇବା ବେଳେ ଆଉ ଦୁଇ

ପୋଲିସ୍ ଆସି ପହଞ୍ଚିଗଲେ । ଆରମ୍ଭ ହୋଇଗଲା ନିର୍ଘାତ ମାଡ଼-ଲାତ, ମୁଥ । ଚେଷ୍ଟା କରି ବି ରମେଶ ମୁହଁରୁ 'ଉଃ' ବାହାରିଲା ନାହିଁ । ପୋଲିସ୍ଙ୍କ ମନ ସନ୍ତୋଷ ହେବାଯାଏଁ ରମେଶକୁ ବାଡ଼େଇ ଚାଲିଲେ । ଶେଷରେ ଦରମରା ଅବସ୍ଥାରେ ରାସ୍ତାରେ ଛାଡ଼ି ଚାଲିଗଲେ । ଭୋର ବେଳେ ବସ୍ତିର କିଛି ଲୋକ ରମେଶକୁ ଉଠାଇ ହସ୍ପିଟାଲ୍ ନେଲେ ।

ଦିନ ଦିପହର ବେଳକୁ ରମେଶର ଚେତା ଫେରିଥିଲା । ନିଜ ଚାରିପଟେ ବସ୍ତିର ଲୋକ । ମୁଣ୍ଡ ପାଖରେ କୃଷ୍ଣ ମଉସା । ଥରଥର ହାତରେ ସମସ୍ତଙ୍କ ଆଡ଼କୁ ଥରେ ଆଖିବୁଲାଇ ରମେଶ ଆଡ଼କୁ କାଗଜଟିଏ ବଢ଼ାଇଲେ । ରମେଶ ବୁଝୁଥିଲା, କିନ୍ତୁ ସେ ନିଜର ସ୍ୱାଧୀନତାକୁ ହତ୍ୟା କରିସାରିଛି ଅନେକ ଦିନରୁ । ପାଦ ନିକଟରେ ବସିଥିବା ନିଜ ପତ୍ନୀର ମୁହଁକୁ ଚାହିଁ ଆଖିବୁଜି ଦେଲା । ସେଦିନ ପଶାଖେଳରେ ଭୀଷ୍ମଙ୍କ ସାମାନ୍ୟତମ ପ୍ରତିବାଦ ଅନ୍ୟାୟର ଗତିକୁ ରୋକିପାରନ୍ତା । କିନ୍ତୁ ! ଏହା ହୋଇଥିଲେ, କ'ଣ ମହାଭାରତ ଯୁଦ୍ଧ ହୁଅନ୍ତା ? ଅନ୍ୟାୟୀ କୌରବଙ୍କ ଧ୍ୱଂସ ହୋଇପାରନ୍ତା ? । କୃଷ୍ଣ ମଉସା କହୁଥିଲେ,

'....ହଉ ହେଲା । କେହିତ ଜଣେ ପ୍ରତିବାଦ କରିବାକୁ ପଡ଼ିବ ।'

ରମେଶ ତଥାପି ଉତ୍ତର ଖୋଜି ପାଉ ନଥିଲା ।

ଆଉ ଏକ ଜୀବନ

ସହର ତଳର ଏକ ବସ୍ତି । ଶୀତକାକର ରାତିରେ ଉଷୁମଟିକକ ପାଇଁ କୁକୁରଛୁଆଗୁଡ଼ିକ ଯେମିତି ପରସ୍ପର ଖୁନ୍ଦାଖୁନ୍ଦି ହୋଇ ରହନ୍ତି, ସେମିତି ପାଖକୁ ଲଗାଲଗି ହୋଇ ପ୍ରାୟ ଦୁଇଶହ ଘର । ସହର ଶୋଇବାର ଢେର ସମୟ ପରେ ବି ବସ୍ତିଟି ଚେଇଁଥାଏ । ପାର୍କରେ ମର୍ଣ୍ଣିଂୱାକ୍ ଆରମ୍ଭ ହେବାର ଢେର ପୂର୍ବରୁ ବସ୍ତିର ପିଲା ହାତରେ ଛିଣ୍ଡା ଅଖା ଧରି ଅପେକ୍ଷା କରନ୍ତି । ବୋଧହୁଏ ସମୟର କଣ୍ଟା ସେମାନଙ୍କ ପଛରେ ଦୌଡ଼େ । ବର୍ଷକର ଏଭଳି କୌଣସି ଦିନ ନାହିଁ, ଯେଉଁଦିନ ରାମୁ ମା’ ନଳକୂଅ ପାଖରେ ଝଗଡ଼ା କରିନାହିଁ । କରିମ୍ ମଦ ପିଇ ରିକ୍ସା ନେଇ ଫେରିବା ବେଳେ ମଧୁକୁ ଗାଳିଗୁଲଜ କରିନାହିଁ । ଗୋପାଳ, ବିଶୁ, ସାଉନ୍ତିଆ, ସଲିମ୍ ଗଞ୍ଜାଇ ଖାଇବା ପରେ ଭଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ର ପିଣ୍ଡାରେ ସଂକୀର୍ତ୍ତନ କରିନାହାନ୍ତି । ଗେଲି ପୁଅ ଚମ୍ପା ପୁଅକୁ ରାମ୍ପୁଡ଼ି ଦେବାକୁ ନେଇ ଉଭୟ ଚୁଟି, ଲୁଗା ଟଣାଟଣି ହୋଇ ଲଙ୍ଗଳାମୁକୁଳା ହୋଇ ଦାଣ୍ଡରେ ଗଡ଼ିନାହାନ୍ତି । କୌଣସି ଚୋରି ମାମଲାରେ ପୋଲିସ୍ ବସ୍ତିର ଗୋଟେ ଭେଣ୍ଡାକୁ ଟଣାଓଟରା କରି, ଚାପୁଡ଼ାମାରି, ଗାଳିଗୁଲଜ କରି ଥାନାକୁ ନେଇନାହିଁ । ମଦୁଆ ରସିକିଆ ଗ୍ରାହକ ଟଙ୍କା ନଦେଇ ଗୀତା, ଲତା, ଈଶ୍ୱରୀମ୍ମାଠାରୁ ଧକ୍କାମୁକ୍କା ଖାଇନାହାନ୍ତି । ଏମିତି ସବୁଦିନ ଚାଲେ, ହେଲେ କେହି କାହାଠାରୁ ଅଲଗା ହୁଅନ୍ତି ନାହିଁ । ସମସ୍ତଙ୍କ ଘରେ

ଇଦ୍ ହୁଏ, ସମସ୍ତେ ହୋଲି ଖେଳନ୍ତି, ଦୁର୍ଗାପୂଜା ପାଇଁ ଚାନ୍ଦା ଦିଅନ୍ତି, ଏକ୍ସମାସ୍ ନାଚଗୀତରେ ସବୁ ସାମିଲ ହୁଅନ୍ତି ।

ସହରର ଗୋରାଚାନ୍ଦ ଶିଳ୍ପପତି ନିକଟକୁ ରାଜନେତା ଯେତେଥର ଚାନ୍ଦାପାଇଁ ଯାନ୍ତି, ତା'ଠୁ ଅଧିକ ଥର ବସ୍ତିକୁ ଆସନ୍ତି । 'ବାଇଟ୍' ନେବାକୁ ଯେତିକି ଟିଭି ଓ ପେପରବାଲା ଏମ୍ଏଲ୍ଏ ଅନନ୍ତ ସେଠୀର ଦାଣ୍ଡଦୁଆରକୁ ଦୌଡ଼ନ୍ତି, ତା'ଠୁ ଅଧିକ ସଂଖ୍ୟାରେ ବସ୍ତି ଲୋକଙ୍କ ନିକଟରେ ପହଞ୍ଚନ୍ତି । ଟ୍ରେଡ୍ ୟୁନିଅନ୍ ନେତା ଶେଷରାମ ଯେତେ ରାଲି, ଧାରଣା କରିନାହିଁ, ତା'ଠାରୁ ଅଧିକ ସଂଖ୍ୟାରେ ବସ୍ତିର ପିଲାଛୁଆ ରାଜରାସ୍ତାରେ, ଅଫିସ ଆଗରେ 'ଜିନ୍ଦାବାଦ୍', 'ମୁର୍ଦ୍ଦାବାଦ୍' କରିଛନ୍ତି । ସବୁ ରାଜନୈତିକ ଦଳର ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହେଉଥିଲେ ମଧ୍ୟ ତାଙ୍କୁ କୌଣସି ଦଳ ଅବିଶ୍ୱାସ କରନ୍ତି ନାହିଁ । ତଥାପି ବସ୍ତିକୁ ସହରର ସବୁ ଆଭିଜାତ୍ୟ ବୋଲାଉଥିବା ଲୋକେ ନାକ ଟେକନ୍ତି । ବସ୍ତିରେ ଅନେକଙ୍କ ନିକଟରେ ଭଙ୍ଗା ସାଇକଲ ନାହିଁ, କିନ୍ତୁ ପେଟ୍ରୋଲ୍ ଦରବୃଦ୍ଧି ପ୍ରତିବାଦ ରାଲିରେ ହାତରେ ପ୍ଲାକାର୍ଡ ଧରି ସାମିଲ ହୁଅନ୍ତି । ଘରେ ଦୁଇବେଳା ଚୁଲି ଜଳେ ନାହିଁ, କିନ୍ତୁ ଦରବୃଦ୍ଧିର ପ୍ରତିବାଦ କରନ୍ତି । ବସ୍ତିରେ କେବେ ସ୍ୱାସ୍ଥ୍ୟ କର୍ମୀଟିଏ ପାଦ ଥାପି ନାହିଁ, କିନ୍ତୁ ହସ୍‌ପିଟାଲ୍‌ରେ ହେଉଥିବା ଦୁର୍ନୀତିର ପ୍ରତିବାଦରେ ସ୍ଲୋଗାନ ଦିଅନ୍ତି ।

ବସ୍ତି ନିକଟ ଅଳିଆଗଦାରେ କନାଗୁଡ଼ା ହୋଇ କନ୍ୟାସନ୍ତାନଟିଏ ମିଳିଲେ କିମ୍ବା ମଲା ଭ୍ରୁଣକୁ କୁକୁର କାଉ ଟାଣି ଖାଇଲେ, ଲୋକେ ବସ୍ତିଲୋକଙ୍କୁ ଆଙ୍ଗୁଠି ଦେଖାନ୍ତି । କିନ୍ତୁ ବସ୍ତିରେ ବୈଧ ସନ୍ତାନଙ୍କ ଠାରୁ ପାଳିତ ପିଲାଛୁଆଙ୍କ ସଂଖ୍ୟା ଅଧିକ । ଲକ୍ଷ୍ମୀଆକ୍କା କହୁଥିଲା, "ଏ ସେ ଯେଉଁ ଧୋବଲା ଝୁଅଟାକୁ ଦେଖୁନୁକି ବାବୁ, ତାକୁ ଅମୁକ ଘରର ମାଇକିନା ଦିନେ ରାତିରେ ଏଇଠାରେ ଫିଙ୍ଗି ଦେଇ ଚାଲିଯାଉଥିଲା । ଆମେ ଦେଖି ଧରିବାରୁ ହାତରେ ହଜାରେ ଟଙ୍କା ସହ ପିଲାଟିକୁ ଦେଇ ଗୋଡ଼ହାତ ଧରିଲା । ଏମିତି କେତେ ପିଲା ଏଠାରେ ଅଛନ୍ତି ।"

ରାଲି ସଫଳ ହୋଇଥିବାରୁ ଦିନେ ୫ନମ୍ବର ୱାର୍ଡ଼ର କର୍ପୋରେଟର ବସ୍ତିପାଖ ସ୍କୁଲ ପଡ଼ିଆରେ ଏକ ଭୋଜି ଦେଉଥିଲା । ଲୋକଗହଳି ଲାଗିଥିଲା । କର୍ପୋରେଟର ଓ ତା' ପାଖ ଚେଲାଚାମୁଣ୍ଡାମାନେ ମଦ ନିଶାରେ ମାତାଲ ହୋଇଉଠିଲେ । କର୍ପୋରେଟରର ପାଟିରୁ ଲାଳ ବାହାରୁଥିଲା, ଆଖି ଲାଲ ହୋଇଯାଇଥିଲା, ପାଦ ଟଳମଳ ହେଉଥିଲା ।

ଜିଭ ଲେଉଟୁ ନଥିଲା, ତଥାପି କହୁଥିଲା, 'ମା...., ଫୁ...ସେ...ହେଃ...ଶ...ଶ..ଶଳା ।' ଠିଆହେବାକୁ ଚେଷ୍ଟା କରି ଧଡ୍ କରି ପଡ଼ିଗଲା । ପାଖରେ କୁକୁରଗୁଡ଼ାକ ଛଡ଼ାଛଡ଼ି ହୋଇ ଅଇଁଠା ଖଲି ଟାଣୁଥିଲେ, ଚମକି ପଡ଼ି ଅଟକି ଗଲେ । ସେପଟୁ ମାଛମା' ନିଜର ୧୩ବର୍ଷର ଝିଅ ସିଲୁକୁ ଧରି ଭୋଜିରୁ ଫେରୁଥିଲା । ଲୋକ ଗହଳିରେ ବି ସିଲୁ ଉପରେ ହଠାତ୍ ଝାମ୍ପିପଡ଼ିଲା କର୍ପୋରେଟର । କୁକୁରଗୁଡ଼ାକ ଭୋଭୋ...କୁଁକୁଁ ହୋଇ ଦୌଡ଼ି ଚାଲିଗଲେ । କର୍ପୋରେଟରର ପାଖରେ ଥିବା ଲୋକଟି ଧୀରେ ମାଛମା' ନିକଟକୁ ଆସି ହାତରେ ୫ଶହ ଟଙ୍କା ଗୁଞ୍ଜି ଦେଲା ।

....ଅନବରତ ଗାଳିଗୁଲଜ କରୁଥିବା ମାଛମା'ର ପାଟି ବନ୍ଦ ହୋଇଗଲା । ପ୍ରତିବାଦରେ ଅଭ୍ୟସ୍ତ ବସ୍ତିଲୋକ ମୁହଁ ବନ୍ଦ କରି ଫେରି ଯାଇଥିଲେ । କର୍ପୋରେଟରର ଗାଡ଼ି ଷ୍ଟାର୍ଟ ହେବାବେଳକୁ ବସ୍ତିଆଡୁ ଖାଲି ହେ...ହେ...ହେ...ଶୁଣାଯାଉଥିଲା ।

ଲକ୍ଷ୍ମୀଆକ୍କା ସକାଳେ ନଳକୂଅ ଆଗରେ ପାଖରେ ଥିବା ମାଇକିନାଙ୍କୁ କହୁଥିଲା, "ଶିଙ୍ଗ ଥିଲେ କ'ଣ ହେବ । ଏଗୁଡ଼ାକ ପରପାଇଁ ଖଟିଖଟି ବଳଦ ହୋଇଯାଇଛନ୍ତି । ଷଣ୍ଢ ହୋଇଥିଲେ ନା' ଭୁଷିବେ ।"

ଲେଖକ

ରାଜ୍ୟର ସବୁଠାରୁ ବିତ୍ତଶାଳୀ ବିଭାଗର ଜଣେ ସରକାରୀ ବାବୁ । ନିଜ ଅଫିସରେ ସେ ଯେତିକି ସମୟ କଟାନ୍ତି, କୌଣସି ପଞ୍ଚତାରକା ହୋଟେଲ୍ କିମ୍ବା ଅଜଣା ଅତିଥିଗୃହର ବାତାନୁକୂଳିତ ପ୍ରକୋଷ୍ଠରେ ତା'ଠାରୁ ଢେର ଅଧିକ ସମୟ କଟାନ୍ତି । ସାଧାରଣ କର୍ମଚାରୀଙ୍କ ଭଳି ମାସପୂରିବାକୁ ସେ କେବେ ଅପେକ୍ଷା କରୁ ନଥିଲେ । ତାଙ୍କ ଝିଅ କାର୍ ଚଢ଼ି ସ୍କୁଲକୁ ଯାଉଥିଲା । ପୁଅକୁ ହାତଖର୍ଚ୍ଚ ଦେବାବେଳେ ନୋଟ ଗଣିଲେ ବଡ଼ପଣିଆ ହାନି ହେବ ବୋଲି ତାଙ୍କର ଏକ ଦୃଢ଼ ଧାରଣା ଥିଲା । ଅନେକ ମୂଲ୍ୟବାନ ସାମଗ୍ରୀ ନିଇତି ଗିଫ୍ଟ ଦେଉଥିଲେ ମଧ୍ୟ ପତ୍ନୀର ଆବଶ୍ୟକତା ତାଙ୍କଠାରେ ବିଶେଷ ନଥିଲା । ଏଭଳି ବିଶେଷତ୍ୱ ସତ୍ତ୍ୱେ ସେ ଲୋକଙ୍କ ଆଲୋଚନାର ଉହାଡ଼ରେ ରହିଥିଲେ । ଖବରକାଗଜ, ଟିଭିରେ ତାଙ୍କ ମୁହଁ କେହି ଦେଖନ୍ତୁ କିମ୍ବା ସମାଜରେ ସେ ଚର୍ଚ୍ଚିତ ହୁଅନ୍ତୁ, ଏହା ସେ ପସନ୍ଦ କରୁ ନଥିଲେ । ଅଫିସରେ ତାଙ୍କର ସାଧାରଣ କମିଜ୍ ଓ ପଟଲୁନ୍‌କୁ ଦେଖି କେହି କେବେ ତାଙ୍କୁ ଖାଉ କ୍ଲବର ଆଜୀବନ ସଦସ୍ୟ ବୋଲି କଳ୍ପନା କରିପାରୁ ନଥିଲେ । ମୋଟାମୋଟି ଭାବେ ସେ ଥିଲେ ଖଣି ବିଭାଗର 'ଅଫିସର' ଦରିଦ୍ର ମୋହନ ଜେନା ଓରଫ୍ ଜେନା ସାର୍ ।

ଅଫିସରେ ଦିନକର ଘଟଣା । ବୋଲକରା ପିଅନ୍‌ଟି ଚିରୁକୁଟିଟେ ନେଇ କ୍ୟାବିନ୍ ଭିତରକୁ ପଶିଲା । ଚଷମାକୁ ଟିକିଏ ନାକ ସଣ୍ଢାରେ ଦବାଇ ଜେନା ସାର୍ ଚିରୁକୁଟିଟାକୁ ନିରେଖି

ଦେଖିଲେ । ରାସ୍ତାକଡ଼ରେ ପରିସ୍ରା ଗନ୍ଧରେ ନାକ ଫାଟିପଡୁଥିବା ଜାଗାରେ ଅଗତ୍ୟା ମୁହଁକୁ ଆମ୍ବିଳାକରି, ନାକଟେକି ପରିସ୍ରା କରୁଥିବା ଲୋକଟିର ଅବସ୍ଥା ଭଳି ଇଚ୍ଛା ନଥାଇ ବି ଚିରୁକୁଟିରେ ଉଲ୍ଲେଖିତ ଲୋକଟାକୁ ଡାକିବାକୁ କହିଲେ । ଆଗନ୍ତୁକ ମଧ୍ୟ ସରକାରୀ ବାବୁଙ୍କ ମହଲରେ ଜଣାଶୁଣା ମନ୍ତ୍ରମୁଗ୍ଧ ସାମନ୍ତ ଓରଫ ସାମନ୍ତବାବୁ । ସେ ଏକଧାରରେ ଜଣେ କବି, ପ୍ରକାଶକ, ପ୍ରାବନ୍ଧିକ, ଗାଳ୍ପିକ, ସ୍ତମ୍ଭକାର, ସମ୍ପାଦକ ଇତ୍ୟାଦି ଇତ୍ୟାଦି ।

- ଆଜ୍ଞା ସାର୍ ମୋର୍ଣ୍ଣିଂ !

ସାମନ୍ତବାବୁଙ୍କ ଠାରୁ ଯୋଡ଼ହସ୍ତରେ ଏକ '୮' ନମସ୍କାରଟିଏ ପାଇ ଜେନା ସାର୍ ମୁହଁରେ କୃତ୍ରିମ ହସଟିଏ ଉକୁଟାଇ କହିଲେ,

- କ'ଣ ଭଲ ଅଛନ୍ତି ? ବସନ୍ତୁ । ଆଉ କହନ୍ତୁ କ'ଣ ଖବର ।

ସାମନ୍ତବାବୁଙ୍କ ହାତ ପୁଣି ଯୋଡ଼ି ହୋଇଗଲା । ଭାବାବେଗରେ ନମସ୍କାରଠାଣିଟା ବଦଳି (୭) ଭଳି ହୋଇଗଲା ।

- ଆପଣଙ୍କ ଦୟାରୁ ସବୁ ଠିକ୍‌ଠାକ୍ ଚାଲିଛି । 'ବାସଫୁଲ୍'ର ରଥଯାତ୍ରା ଇସ୍ୟୁ ପାଇଁ ଆପଣଙ୍କ ଏକ ଲେଖାଟିଏ ପାଇଁ ଆସିଛି । ଗଲାଥର ଅନୁରୋଧ କରି ପାଇନାହିଁ ।

ବାସ୍ତବରେ ଲେଖାମାଗିବା ଆଳକୁ ଜେନା ସାର୍ ଭଲଭାବେ ଜାଣିଥିଲେ । 'ଖଣି ଫାଇଲ୍'ଗୁଡ଼ାକୁ ଏପଟସେପଟ କରିବାରେ ଫୁରୁସତ ନାହିଁ, ଲେଖିବେ କେତେବେଳେ । ପୂର୍ବରୁ ତିନି-ଚାରିଥର ଏଭଳି ଲେଖାପାଇଁ ଆସିଥିବା ପ୍ରକାଶକଙ୍କୁ ତଉଲି କାହାକୁ ହଜାରେ ତ କାହାକୁ ଦୁଇଶ ଟଙ୍କା ଦେଇ ଫେରାଇଛନ୍ତି । ଜେନାସାର୍‌ଙ୍କୁ ଏଥର କାହିଁକି କେଜାଣି ଲେଖାଟିଏ ଦେବାକୁ ବେଶି ଇଚ୍ଛାହେଲା । ଅନେକ ଚିନ୍ତା କଲେ । ଜଣେ ଦୁଇଜଣ ବନ୍ଧୁଙ୍କୁ ପଚାରିବି ବୋଲି କଥା କଣ୍ଠଯାଏଁ ଆଣି ଚୁପ୍ ରହିଗଲେ । ଶେଷରେ ମନସ୍ଥ କଲେ ଜଗନ୍ନାଥଙ୍କ ଉପରେ କିଛି ଲେଖିବେ । କିନ୍ତୁ କ'ଣ ଲେଖିବେ । ଫୋନ୍ କରି ସାମନ୍ତବାବୁଙ୍କୁ ପଚାରିଲେ । ସାମନ୍ତବାବୁ ତୁରନ୍ତ ଜାବାବ୍ ଦେଲେ,

- ଆଜ୍ଞା ସାର୍ ! ପୁରୀ ଜଗନ୍ନାଥ ମନ୍ଦିର ଅନେକ ଥର ତ ଯାଇଛନ୍ତି । ଠେଲାପେଲାରେ ରଥ ଟାଣିଛନ୍ତି । ଏ ନେଇ କିଛି ଅନୁଭୂତି ଲେଖନ୍ତୁ ।

ସାମନ୍ତବାବୁଙ୍କ ମନ ପାଇଲା । ଦ୍ୱିତୀୟ ଶନିବାର ଓ ରବିବାର ଛୁଟି । ନିଜର ଅତିଥି ଭବନ, ହୋଟେଲ୍, କ୍ଲବ ଗସ୍ତକୁ ବାତିଲ୍ କଲେ । ମୋବାଇଲ୍ ବି ବନ୍ଦ କଲେ । ଅନେକ

କାଗଜରେ ଗାରେଇ-ଚିରିବା ପରେ ଶେଷରେ ସଫଳ ହେଲେ । ଲେଖା ଆରମ୍ଭ ହେଲା- ହେଡିଂରୁ "ଆବିଳ ଜଗନ୍ନାଥ ।"

ଯୋଡ଼ାରେ ଥିବା ବେଳେ କର୍ତ୍ତବ୍ୟରେ ପେଶିହୋଇ ରଥଯାତ୍ରା କେବେ ଦେଖିପାରି ନଥିଲି । ଏଥର ଭୁବନେଶ୍ୱର ବଦଳି ହେଲେ ଯେମିତି ହେଉ ମହାପ୍ରଭୁଙ୍କ ରଥଟାଣିବି । ସେଦିନ ଗୁଣ୍ଡିଚା । ଝିପି ଝିପି ବର୍ଷା ହେଉଥାଏ । ବଡ଼ଦାଣ୍ଡରେ ଆଣ୍ଠୁଏ ପାଣି । ତା'ର ଦୁଇଦିନ ଆଗରୁ ଉଡ୍‌ଲ୍ୟାଣ୍ଡ୍ ସୁ ଟିଏ କିଣିଥିଲି । ସିଂହଦ୍ୱାର ଆଗରେ ନନ୍ଦିଘୋଷ, ତା ଆଗରେ ଇସ୍‌କୋନ୍‌ର କିଛି ବିଦେଶିନୀ ଭାବବିହ୍ୱଳରେ ନୃତ୍ୟ କରୁଥାନ୍ତି । ମୁଁ ବି ବିହ୍ୱଳ ହୋଇ ଜୋତା ରଖିବା ଭୁଲିଯାଇ ଦୌଡ଼ିଲି । ବାଁ ଗୋଡ଼ର ଜୋତାଟି ଭିଡ଼ରେ କେଉଁଠି ଖସିଗଲା । ଡାହଣ ଗୋଡ଼ର ଜୋତାଟିକୁ ବଞ୍ଚାଇ ଜୋତା ଖୋଜିବାକୁ ନଇଁଲି । ତେବେ ଦଳିଚକଟି ଦେବେ, ଏହି ଭୟରେ ସେଠାରୁ ହଟିଗଲି । ହାତରେ ଡାହାଣ ଜୋତାଟି ଧରି ବହୁ କଷ୍ଟରେ ଗହଳି ଭାଙ୍ଗି ଆଗକୁ ଆସିଲି । ନୂଆ ଜୋତାଟିକୁ ଫିଙ୍ଗିବାକୁ ମନହେଉ ନଥାଏ, କିନ୍ତୁ କେହି ଦେଖି କ'ଣ ଭାବିବ ଏହି ଆଶଙ୍କା ମଧ୍ୟ ରହିଥାଏ । ଏହାମଧ୍ୟରେ ୨-୩ ଘଣ୍ଟା ବିତିଯାଇଥାଏ । ଚାଲି ଚାଲି ବଗଡ଼ା ଧର୍ମଶାଳା ନିକଟରେ ପହଞ୍ଚିଲି । ସେଠାରେ ଜୋତାଟିକୁ ଡ୍ରାଇଭର ଜିମାରେ ଦେବାକୁ ଇଚ୍ଛାକରି ତାକୁ ଫୋନ୍ କଲି । ଏତିକିବେଳେ ମୋର ଡାହାଣ କଡ଼ରେ ଦୁଇଟି କୁକୁର କ'ଣ ଗୋଟାଏ ଜିନିଷକୁ ଦାନ୍ତରେ ଭିଡ଼ାଭିଡ଼ି କରୁଥିଲେ । କନ୍‌ଷ୍ଟେବଲଟିଏ ସେମାନଙ୍କୁ ଘଉଡ଼ିଦେବାରୁ ସେମାନେ ଚାଲିଗଲେ । ସେମାନେ ଛାଡ଼ିଯାଇଥିବା ଜିନିଷକୁ ଦେଖି ମୋ' ଆଖି ଖୋସି ହୋଇଗଲା । ସେ ଥିଲା ମୋ ବାଁ ଗୋଡ଼ର ହଜିଯାଇଥିବା ଜୋତା । ଏ'ତ ମହାପ୍ରଭୁଙ୍କ ଲୀଳା !!!

ଭଦ୍ର ମାଙ୍ଫିଆଗିରି

ସହରଟା ବଢ଼ିଲା ଯେ ଗୋଟାପଣ ଗାଁଟାକୁ ଗିଳିଦେଲା । ଗାଁ ଟି ଆଉ ଗାଁ ହୋଇ ରହିଲା ନାହିଁ । ଏବେ ଗାଁ ଲୋକଗୁଡ଼ାକ ଉପରୁ ମଧ୍ୟ ଆଉ ସରଳିଆ ଗାଉଁଲି ଛାପ ଉଭେଇ ଗଲାଣି । ଗାଁ ମୁଣ୍ଡର ନିମ ଗଛମୂଳେ ଥିବା ଭୁଆଶୁଣୀ ଠାକୁରାଣୀକୁ ବି ସରକାରିଆ ଲୋକେ ବେଆଇନ ବୋଲି ଟାଳି ଉଠାଇ ଦେଲେଣି । ମାଧବ ମଉସାର ମନ ପାଇଲା ନାହିଁ ବୋଲି ହଳଦୀ-ସିନ୍ଦୁର ବୋଳା ପଥରଟାକୁ ନେଇ ପୋଖରୀ ହିଡ଼ ଡିମ୍ବିରି ଗଛମୂଳେ ଥୋଇ ଦେଇଥିଲା । ଏବେ ସେଇଟା ଅଧା ପୋତି ହୋଇଗଲାଣି । ସେଇଟାକୁ କେହି ଦେଖିଲେ ଆଉ ଚିହ୍ନିପାରିବେ ନାହିଁ ଯେ ଦିନେ ଏଇ ଗାଁ ଲୋକଙ୍କ ହାରିଗୁହାରି ଶୁଣୁଥିଲା । ପୋଖରୀ ଅବସ୍ଥା ବି ସେଇଆ । ୮୦ ଗୁଣ୍ଠରୁ ଅଧିକ ହେବ କି କ'ଣ । ପାଣିଶିଙ୍ଗଡ଼ା, ବିଲାତି ଦଳରେ ଭର୍ତ୍ତି ଖାଲଟିଏ ପାଲଟିଯାଇଛି । ହରି ଅଜା କହୁଥିଲା, ସେଥିରେ କାଚକେନ୍ଦୁ ଭଳି ପାଣି ରହୁଥିଲା । ଖରାରେ ଆସି ସେଥିରୁ ଦୁଇ ଆଞ୍ଜୁଳା ପିଇଦେଲେ ପେଟ ପୂରିଯାଉଥିଲା । ପଦ୍ମଫୁଲ ଏତେ ଫୁଟୁଥିଲା ଯେ ମଗୁଶିର ମାସରେ ଗାଁଟା ଯାକର ଲୋକେ ତୋଳିନେଲେ ବି ଆହୁରି ବଳୁଥିଲା । ଛଅଟା ମାସ ଛାଡ଼ିଦେଲେ ଗଡ଼ିଶା, ମାଗୁର, ଶେଉଳ ମାଛଗୁଡ଼ାକରେ ପୋଖରୀଟା ଭର୍ତ୍ତି ହୋଇଯାଉଥିଲା । ଏବେ ଆଉ ସେକଥା ନାହିଁ । କିନ୍ତୁ ପୋଖରୀ ଜାଗାଟା ଉପରେ ସବୁ ପଇସାବାଲାଙ୍କ ଆଖି ।

ମଧୁସୂଦନ ସାମନ୍ତରାୟ । ତା' ବାପା ଜେଜେ ଗାଁର ଜମିଦାର ଥିଲେ । ଏବେ ଆଉ ଜମିଦାରୀ ନାହିଁ, କିନ୍ତୁ କ'ଣ ରିଅଲ୍ ଇଷ୍ଟେଟ୍ କରି ଜମି-ଘର ବିକି ବେଶ୍ ଟଙ୍କା ଅର୍ଜିଲାଣି । ତା' ଅନୁମତିରେ ସେଇ ଇଲାକାରେ କେହି ଜମି କିଣାବିକା କରିପାରିବେ ନାହିଁ, ଏଭଳି ଅଲିଖିତ ନିର୍ଦ୍ଦେଶ ଥିଲା । ଯଦି କେହି କରିବେ, ତେବେ ଷ୍ଟାମ୍ପ ଖର୍ଚ୍ଚଟା ପ୍ରଥମେ ମଧୁଭାଇକୁ ଦେବାକୁ ପଡ଼େ । ନହେଲେ ଅବସ୍ଥା ଘାଇଲା । ପୋଖରୀଟା ଉପରେ ମଧୁସୂଦନର କେଉଁଦିନରୁ ଆଖିଥିଲା । ଆଉଜଣକର ବି ସେଇ ପୋଖରୀ ଉପରେ ନଜର ଥିଲା । ସେଥିଲା କର୍ପୋରେଟର ନିରଞ୍ଜନ ସ୍ୱାଇଁ । ଇଲାକାରେ ତା'ର ଭାଉ ବି କମ୍ ନଥିଲା । ଜମି ବିକ୍ରିବଟା ମାମଲାରେ ଦୁହିଁଙ୍କର ସବୁବେଳେ ଟଣାଓଟରା, କେସ ଦରବାରୀ । ହେଲେ ଦୁହେଁ ଦୁହିଁଙ୍କୁ ଡରି ପୋଖରୀଟାକୁ କେହି ହାତେଇ ପାରୁ ନଥିଲେ ।

ଦିନେ ସେହି ପୋଖରୀ ହିଡ଼ରେ ଫଳକ ଝୁଲିଲା । ବିଜୟାନନ୍ଦ ଯୁବକ ସଂଘ । ଏହାର ଦୁଇମାସ ପରେ ଦଶହରା ପୂଜା କରିବାକୁ ସେଇ ଯୁବକ ସଂଘ ଅଣ୍ଟା ଭିଡ଼ିଲା । ଚାନ୍ଦା ଆଦାୟ ହେଲା । ପୋଖରୀ ଖାଲରେ ମାଟି ପକାଇ ଡିପ କରାଗଲା । ସେଠାରେ ସିମେଣ୍ଟ କଂକ୍ରିଟ୍‌ରେ ସ୍ଥାୟୀ ମଞ୍ଚ ତିଆରି କରାଗଲା । ଧୂମ୍‌ଧାମ୍‌ରେ ପୂଜା ହେଲା ୧୦ ଦିନ । ପୋଖରୀକୁ ହଡ଼ପ କରିବାକୁ ଏସବୁ କର୍ପୋରେଟର ନିରଞ୍ଜନର ଚାଲ ବୋଲି ବୁଝିବାକୁ ମଧୁସୂଦନର ଡେରି ହେଲାନି । ସେଦିନ ସେ ତା' ଟୋକାଙ୍କୁ କହୁଥିଲା

- ହୁଁ, ସରକାରୀ ଦଳଟା ତା'ପଛରେ ଅଛି ବୋଲି କ'ଣ ମୋଠାରୁ ବଳିଯିବ । ଶଳା ଦେଖିବି କେମିତି ପୋଖରୀଟାକୁ ମୋ ହାତରୁ ଛଡ଼ାଇନେବ ।

କାର୍ତ୍ତିକ ମାସ । ମଧୁସୂଦନ ଆଖପାଖର ଲୋକଙ୍କୁ ନିମନ୍ତ୍ରଣ ଦେଇଛି, ଅଷ୍ଟପ୍ରହରୀ ଆୟୋଜନ ହେବ, ବିଶ୍ୱଶାନ୍ତି ଯଜ୍ଞହେବ । ଭଜନକୀର୍ତ୍ତନ ସହ ମାଗଣା ଭୋଗ । ଦିନ ଠିକ୍ ହେଲା । ଗେରୁଆ ବସ୍ତ୍ର ପିନ୍ଧା ଜଣେ ବାବାଙ୍କ ଆବିର୍ଭାବ ହେଲା । ମଧୁସୂଦନ ସମସ୍ତଙ୍କୁ ଦେଖାଇହେଲା ଭଳି ତାଙ୍କ ଆଗରେ ଖାଲି ସାଷ୍ଟାଙ୍ଗ ଦଣ୍ଡବତ ହେଉଥାଏ । ଆଦେଶ ଦେଲେ ହାତଯୋଡ଼ି ମୁଣ୍ଡଟୁଙ୍ଗାରୁ ଥାଏ । ସମସ୍ତଙ୍କୁ ନିଜ ଗୁରୁ ବାବା ନବୀନାନନ୍ଦ ସରସ୍ୱତୀ ବୋଲି ପରିଚୟ କରାଉଥାଏ । ନାମ ଯଜ୍ଞ, ଭୂତ ଯଜ୍ଞ, ଜ୍ଞାନ ଯଜ୍ଞ ଯେତେ ସବୁ ଯଜ୍ଞ ଥିଲା ଶେଷ ହେଲା । କିନ୍ତୁ ବାବା ଆଉ ସେ ଆସ୍ଥାନ ଛାଡ଼ି ଗଲେ ନାହିଁ । ଏହାଭିତରେ ବାବା ଅନେକଙ୍କ କପାଳ, ଆଖି, ନାକ, କାନ, ଆଖି ଦେଖି ଆଗତ

ଭବିଷ୍ୟତ କହି ନାଁ କମେଇ ସାରିଲେଣି ।

ହଠାତ୍ ପ୍ରଚାର ହେଲା,

– ମଙ୍ଗଳବାର ରାତିରେ ବାବାଙ୍କୁ ସ୍ୱପ୍ନରେ ଦେବୀ ଆଦେଶ ଦେଇଛନ୍ତି । ପୋଖରୀ ହୁଡ଼ାରେ ଦେବୀ ପ୍ରକଟ ହୋଇଛନ୍ତି । ସେଠାରେ ମନ୍ଦିର କରି ପୂଜା କରିବା ସହ ପୂଜାବିଧି ବାବାଙ୍କ ଦ୍ୱାରା କେବଳ କରାଯିବ ।

କେହି ବୁଝିପାରିଲେନି, ପରମ ବୈଷ୍ଣବଙ୍କୁ ଠାକୁରାଣୀ କେମିତି ସ୍ୱପ୍ନାଦେଶ ଦେଲେ । ଠାକୁରାଣୀକୁ କିଏ ବା ଆଜିକାଲି ଭୟ କରୁଛି, କିନ୍ତୁ ସାମନ୍ତରାୟର ଟୋକାଗୁଡ଼ାକ ଯଦି କହୁଛନ୍ତି ମନା କରିବାକୁ ବାଟ ନାହିଁ । ହୁଣ୍ଡି ତିଆରି ହେଲା । ‘ଦୁର୍ଗତୀନାଶିନୀ ମନ୍ଦିର ନିର୍ମାଣାର୍ଥେ ହୁଣ୍ଡିରେ ଦାନ ଦିଅନ୍ତୁ’ ବୋଲି ଲେଖାଗଲା । ଶହେ-ଦୁଇଶହ ସରିକି ଇଟା ରଖି ଲାଲ ପତାକା ବି ପୋତାଗଲା । ଭୟରେ ହେଉ କିମ୍ବା ଧର୍ମ ଅର୍ଜିବାକୁ ଲୋକେ ବି ହୁଣ୍ଡିରେ ଦାନ ଦେବାକୁ ପଛଘୁଞ୍ଚା ଦେଲେ ନାହିଁ । ଆଉ ମାସ କେଇଟାରେ କ’ଣ ଠେସା ମନ୍ଦିର ସହ ସୁଉଚ୍ଚ ତିନିମହଲା ଆଶ୍ରମ ତିଆରି ହେଲା । ...

ଆଦିବାସୀ

ଦାଦନ ଖଟିବାକୁ ଯିବା ପରେ ଗାଁରେ କାଁଭାଁ ଛେଳି, ମେଣ୍ଢା, କୁକୁଡ଼ା ପାଳନ୍ତି । ଅନେକ ସମୟରେ ନିଜପାଇଁ ଯୋଗାଡ଼ କରିବାକୁ ସେ ଗାଁର ଲୋକଙ୍କୁ ଅନ୍ୟ ଦୁଇ-ତିନିଟି ଗାଁ ବୁଲିବାକୁ ପଡ଼େ । ଏଣୁ ଆଗ ଭଳି ଆଜିକାଲି ବକ୍‌ସିସ୍ ବା ଘୁସ୍‌ରେ କେହି ଛେଳି, କୁକୁଡ଼ା ଦିଅନ୍ତି ନାହିଁ । ଏବେ ସେମାନେ ବି କିଛି କିଛି ଟଙ୍କାକୁ ତଉଲିବା ଶିଖିଲେଣି । ଛେଳି, କୁକୁଡ଼ାଠାରୁ ଏହାଦ୍ୱାରା ଅଫିସଗୁଡ଼ିକରେ ଭଲ କାମ ହୁଏ ବୋଲି ଅନୁଭବ କଲେଣି ।

ଚାକିରିଟା ଟାଙ୍ଗରା ପାହାଡ଼ ଘେରା ଆଦିବାସୀ ଗାଁରେ ରାଜସ୍ୱ ନିରୀକ୍ଷକ । ମଦ ପିଇବା ଅଭ୍ୟାସଟା ବଢ଼ି ବଢ଼ି ମଦ ଦୋକାନରୁ ଯାଇ ଘର, ପରେ ଅଫିସ ଟେବୁଲ୍ ପାଖରେ ପହଞ୍ଚିଥିଲା । ମଦ ପିଇ କିଛି ସଞ୍ଚିନଥିଲା ବୋଲି ବଦଳି ବନ୍ଦ କରିବାକୁ ଲାଞ୍ଚ ଦେଇପାରିଲା ନାହିଁ କି ମଦ ଛାଡ଼ି ପାରିଲା ନାହିଁ । ଅନ୍ୟ କେହି ହୋଇଥିଲେ ନକ୍ସଲ ନାଁରେ ଉପରିସ୍ଥ ଅଧିକାରୀଙ୍କ ହାତଗୋଡ଼ ଧରି ବାତିଲ୍ କରାଇନିଅନ୍ତା । କିନ୍ତୁ ସେ ନିଜକୁ ଚାଲାକ୍ ବୋଲି ଭାବୁଥିଲା । ସହରରେ କାମକଲେ ଦରମା ମିଳିବାର ପ୍ରଥମ ୧୦ଦିନରେ ଟଙ୍କା ସବୁ ତଣ୍ଟ ହୋଇଯାଏ । ଆଦିବାସୀ ଇଲାକାରେ ଏହି ଖର୍ଚ୍ଚ କମିଯିବ । ବିଦେଶୀ ନହେଲା ନାହିଁ, ହାଣ୍ଡିଆ, ସଲପ, ମହୁଲୀରେ କାମ ଚଳାଇନେବ । ଟଙ୍କା ନଥିବା ବେଳେ ଧାର

କରି ବ୍ୟାଟେରୀ ଏସିଡ୍ ମିଶା ଦେଶୀମଦ ପିଉଥିଲା, ନଚେତ୍ ଟିନ୍‌ଚର । ଏଠାରେ ସବୁ ପ୍ରାକୃତିକ ଓ ସତେଜ । ହିସାବନିକାସ କରି ବଦଳି ଅର୍ଡର ପାଇ ଏ ଆଦିବାସୀ ଗାଁକୁ ଚାଲିଆସିଲା ।

ଏଠାକୁ ଆସିବା ପରେ ହାଣ୍ଡିଆ ସହ ଉପୁରି ଦୁଇ ପଇସା ମଧ୍ୟ ମିଳୁଛି । ସବୁ ରାତି ନିଶାରେ ବେହୋସ୍,ଏଣୁ ନକ୍ସଲ ଟେକିନେବା ଭୟ ନାହିଁ । ତଦାରଖ କିମ୍ବା ତାଗିଦ୍ କରିବା ଏପରିକି ଭାଗ ମାଗିବାକୁ କେହି ନାହାନ୍ତି । କହିବାକୁଗଲେ ଏଠାରେ ତା'ଉପର ଅଫିସରର ଛାଇ ପଡ଼େ ନାହିଁ । ସେ ସେହି ଗାଁର ଏକମାତ୍ର ସରକାରୀ ବାବୁ । ପରେ ସେଠାକୁ ଜଣେ ଗ୍ରାମସେବକ ଓ କିଛି ଦିନ ବ୍ୟବଧାନରେ ଆଉ ଜଣେ ସ୍ୱାସ୍ଥ୍ୟକର୍ମୀ ବଦଳି ହୋଇ ଆସିଲେ । ଦୁହେଁ ସେହି ଜିଲ୍ଲାରେ ନଥିଲେ ବି ଜାତିରେ ଆଦିବାସୀ ।

ପୂର୍ବେ ଏକୁଟିଆ ଥିଲା, ଏଣୁ ଦେଶୀ ନିଶାରେ କାମ ଚଳୁଥିଲା । ଏବେ ତିନିହେଁ ଏକାଠି ହେବା ପରେ ସପ୍ତାହକୁ ଦୁଇ ତିନିଥର ସହରରୁ ବିଦେଶୀ ଆସୁଛି । ସେହି ମାସରେ ସମସ୍ତଙ୍କୁ ବେଶ୍ ଦୁଇ ପଇସା ଉପରି ମିଳିଥିଲା । ଯୋଜନା ହେଲା ଶୁକ୍ରବାର ମାଂସ ସହ ବିଦେଶୀ ମଦର ଆସର ଜମିବ । ମାଂସ ପାଇଁ ହାଟରୁ ଫ୍ରେସ୍ ଛେଳି ଆସିବ । ବେଶି ବୁଢ଼ା କି ପିଲା ହୋଇ ନଥିବ ।

ତିନିହେଁ ହାଟକୁ ଗଲେ । ବହୁ ଖୋଜାଲୋଡ଼ା କରିବା ପରେ ନିଜର ମନଲାଖି ଛେଳି ମିଳିଲା ।

- ଏ ବୁଢ଼ା କେତେ କହୁଛୁକି ? ଗ୍ରାମସେବକ ପଚାରିଲା ।

ବୁଢ଼ା ଆଦିବାସୀ ଟି ତିନିଜଣଙ୍କ ମୁହଁକୁ ଅନାଇ କହିଲା

- ୪କୋଡ଼ି ।

- କ'ଣ, ୪ କୋଡ଼ି ! ତୋ' ଛେଳି କ'ଣ ଖାଉଛି କି ? ଯେଉଁ ସବୁ ଡାଳପତ୍ର ଖାଉଛି ସବୁ ସରକାରର । ସବୁ ମାଗଣା ଖାଉଛି । ରାଜସ୍ୱ ନିରୀକ୍ଷକ ଟିକିଏ ଚଢ଼ା ଗଳାରେ କହିଲା । ୨କୋଡ଼ି ନେ ।

- ନାଇଁ ବାବୁ ହେବନି । ମୁଇଁ ଦେବି ନାଇଁ ।

ସ୍ୱାସ୍ଥ୍ୟକର୍ମୀ ଜାଣେ, ଆଦିବାସୀ ଥରେ ନାଇଁ କହିଲେ 'ନାହିଁ'। ଆକାଶ ଛିଡ଼ିବ କିନ୍ତୁ 'ନାଇଁ' ଆଉ 'ହଁ' ହେବ ନାହିଁ। ତଥାପି ସେ ଜାଣିଥିଲା ଆଦିବାସୀ କେଉଁଠି ଭାଙ୍ଗିବ। ଏଣୁ ସମୟ ସୁବିଧା ଦେଖି, ଗୋଟିଏ ପିନ୍ ଛେଳିର ଅଣ୍ଡକୋଷରେ ଫୋଡ଼ିଦେଲା। ଛେଳିଟି ପ୍ରାଣ ବିକଳରେ ବୋବାଇ ମାଟିରେ ଗଡ଼େଇ ତଡ଼େଇ ହେଲା। ବୋଧ କରିବାକୁ ଅନେକ ଚେଷ୍ଟାକରି ବୁଢ଼ା ବିଫଳ ହେଲା।

- ଏ, ତୋ ଛେଳିଟା ତ ରୋଗିଲା ଟା। ଆମକୁ ଠକୁ ଥିଲୁ। ଗ୍ରାମସେବକ ଧମକେଇ କହିଲା।

ବୁଢ଼ା ପୂରା ଛାନିଆ।

- କାନ୍ଦୁଣୁମାନ୍ଦୁଣୁ ହୋଇ କହିଲା। ନାଇଁ ବାବୁ ଜୁଡ଼େଇ ସୁନ୍ର ରାଣ। ଦେବତା ରାଣ। ଏ ଭଲ ଛେଳିଟା। ରୋଗିଲା ନାଇଁ। ତତେ ଦେଲିନାଇଁ ବୋଲି, ଦିଅଁ ରାଗିଲା କି କ'ଣ। ଦେ ବାବୁ ତୋ କଥା କା। ଦି କୋଡ଼ିକୁ ଦେଇଦେ।

ସ୍ୱାସ୍ଥ୍ୟକର୍ମୀ ଓ ଗ୍ରାମସେବକ ପରସ୍ପରକୁ ଆଖିଠାରିଲେ। ଗ୍ରାମସେବକ ୨୦ଟଙ୍କା ନୋଟ୍‌ଟି ବୁଢ଼ା ହାତରେ ଧରାଇଦେଲା। ବୁଢ଼ା ବି ଛେଳି ବେକରେ ଗୋଡ଼ାଇ ଥିବା ନିଜ ଗାମୁଛାକୁ ବାହାର କରି ଗ୍ରାମସେବକ ହାତରେ ଧରାଇଦେଲା।

ସମର୍ଥକ

ଗାଁରେ ଯେଉଁ କଲେଜପଢୁଆ ଭେଣ୍ଡିଆ ପୁଞ୍ଜାକ ଥିଲେ ସବୁ ସହରକୁ ଚାଲିଗଲେ । କେବଳ ଥିଲେ ଅପାଠୁଆ, ପାଞ୍ଚ କ୍ଲାସରେ ଗବେଷଣା କରି ହାଲିଆ ହୋଇପଡ଼ିଥିବା ଭେଣ୍ଡା, ଥନ୍ତଲପେଟା-ସିଙ୍ଗାଣି ନିଗଡ଼ା-ଲଙ୍ଗଳା ପିଲା, ବୁଢ଼ାବୁଢ଼ି ଆଉ ଘରେ କର୍ମକୁ ଆଦରି ପଡ଼ିରହିଥିବା ମାଇପି ଗଣ୍ଡାକ । ଏଭଳି ଏକ ଗାଁରେ ମହାପାତ୍ରବାବୁ ଜଣେ ବେଶ୍ ପରିଚିତ ଚରିତ୍ର । ବୟସ ଷାଠିଏ କି ପଞ୍ଚଷଠୀ । ପିଲା ଅଝଟ ହେଲେ କି ରାହା ଧରି କାନ୍ଦୁଥିଲେ ଗାଁ ମାଇପେ ଝଡ଼ାଫୁଙ୍କା ଠାରୁ ମହାପାତ୍ରବାବୁଙ୍କ ନାଁକୁ ଅଧିକ ଘୋଷନ୍ତି । ଉଦୁଉଦିଆ ଖରାବେଳେ ନିଦ ନହେଲେ କି ଶୀତକାଳେ ପୋଖରୀ ହୁଡ଼ାରେ ବୁଢ଼ାମାନେ ସମୟ କଟାଇବାକୁ ମହାପାତ୍ରବାବୁଙ୍କୁ ଲୋଡ଼ନ୍ତି । ଭେଣ୍ଡାମାନେ ଥଟ୍ଟାଟିକଲ ପାଇଁ ମହାପାତ୍ରବାବୁଙ୍କୁ ଖୋଜନ୍ତି । ସ୍କୁଲ ଫାଙ୍କିବାକୁ ଚାହୁଁଥିବା ପିଲା ମହାପାତ୍ରବାବୁଙ୍କ ବାଟ ଚାହିଁଥାନ୍ତି । କିନ୍ତୁ କାମ ଥିବାବେଳେ କେହି ମହାପାତ୍ରବାବୁଙ୍କୁ ଦେଖିଲେ ନିଜ ଛାଇକି ଦେଖି ବାଛୁରି ତରକିବା ଭଳି ଖଣ୍ଡେ ଦୂରରୁ ଡିଆଁମାରି ଚାଲିଯାନ୍ତି ।

ଅନେକ ଦିନ ପରେ ଦଶହରା ଛୁଟିରେ ଗାଁକୁ ଆସିଥିଲା ଧନୁର୍ଜୟ । ସେ ଦିନ ମହାପାତ୍ରବାବୁଙ୍କୁ ଦେଖି ଲମ୍ବା ନମସ୍କାରଟେ ପକାଇଥିଲା । ସାଇକଲର ଭଙ୍ଗା ଷ୍ଟାଣ୍ଡକୁ ଦୁଇଥର ନାତ ମାରି ଠିଆକଲେ । ଚମଡ଼ା ଉପରେ କନାର ଅନେକ ପରସ୍ତ ଦେଇ

ସିଲାଇ ହୋଇଥିବା ସିଟ୍ ଉପରେ ହାତ ଢ଼ିରା ଦେଇ ଭାଷଣ ଦେବା ଭଙ୍ଗିରେ ଠିଆହେଲେ ମହାପାତ୍ରବାବୁ । ନମସ୍କାର ବଦଳରେ ଭାରତମାତା କି ଜୟ, ବନ୍ଦେ ମାତରଂ-ବୋଲି ଅଭିବାଦନ କରିବାକୁ ଉପଦେଶ ଦେବାଠାରୁ ଆରମ୍ଭ କଲେ । ରାଜ୍ୟର ବର୍ତ୍ତମାନ ପରିସ୍ଥିତି ଆଡ଼କୁ ଆସିବା ବେଳକୁ ଘଣ୍ଟାଏ ପାଖାପାଖି ବିତିଯାଇଥିଲା । ଦୈବଯୋଗକୁ ମାଧବ ଆସି ଧନୁର୍ଜୟକୁ ଡାକି ନେଇଗଲା । ନହେଲେ ଆହୁ କିଛି ଘଣ୍ଟା ଠିଆ ଠିଆରେ ବିତିଥାନ୍ତା । ଧନୁର୍ଜୟ ବି ଦାନ୍ତ ନେଫିଡ଼ି ସବୁ ଶୁଣିଥିଲା । ଏଥିରେ ମହାପାତ୍ରବାବୁ ବିଶେଷ ପ୍ରଭାବିତ ହୋଇଥିଲେ । ସେହି ଦିନଠାରୁ ସେ ଧନୁର୍ଜୟର ପ୍ରଶଂସାରେ ଶତମୁଖର ।

ମଧୁ ସାହୁ ଚାହା ଦୋକାନରେ ଚାହା ପିଇବା ବେଳେ ତାକୁ ବେଢ଼ି ରହିଥିବା ସୁରେଶ, ଚଗଲା, ପିଣ୍ଟୁ, ତ୍ରିଲୋଚନ, ପ୍ରସାଦକୁ ବୁଝାଉଥିଲା ଧନୁର୍ଜୟ ।

- ଆଜିକାଲିକା ଯୁଗରେ ଏଭଳି ଲୋକ ମିଳିବା ମୁସ୍କିଲ୍ । ଏ ନଥିଲେ ଗାଁର ପିଲାମାନେ ଆହୁରି ଖରାପ ହୋଇଯାଆନ୍ତେଣି ।

ଚଗଲା ମୁରୁକି ହସା ଦେଇ କହିଲା ।

- ଛୁଟି କଟାଇବାକୁ ଆସିଛୁ, ଏଣୁ ତୋତେ ମହାପାତ୍ରର ଭଣ୍ଡ ବକ୍ର କଥା କାଟୁନାହିଁରେ ଭାଇ । ତା ଛଡ଼ା ଏଇ ଦିନ କେଇଟା ହେଇଛି ତ, ଆଗକୁ ସମ୍ଭାଳିଲେ ହେଲା ।

ଧନୁର୍ଜୟ ଏମ୍.ଏ ସହ ଆଇନ ପଢ଼ିଛି । ସହରର କୋର୍ଟକଚେରୀରେ ଅନେକ ଚରିତ୍ରର ଲୋକକୁ ଭେଟିଛି । ରାଜନୀତି ଓ ଲୋକନୀତିକୁ ଭଲଭାବେ ପରଖିଛି । ପିଲାଟି ଦିନରୁ ସେ ଟିକିଏ ପ୍ରତିବାଦଧର୍ମୀ ଥିଲା । ସେ 'ପ୍ରତିବାଦ କର, ଆଉ ବୁଝାଅ'କୁ ସେ ବିଶ୍ୱାସ କରୁଥିଲା । କିନ୍ତୁ ସହର ପାଣିପବନ ତାକୁ 'ପ୍ରଥମେ ମୁଣ୍ଡପାତି ସହିବା ଓ ପରେ ସୁବିଧା ଦେଖି ବିରୋଧ କରିବା'ର କଳା ଶିଖିବାକୁ ବାଧ କରିଥିଲା ।

ଦିନକର କଥା । ସକାଳୁ ସକାଳୁ ଧନୁର୍ଜୟ ଓ ସମିତିସଭ୍ୟ ପଦ୍ମ ଭୋଇ ଗାଁ ମନ୍ଦିର ପାଖେ କଥା ହେଉଥିଲେ । ସେଠାରେ ହାଜର ହୋଇଗଲେ ମହାପାତ୍ରବାବୁ । ଦୁଇଜଣଙ୍କଠୁ ଯୋଡ଼ାଏ ଯୋଡ଼ାଏ ନମସ୍କାର ପାଇବା ପରେ ତାଙ୍କ ଉତ୍ସାହ ବଢ଼ିଗଲା ।

- କ'ଣ ବାପ । ସହର ଲୋକବି ସକାଳୁ ଉଠନ୍ତି !

- ନାଇଁ ଆଜ୍ଞା । ଏ ଅଭ୍ୟାସ ମୋର ପୁରୁଣା । ଧନୁର୍ଜୟ କହିଲା ।

- ବଢ଼ିଆ ! ଏଭଳି ଦେଶର ସବୁ ଯୁବକଙ୍କ ସଦ୍‌ବୁଦ୍ଧି ଉଦୟ ହୁଅନ୍ତା ତେବେ ଦେଶ କେତେ ଆଗକୁ ବଢ଼ନ୍ତା ।

ଏହାପରେ ଖୋଲି ଯାଇଥିଲା ମହାପାତ୍ରବାବୁଙ୍କ ଉପଦେଶ ପେଡ଼ି । ସୁବାସ ବୋଷଙ୍କ ତ୍ୟାଗର କଥା ଶେଷ କରି ମହାପାତ୍ରବାବୁ କହିଲେ,

- ସେ ଗଲା ପରେ ଆମ ରାଜ୍ୟରେ ଯେଉଁ ନେତୃତ୍ୱର ଖାଲିସ୍ଥାନ ଥିଲା ତାକୁ ଆମ ମୁଖ୍ୟମନ୍ତ୍ରୀ ନନ୍ଦନ ବାବୁ ପୂରଣ କରିଛନ୍ତି । ଏଇ ଦେଖୁନ ଟଙ୍କିକିଆ ଚାଉଳ । ଏମିତି କିଏ କେବେ କରିଛି ? ଦିନରେ ଟଙ୍କାଟିଏ ଆଦାୟ ହେଲେ ଗଲା । ଦେଖିବ ଆଉ ଭିକାରି ବି କେହି ରହିବେ ନାହିଁ ।

ଅଙ୍କକଷା ଭୁଲ ହେଲା ବୋଲି ସ୍କୁଲମାଷ୍ଟରଙ୍କ ଠାରୁ ତେନ୍ତୁଳି ଛାଟରେ ନିର୍ଘାତ ମାଡ଼ ଖାଇ ଘରେ ପହଞ୍ଚିବା ପରେ ବାପା ସବୁ ଶୁଣି ଗାଲରେ କଷିକରି ଦୁଇ ଚାପୁଡ଼ା ଦେଇଥିଲେ । ସେ ସମୟରେ ଯେଉଁ କଷ୍ଟ ଅନୁଭବ କରିଥିଲା ତାଠାରୁ ଏହି କଷ୍ଟ ବଳି ଯାଇଥିଲା । ଧନୁର୍ଜୟ ଆଉ ସମ୍ଭାଳି ପାରିଲା ନାହିଁ ।

- ହଁ ! ଆଗକୁ ଆହୁରି ନୂଆ ସ୍କିମ୍ ହେବ ।

- ସତେକି ! ମୁଁ ଜାଣିଥିଲି ପରା, ନନ୍ଦନବାବୁ ରାଜ୍ୟକୁ ରାମରାଜ୍ୟ କରିଦେବେ । କ'ଣ ସେଇଟା ? ମହାପାତ୍ରବାବୁ ଉତ୍କଣ୍ଠାର ସହକାରେ ପଚାରିଲେ ।

- ରାଜ୍ୟର ସବୁ ଲୋକଙ୍କୁ ଏକ ଥାଳିଆ ମାଗଣା ଦିଆଯିବ । ପ୍ରତିଦିନ ସକାଳେ ଏକ ଗାଡ଼ି ଆସି ସାଇରନ୍ ଦେବ । ଏହାପରେ ସବୁ ଲୋକ ଥାଳିଆ ନେଇ ହାଜର ହେବେ । ସେମାନଙ୍କୁ ଉପମା, ଘୁଗୁନି ଦିଆଯିବ । ଏହା ସହ ପାଣି ପାଉଚ୍ । ଗୋଟାଏ ରୁ ଦିଇଟା ଭିତରେ ପୁଣି ସେଭଳି ଏକ ଗାଡ଼ିରେ ଭାତ, ଡାଲି, ତରକାରି ଆସିବ । ପାଞ୍ଚଟା- ଛଅଟା ବେଳକୁ ଚାହା-ବିସ୍କୁଟ୍ । ରାତିରେ ପୁଣି ଚାହିଦା ଅନୁସାରେ ରୁଟି ଓ ଭାତ । ନନ୍ଦନବାବୁ ଦେଖାଇ ଦେବେ ଯେ, ବାହାରେ ଯାଇ ଦାଦନ ହେବା ଅପେକ୍ଷା ନିଜ ଘରେ ମାଗିଖିଆ ହେବା ଭଲ ।

ମହାପାତ୍ରବାବୁ କିଛି କ୍ଷଣ ବଲବଲ କରି ଧନୁର୍ଜୟ ମୁହଁକୁ ଚାହିଁଲେ । ପଦୁଟିଏ ନକହି ସେଠାରୁ ବିଜୁଳି ବେଗରେ ଚାଲିଗଲେ । ...

କ୍ଷମତା ଡ୍ରିଙ୍କ୍

ସମୟ ରାତି ସାଢ଼େ ଆଠ । ଛକ ପାଖରେ ଟ୍ରାଫିକ୍ ପୁଲିସ୍ ଗାଡ଼ିମୋଟର ଚଳାଚଳକୁ ବନ୍ଦ କରିଦେଲେ । ୫-୭ମିନିଟ୍ ପରେ ସାଇରନ୍ ବଜାଇ ପୁଲିସ୍ ଜିପ୍ ଟିଏ ଛକର ବୁଲାଣିରେ ସାଏଁ କରି ବୁଲାଇ ଧଡ଼ାସ୍ କରି ବ୍ରେକ୍ କସିଲା । ଘର ଚାରିପଟେ ଆଉ ଘର ଭିତର ଲନ୍‌ରେ ଟହଲ ମାରୁଥିବା ସଶସ୍ତ୍ର ପୁଲିସ୍ ଯବାନଗୁଡ଼ିକ ମଧ୍ୟ ସଳଖ ହୋଇଗଲେ । ଠିକ୍ ଦୁଇ ମିନିଟ୍ ପରେ ଆଉ ଏକ ପୁଲିସ୍ ଗାଡ଼ି ସେଠାରେ ଅଟକିଛି କି ନାହିଁ ଚାରି ପାଞ୍ଚ ଜଣ ବନ୍ଧୁକଧାରୀ ପୁଲିସ୍ ଖପ୍‌ଖାପ୍ ହୋଇ ଡେଇଁପଡ଼ିଲେ । ପଛରେ ଆସୁଥିବା ମନ୍ତ୍ରୀଙ୍କ ଗାଡ଼ି ଚାରିପଟେ ଘେରି ଚାରିଆଡ଼କୁ ମୁହଁ ଘୂରାଇ ଘନଘନ ଅନାଇବାକୁ ଲାଗିଲେ ।

ଏସବୁ ଆଗରୁ ନଥିଲା । ଦୁଇ ବର୍ଷ ତଳେ ଇମେଲ୍‌ରେ ହତ୍ୟା ଧମକ ମିଳିଥିଲା । ବିରୋଧୀ ଦଳ ବିଧାନସଭାକୁ ଉଠାଇଲେ ପକାଇଲେ । ଖବରକାଗଜ ଓ ନ୍ୟୁଜ୍ ଚାନେଲ୍‌ଗୁଡ଼ାକ ଏହାକୁ ନେଇ ତର୍ଜମା, ସ୍ୱତନ୍ତ୍ର ପରିବେଷଣ, ଅନୁସନ୍ଧାନମୂଳକ ଖବର ସବୁ ପ୍ରକାଶ କରି ଲୋକଙ୍କୁ ଅଣନିଶ୍ୱାସ କରିଦେଲେ । ଶେଷରେ ବାଟ ନପାଇ ରାଜ୍ୟର ବଛାବଛା ବୁଦ୍ଧିଆ ପୁଲିସ୍ ଅଧିକାରୀଙ୍କୁ ନେଇ କ୍ରାଇମ୍‌ବ୍ରାଞ୍ଚର ଅଲଗା ସ୍କ୍ୱାଡ୍ ଗଠନ କରାଗଲା । ନେତାଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ଏକ ବିସ୍ତୃତ ଗବେଷଣା କରିବାକୁ ସ୍ୱତନ୍ତ୍ର କମିଶନ ବସିଲା । ପ୍ରାୟ ଚାରିମାସ ଧାଁଦୌଡ଼ ଓ ଖୋଳତାଡ଼ କରିବା ପରେ ଇଂଜିନିୟର ପାଠ ଅଧାରୁ ଛାଡ଼ିଥିବା ୨୦-୨୨ବର୍ଷର ଜଣେ ଅର୍ଦ୍ଧପାଗଳ ଯୁବକକୁ ପୁଲିସ୍ ଧରିଲା ।

କୋର୍ଟରେ ଯୁବକର ମାନସିକ ଅବସ୍ଥା ଦେଖି ଜାମିନ ମଧ୍ୟ ମିଳିଗଲା । କିନ୍ତୁ କାଳେ 'ମିଛୁଆ ରାଧୁଆ' ଭଳି କିଛି ଅଘଟଣ ହୋଇଯିବ, ହଠାତ୍ କେହି ମାଡ଼ିବସିବ ଏହି ଭୟରେ ପୁଲିସ୍ ବନ୍ଦୋବସ୍ତ ବଢ଼ାଇ ଦିଆଗଲା । ଘର ଚାରିପଟ କାନ୍ଥଗୁଡ଼ିକ ଆଉ ଦୁଇହାତ ଉଚ୍ଚ କରି ଦିଆଗଲା । କିନ୍ତୁ ଗଲା ୨ବର୍ଷ ଭିତରେ କେହି ସେହି ମନ୍ତ୍ରୀଙ୍କୁ ଟେକାଟିଏ ଫୋପାଡ଼ିବେ କ'ଣ କଣେଇକି ବି ଚାହିଁ ନଥିଲେ ।

ସେ ଯାହାହେଉ, ମନ୍ତ୍ରୀ ଘର ଭିତରକୁ ପଶୁପଶୁ ଫାଟକ ପଡ଼ିଗଲା । ପଛରେ ଗୋଡ଼ାଇ ଗୋଡ଼ାଇ ଜଣେ ଛଅ ଫୁଟିଆ ଲୋକଟା ମନ୍ତ୍ରୀଙ୍କ କାନରେ କହିଲା, 'ସାର୍! ଅପେକ୍ଷା କରିଛନ୍ତି ।' ପୂର୍ବ ଦିନଗୁଡ଼ାକରେ ମନ୍ତ୍ରୀଙ୍କ କାନରେ ଏହି ସୂଚନା ପଡ଼ିବା କ୍ଷଣି ଜନ୍ମହେବା ବାଛୁରୀ ଯେଭଳି ତରତର ହୁଅନ୍ତି ସେଭଳି ହେଉଥିଲେ । ଏଥର କିନ୍ତୁ ମନ୍ତ୍ରୀଟିକିଏ ଗମ୍ଭୀର ହୋଇ ଧୀରେ ଧୀରେ ପାଦ ପକାଇଲେ । ପୂର୍ବେ ଘରଭିତରେ ପଶୁପଶୁ ଗାଧୁଆଘର ଆଡ଼େ ମୁହାଁଉଥିଲେ, କିନ୍ତୁ ଆଜି ଲନ୍‌ରେ ଟିକେ ଟହଲ ମାରିଲେ । ପନ୍ଦର କୋଡିଏ ମିନିଟ୍ ପରେ ମନ୍ତ୍ରୀ ଗାଧୁଆଘରକୁ ପଶିଲେ । ସେଠାରୁ ବାହାରି ଲମ୍ବା ଧଳା ରାତ୍ରୀ ପୋଷାକଟିଏ ପିନ୍ଧି ଏକ ମାଛିମାଛି ଅନ୍ଧାରୁଆ କୋଠରୀ ଭିତରକୁ ପଶିଲେ । ଆଗରୁ ରୁମ୍ ଭିତରେ ଥିବା ପିଅନଟା କୁକୁର ଦେଖି ବିଲେଇ ଛତ୍ରଭଙ୍ଗ ଦେଲାଭଳି ପୂରା ଅଣ୍ଟାନଇଁ ନମସ୍କାରଟିଏ କରି ଡିଆଁ ମାରିଲା । ମନ୍ତ୍ରୀ ପହଂଚିବାର ସୁରାକ ପାଇଯାଇଥିଲେ କି କ'ଣ, ଜଣେ ମହିଳା ମୁରୁକି ହସି ଦୁଆରପାଖକୁ ଗଲେ । ମନ୍ତ୍ରୀ ଆଗରୁ ହସୁଥିଲେ, ଭଲ ଅସାର ପଚାରୁଥିଲେ, ଆଜି କିନ୍ତୁ ଅଲାଗ ପଚାରିଲେ, 'ଚାଲିଆସିଲେ !' ଏହାପରେ ଗଦିଦିଆ ଚୌକିରେ ଲଥକରି ବସିଲେ । ମୁହଁଟା ଲମ୍ବାଇ ଏକ ଲମ୍ବା ନିଶ୍ୱାସଟିଏ ଛାଡ଼ିଲେ ।

ମହିଳା ଜଣକ ଡାହଣ ପଟର ଖାଲିଥିବା ଚୌକିଟକୁ ଟାଣି ଆଣି ମନ୍ତ୍ରୀଙ୍କ ପାଖରେ ବସିଲେ । ସତେଯେପରି ନିରବରେ କିଛି ବୁଝାଇବାକୁ ଚେଷ୍ଟା କରୁଛନ୍ତି । ହାତକୁ ଅତି ସନ୍ତର୍ପଣରେ ପାଣି ଗ୍ଲାସଟିଏ ବଢ଼ାଇଦେଲେ । ମନ୍ତ୍ରୀ ନିଜର ବ୍ୟବହାର କରୁଥିବା ଜିନିଷପତ୍ରଗୁଡ଼ିକ ଛାଡ଼ି ଅନ୍ୟ କିଛି ବ୍ୟବହାର କରୁ ନଥିଲେ । ଏଣୁ ମହିଳା ଜଣକ ଘୋଡ଼ା ଚିହ୍ନ ଥିବା କାଚଗ୍ଲାସଟିକୁ ପାଖରେଥିବା ଟିସୁ ପେପରରେ ପୋଛି ପାଣି ଢାଳି ମନ୍ତ୍ରୀଙ୍କ ହାତକୁ ବଢ଼ାଇଥିଲେ । ତା'ପରେ ସିଗାରେଟ୍ ପ୍ୟାକେଟ୍ । ମହିଳା ଜଣକ ଜଣେ ଜଣାଶୁଣା ସାଂସଦଙ୍କ ପତ୍ନୀ । ଶାଢ଼ି ପିନ୍ଧିଥିଲେ ବି ଖୋଲା ପିଠି ପଛପଟ ଓ କାନ୍ଧଠାରୁ ପୁଙ୍ଗୁଳା ଧଳା ହାତର ଯୋଗସୂତ୍ର ଚମତ୍କାର ଥିଲା । ଲାଗୁଥିଲା ଗୋମୁଖଠାରେ ଗଙ୍ଗା ନଦୀ ହଠାତ୍ ମାଟିଭିତରୁ ବାହାରୁଛି । ଶୁକ୍ଳପକ୍ଷର ଦ୍ୱାଦଶୀ ଜହ୍ନଠାରୁ ସଫା ଆଲୁଅଟା କାନ୍ଧ ଉପର ଶାଢ଼ିର କାନି ଭିତର ଦେଇ ସିଧା ତଳକୁ ବହିପଡୁଛି ।

ସେଠାରେ ଆଗରୁ ଟେବୁଲ୍ ସଜା ହୋଇଥିଲା । ଉପରେ ଲମ୍ବା ବିଦେଶୀ ସିଗାରେଟ୍ ଦୁଇ ପ୍ୟାକେଟ୍, ହାତେ ଉଚ୍ଚାର ଦୁଇଟି ବିଦେଶୀ ମଦବୋତଲ, ତିନିଟି କାଚ ଗ୍ଲାସ, ସୋଡ଼ା, ଫୁଲକୋବିର ପକୁଡ଼ି, ଆଉ କିଛି ସ୍ନାକ୍ସ । ମନ୍ତ୍ରୀ ସିଗାରେଟ୍‌ଟି ମୁହଁରେ ଦେବା କ୍ଷଣି ଆଗରେ ଦୋଷୀ ଭଳି ଚୁପ୍‌ଚାପ ବସିଥିବା ଜଣେ ପୁରୁଷଲୋକଟି ଲାଇଟରରେ ସିଗାରେଟ୍‌ରେ ନିଆଁ ଲଗାଇଲେ । ସେ ସେଇ ମହିଳାଙ୍କ ସ୍ୱାମୀ ।

ଏହାପରେ ଆସର ଜମିଲା । ପ୍ରାୟ ୩ ଘଂଟା ଯାଏଁ ଚାଲିଲା । ପୂର୍ବ ଅପେକ୍ଷା ଏଥରର ଆସରଟା ଟିକିଏ ଲମ୍ବାଥିଲା । ଶେଷରେ ମନ୍ତ୍ରୀଙ୍କୁ ହାତଧରି ସାଂସଦ ଓ ସାଂସଦଙ୍କ ପତ୍ନୀ ଶୋଇବା ଘରକୁ ନେଇଗଲେ । ତା’ପରେ ଚୁପ୍‌ଚାପ୍ ନିଜ କାର୍‌ରେ ସେଠାରୁ ଫେରିଆସିଲେ । ଏସବୁ ଦେଖି, ଏକାଦଶୀ ଉପବାସ ପରେ ଅଜୀର୍ଣ୍ଣ ହେଲେ ମନର ଅବସ୍ଥା ଯେପରି ହୁଏ ଫାଟକ ପାଖରେ ନୂଆକରି ଡ୍ୟୁଟିରେ ଯୋଗ ଦେଇଥିବା ଯୁବକ ସେଂଟ୍ରିଟିର ଅବସ୍ଥା ସେଭଳି ଥିଲା । ଫାଟକଟା ଦେଉଦେଉ ଲମ୍ବାନିଶ ଥିବା ଜଣେ ପୁରୁଣା ସେଂଟ୍ରିଟି ତା’ ଆଡ଼େ ଅନାଇ ମୁରୁକି ହସି କହିଲା, ‘ଏମିତି କେତେ ଗଲେଣି । ଆଜି ବୋଧହୁଏ ଏମାନଙ୍କ ଶେଷ ।’

ବେଇମାନ

ମଇ ମାସ । ଗୁଳୁଗୁଳି ସାଙ୍ଗକୁ ଦାଉ ସାଧିବା ଭଳି ପବନ ବହିବା ମଧ୍ୟ ବନ୍ଦ ହୋଇଯାଇଥିଲା । ମାଧିଆ ଶୌଚପାଣି ହେବାକୁ ବିଲହିଡ଼କୁ ଯାଇ ନଗାଧୋଇ ଫେରି ଆସିଲା । ଆଉ ଗାଧୋଇବା କ'ଣ- ଝାଳରେ ଗୋଟାପଣ ବୁଡିଯାଇଥିଲା । ଠିକ୍ ସେଇଦିନ ଗାଁଟି କ'ଣ ପୂରା ପଂଚାୟତଟା ଖାଲି ଉଠୁଥିଲା ପଡୁଥିଲା । ଭାଗବତ ଟୁଙ୍ଗିରେ ସେଦିନ ଭାଗବତର ଦଶମ ସ୍କନ୍ଧ ଗୋପଲୀଳାର ଦ୍ୱିତୀୟ ଅଧ୍ୟାୟ ପଢ଼ିବାର ଥିଲା । 'ନମଇଁ ନୃସିଂହ ଚରଣ । କହିବି ବିଷ୍ଣୁର ପୁରାଣ । ।' ଶେଷ କରିବା ବେଳକୁ ପଣ୍ଡିତ ଆଉ ପଦଟିଏ ଆଗେଇ ପାରିଲେ ନାହିଁ । ବୁଢ଼ାଗୁଡ଼ାକ ସହ ବୁଢ଼ିଗୁଡ଼ାକ ମଧ୍ୟ ଗୋଡ଼ହାତ ଲମ୍ବାଇ ଫୁସୁଫୁସୁ ହେଉଥିଲେ । ଏହି ସମୟରେ, କନକ ନାନୀ କ'ଣ କହିଲା କେଜାଣି ମଣି ମାଉସୀ ଆଉ ସମ୍ଭାଳି ପାରିଲାନି । ବଡ଼ପାଟିରେ କହିଦେଲା,

- ଓହୋ ! ବାଢ଼ି ପଶାଟା, ଏମିତି କାମ କଲା ! ତାକୁ ଧର୍ମ ସହିବ ତ ?

ବାସ୍ ! ସେଇଠୁ ଭାଗବତ ଅଧାରେ ରହିଗଲା । ବାହାରେ ପରିସ୍ଥିତି ଆହୁରି ଗରମ । ବୁଢ଼ା, ଟୋକା ଯାହାକୁ ଦେଖିବ ଏଇଠି ସେଇଠି ଠିଆହୋଇ ମୁହଁକୁ ମୁହଁ ଲଗାଇ ଫୁସ୍‌ଫୁସ୍ କଥା ହେଉଥିଲେ । କଥା କ'ଣ କି;

ଆନନ୍ଦ ମଉସାଙ୍କ ଖାଲି ଏ ଗାଁରେ କାହିଁକି, ଆଖପାଖ ୧୦ଖଣ୍ଡ ପଂଚାୟତରେ ଖାତିର ଥିଲା । ତାଙ୍କର ସାନପୁଅ ସପନ । ସହରରେ ରହୁଥିଲା । ତା'ର ଲଘାପଘା ନଥିଲା । ସେଇଠି ବାନାଖାଉଡ଼ିଆ ହୋଇ ବୁଲୁଥିଲା । ଆନନ୍ଦ ମଉସା ଆରପାରିକୁ ଚାଲିଗଲା ପରେ ଗାଁର କିଛି ବଡ଼ବଡ଼ିଆ ପଂଚୁଆତି ବସି ନିଷ୍ପତ୍ତି ନେଇ ସପନକୁ ବୁଝାଇସୁଝାଇ ଭିଡ଼ିମୋଡ଼ି ଘେନି ଆସିଲେ । ଏହାପରଠୁ ସେ ଗଲା ଦଶବର୍ଷ ଧରି ଗାଁର ସରପଂଚ ହୋଇଆସିଛି । ତା'ର ଜଣେ 'ମୁହଁ ବୋଲା ମାମୁଁ' ଥିଲେ-ମଦନ ନନା । ଢେଙ୍ଗା ଧୋବଧବଳିଆ ଲୋକ । ସରକାରୀ ଚାକିରିରୁ ଅବସର ପରେ ଗାଁରେ ରହୁଥିଲେ । ସେ ସହରରେ ଥିବାବେଳେ ବୋଲକରା କରି ଆନନ୍ଦ ମଉସାଙ୍କ ରାଜନୀତିଆ କାମ କିଛି କିଛି କରୁଥିଲେ । ସପନ ନାଁକୁ ଥିଲା ସରପଂଚ, କିନ୍ତୁ ସବୁକାମ ମୁହଁବୋଲା ମଦନ ମାମୁଁ କରୁଥିଲେ ।

ହଠାତ୍ କ'ଣ ହେଲା କେଜାଣି ! ଦିନେ ସପନ କ'ଣ ଟଙ୍କାପଇସା ଯୋଗାଡ଼ କରିବ କହି ବାହାରକୁ ଯାଇଥିଲା । ମଦନ ନନା ଏଇ ମଉକାରେ ଚାରି ପାଂଚ ସମିତି ସଭ୍ୟ, ୱାର୍ଡ଼ ସଭ୍ୟକୁ ଏକାଠି କଲେ । କାହିଁକି ଏ ମେଳି ହେଲା କେହି ଟେର ପାଇଲେ ନାହିଁ । ଶେଷରେ ଦାଣ୍ଡରେ କଥା ପଡ଼ିଲା- ହେଇଟି କଂସ ଭଳି ନିଜ ଭଣଜାର ବେକ ମୋଡ଼ି କଥା ପାଂଚିଲା ।

ସପନ ଗାଁକୁ ଫେରି ଦିନେ ଦୁଇଦିନ ଚୁପ୍ ଥିଲା । ମଦନ ମାମୁଁକୁ ଆଖିଟେକି କଥା କହିବାକୁ ଯୁ'ପାଉ ନଥିଲା । ଶେଷରେ ଏଇଠୁ ସେଇଠୁ ଶୁଣିବା ପରେ ମୋ ମାମୁଁ 'ନମକହାରାମ', 'ବେଇମାନ' ଟା ବୋଲି ପଛରେ କହି ବୁଲିଲା । ଏଇ କଥା ଗାଁ ଦାଣ୍ଡରେ ପଡ଼ିବା ପରେ ପଂଚାୟତଟା ଯାକ ଖାଲି ଫୁସୁରୁଫାସୁରୁ ଚାଲିଲା ।

- ହଇକିହେ ! କାଇଁକି ଏତେ ହାଇଁପାଇଁ ହେଉଛ । ସପନ କପାଳରେ ଏତେ ନଥିଲା, ପାଇଲା । ଏତ ଆନନ୍ଦ ମଉସାର ଅରଜିଲା କର୍ମ, ପୋଖରୀ ହିଡ଼ରେ ତେଲ ଘସୁଘସୁ ଧଣ୍ଡ ବିରକ୍ତ ହୋଇକହିଲା ।

- ନାଇଁମ ! ମୁଁ ଆଗରୁ ଜାଣିଥିଲି ପରା, ଏ ମଦନଟାର ବଁଉଶଟା ସେମିତି । କ'ଣ ନିମ ଗଛରୁ ଆମ୍ବ ଫଳିବ ? ଦାନ୍ତକାଠି ଟା ମୁହଁରୁ ବାହାର କରି ଥୁଥୁ କରି ପିଲୁ ମଉସା କହିଲା ।

- କାଇଁ ! କ'ଣ ହେଲା କି ? ମନୁ ପଚାରିଲା ।

- ତାଳଚେର ରଜା ଦିନେ ବାହାରକୁ ଯାଇଥିଲା । ଫେରିବା ଡେରି ହେବ ବୋଲି ମଦନର ଅଣଗୋସାଇଁ ବାପାକୁ କହିଥିଲା । ସେ ରାଜ ପୁରୋହିତ ଥିଲା । ସେ କ'ଣ କଲା ନା, ନିଜ ହାତରେ କ୍ଷମତା ରଖିବ ବୋଲି ରଜାପୁଅକୁ ରାଜଗାଦିରେ ବସାଇଦେଲା । ରଜାପୁଅକୁ କାଠକଣ୍ଢେଇ ସଜାଇ ସବୁ ଭୋଗ କଲା । ରାଜା ଫେରିବା ପରେ ଏସବୁ ଦେଖି ରାଗି ନିଁଆ ବାଣ । ବ୍ରହ୍ମହତ୍ୟା ଦୋଷ ଲାଗିବ, ଏଣୁ ମାରିଲା ନାହିଁ । ତାଙ୍କ ବଉଁଶଯାକ ଲୋକଙ୍କୁ ଲଣ୍ଡା କରି ପୋଖରୀ ଖୋଳାଇବାକୁ ଆଦେଶ ଦେଲା । ସେଇ ପୋଖରୀର ନାଁ ଦେଲା 'ନମକହାରାମ' ପୋଖରୀ । ଏହାପରେ ସେମାନେ ଲାଜରେ ଗାଁଛାଡ଼ି ଚାଲିଆସିଲେ, ପିଲୁ ମଉସା ଅନର୍ଗଳ କହିଲେ ।

ମଦନ ନନା ହାତରେ ଡାଳ ଧରି ସେଇବାଟେ ଆସୁଥିବା ଦେଖି । ଏତିକି ବେଳେ ହରିଭାଇନା ଖୁଁଖୁଁ କାଶି ସମସ୍ତଙ୍କୁ ତୁନି ରହିବାକୁ ଇସାରା ଦେଲା ।

ଉତ୍ତରାଧିକାରୀ

- **ତା**କୁ ରାଜ୍ୟ ଯାକରେ କଳହ ଜିଲ୍ଲା ବୋଲି ଜାଣନ୍ତି । ସେଇ ଜିଲ୍ଲାର ପ୍ରଥମ ମହିଳା ବିଧାୟକଙ୍କ କଥା । ବାଧ୍ୟବାଧକତା ନଥିଲେ ମକର ଅଜା ଏମିତି ହିଁ କଥା କହନ୍ତି । କିନ୍ତୁ ଏବେ ତାଙ୍କ ନାତି ସନ୍ତୋଷ କଥାଟିକୁ ଅଧାରୁ କାଟି ଦେଲା ।

- ଅଜା ! ଓଃ ହୋ, ଆଉ ନାଇଁ ଥାଉ । ଆଉ ଗପ ଶୁଣାନି । ସେପଟେ ବଉ ଡାକିଲାଣି । ଯାହା କହିବ ସିଧା ସିଧା କହୁନ । ଏମିତି ବୁଲେଇ ବଙ୍କାଇ କାହିଁକି କହୁଛ ।

ସେ ଯାହା ହେଉ ମକରା ଅଜା ବଡ଼ ମଜାକିଆ ଲୋକ । ସେ ଯେବେ ଗାଁକୁ ଆସନ୍ତି, ତାଙ୍କ ଚାରିପଟେ ଗାଁଯାକର ଲୋକ ଘେରି ଯାନ୍ତି । ସହରର ରାଜନୀତି, କିଏ କିମିତି ମରଡର କଲା, ରାତି ଅଧରେ ଝିଅକୁ କିଡ୍‌ନାପ୍ କରି ନେଇ ବଳାତ୍କାର ପରେ ଫିଙ୍ଗିଦିଆଗଲା, କେଉଁ ନେତା କେତେ ଟଙ୍କା ଖାଇଗଲା, କିଏ ମନ୍ତ୍ରୀ ହେବ,କିଏ ଯିବ, କେଉଁ ଫିଲିମି ହିରୋ କେଉଁ ହିରୋଇଣି ସହ ପ୍ରେମ କଲା, ଛାଡ଼ପତ୍ର ଦେଲା ଏମିତି ଅନେକ କଥା । ଉଁହୁଁ ! ଖବର ପରିବେଷଣରେ ରାଜ୍ୟର ନାମୀଦାମୀ ଖବରକାଗଜ ମଧ୍ୟ ମକର ଅଜା ପାଖରେ ହାରମାନିବେ । ସେ ଭେଣ୍ଡିଆ ଥିବାବେଳେ ଗାଁର ନାମକରା ପାଲାଗାୟକ କୁଣ୍ଡଳ ଜେଜେ ନିକଟରେ ପାଳିଆ ଥିଲେ । କୁଣ୍ଡଳ ଜେଜେ ସହ କେତେ ଦେଶବିଦେଶ ବୁଲିଛନ୍ତି । କିନ୍ତୁ ସରକାରୀ ଚାକିରିଟିଏ ମିଳିବାରୁ ସବୁ ଛାଡ଼ି ଦେଲେ । ବାହାଚୁଡ଼ା ହୋଇ ସହରରେ ଘର କଲେ । କିନ୍ତୁ ପାଲା ଗାଇବା କଳାଟି ଅନେକ ସମୟରେ ଭିଡ଼ିମୋଡ଼ି ହୋଇ ବାହାରକୁ ବାହାରି ଆସୁଥିଲା ।

- ଯିବାକୁ ତରତର ନେଇକି ! କୁଆଡ଼େ ଯିବୁ କି ? ଆଖିଠାରି ମୁରୁକି ହସି ମକର ଅଜା କହିଲେ ।

- ସେତେ ସୁନ୍ଦର ନାଇଁ ମ । କାଳି ଭୁଷୁଣ୍ଡି ଟେ । ତାକୁ ସବୁ 'ଡାଲି ଅପା' ବୋଲି ଡାକନ୍ତି । ଯାହା ହେଉ ଜଣେ ଚର୍ଚ୍ଚିତ ଓ ବିବାଦୀୟ ନେତା । ଆଗ ମୁହଁରେ ମୁଚୁକୁନ୍ଦିଆ ହସ ଲାଗି ରହୁଥିଲା, ଯେବେଠୁ ମନ୍ତ୍ରୀ ପଦ ଯାଇଛି ପୂରା ଚୁପ୍‌ଚାପ୍ । ଯାହା ହେଉ ବଡ଼ ପାରିବା ନେତା । ଆଗକୁ ନିର୍ବାଚନ । ଦଳ ସଭାପତିଟା ବାଉଳାଟେ । କେତେବେଳେ ମୁଣ୍ଡକୁ କ'ଣ ଡୋକିବ, ଟିକଟ କାଟିଦେବ । ଏଣୁ ଜିଲ୍ଲାର ଦୁଇଜଣ ନେତାଙ୍କୁ ଦେଖାଦେଖି ନିଜର ପୁଅକୁ ଆଗକୁ ଆଣିବାକୁ ଯୋଜନା କରିଥିଲେ ।

ତାଙ୍କରି ତିନିଟି ପୁଅ । ତିନିଜଣ ଯାକ କୁଳାଙ୍ଗାର, ଏକୁଆରକେ ବଳି । ନା-ଦା-ମ-ଜୁରେ କେହି କାହାରିକୁ ଊଣାନୁହନ୍ତି । ସେମାନଙ୍କ ଭିତରୁ କିଏ ପରବର୍ତ୍ତୀ ଉତ୍ତରାଧିକାରୀ ହେବ ସେନେଇ ଭାଳେଣୀ ପଡ଼ିଲା । ଶେଷରେ ନିର୍ଣ୍ଣୟର ଦିନ ଆସିଲା । କପିଳେନ୍ଦ୍ରଦେବଙ୍କୁ ଜଗନ୍ନାଥ ସ୍ୱପ୍ନରେ ଦେଖାଦେଇ କିଏ କିପରି ରଜା ହେବ ସେହିକଥା ବତାଇଲା ଭଳି ଘଟଣାଟିଏ ଘଟିଲା ।

ସେ ବିଧାୟକ ହେଲେ ବି ସରକାରୀ ଘରେ ରହୁ ନଥିଲେ । ସେଇଟା ପିଲାମାନଙ୍କ ହାତରେ ଟେକି ଦେଇଥିଲେ । ସେଇଠି ତିନିପୁଅ ପାଳି କରି ଯାହା ପାରନ୍ତି ତାହା କରନ୍ତି । ଆକଟ ନାଇଁ । ମା' ବି ଖୁସ୍ । ଯାହା ହେଉ ରାଜଧାନୀରେ ରହି ମନ୍ତ୍ରୀ କ୍ୱାର୍ଟରରେ ରହି ନେତାଗୁଣ ନଶିଖିଲେ କିମିତି ହେବ ଯେ । ଦଶହରା ଉତ୍ସବ । ସେଦିନ ଦଶମୀ ରାତି । ଦାଣ୍ଡିଆ ଖେଳିବ, ଏଣୁ ଖୁସିରେ ଆଗରୁ ନାଲି ପାଣିରେ ପୂରା ଲାଲେଲାଲ୍ । ଦାଣ୍ଡିଆ ପରେ ହାଲିଆ ହୋଇଯିବାରୁ ପଣି ଟିକେ ରଙ୍ଗପାଣି ପିଇଲା । ତଥାପି ଶୋଷ ମେଣ୍ଟୁନି । ସାଙ୍ଗସାଥି ମେଳରେ ଢକଢକ କରି ଆଉ ଦୁଇ ବୋତଲ ପେଟକୁ ଗଲା । ରାତି ପ୍ରାୟ ୧୨ । କାର୍‌ରେ ଥିବା ପାଞ୍ଚଟି ସାଙ୍ଗ ବି ଅଧାଅଧି ବେହୋସ୍ । ବଡ଼ ଦର୍ପରେ କାର୍ ଷ୍ଟୟରିଂ ଧରିଲା ଡାଲି ଅପାଙ୍କ ମଝିଆ ପୁଅ । ସିଗାରେଟ୍‌ଟା ମୁହଁରେ ଲାଗିଛି । କଲେଜ ଛକ ପାଖରେ ଟର୍ନିଂ କଲାବେଳେ ଜଣେ ବାଇକ୍‌ଚାଳକକୁ ଧକ୍କା ଦେଲା ।

ଲୋକଟା ବାଇକଟା ଟେକି କହିଲା,

- ନିଶା ଘାରିଛି ବୋଧହୁଏ । ଯଦି ପାରୁନ ଚଳାଉଛ କାହିଁକି ? ବାସ୍ ଏତିକି କଥାରେ କାର୍‌ରୁ ଦୁଲ୍‌ଦାଲ୍ କରି ହାମୁଡ଼ିଆଣ୍ଡେଇ ପାଞ୍ଚ ଜଣଯାକ ଓହ୍ଲାଇଲେ । ଲୋକଟାକୁ ଉତ୍ତମ ମଧ୍ୟମ ଦୁଇଚାରିଟା ବସାଇଦେଲେ । ବାପୁଡ଼ାର ଭାଗ୍ୟ ଭଲ ଥିଲା । ପିସିଆର୍ ଭ୍ୟାନ୍ ଆସି ପହଂଚିଗଲା । ସମସ୍ତଙ୍କୁ ଥାନାକୁ ନେଲେ । ଛୁଟି ଥିବାରୁ ବେଲ୍ ମିଳିଲାନି । ଏଣୁ ଜେଲ୍ ଗଲେ । ସେଇଠାରୁ ଜଣାପଡ଼ିଗଲା ଏଇ ଟୋକା ପାଖରେ ନେତା ହେବାର ସବୁ ଗୁଣ ରହିଛି, ଯାହା କିଛି ନଥିଲା ସେସବୁ ଜେଲ୍ ଭିତରେ ଦଶ ଦିନ ରହି ଶିଖିବା ସୁଯୋଗ ମିଳିଲା ।

ଖଣିମାଲିକ

ଲଙ୍ଗଳ ସିଅରେ ମାଟିକୁ ତାଡ଼ିଲେ ନିଜ କୁଟୁମ୍ବପାଇଁ ଦୁଇମୁଠା ଖାଇବାକୁ ମିଳେ ବୋଲି ସେମାନେ ଜାଣିଥିଲେ । ଏଣୁ ସେମାନେ ମାଟିକୁ ମା' ବୋଲି ମନାସୁଥିଲେ, ମୁଣ୍ଡିଆ ମାରୁଥିଲେ । ମାଟିକୁ ନିଜର ବଉଁଶ ସମ୍ପତ୍ତି ବୋଲି ଚିନ୍ତାକରିବା ପାପ ବୋଲି ବିଚାରୁଥିଲେ । ମାଟି ବିଦାରି ମା'କୁ କଷ୍ଟ ଦେଉଥିବାରୁ ସଂକ୍ରାନ୍ତି ପୁନିଅରେ କୁକୁଡ଼ାଟିଏ ବଳି ଦେଉଥିଲେ, ପରବରେ ମାଟି ମା'କୁ ପୂଜା କରି ନାକକାନ ଧରି ଭୁଲ ମାଗୁଥିଲେ । କିନ୍ତୁ ଏଇ ମାଟିକୁ ଖୋଳି ବିକିଲେ ଯେ କାଇଁ କେତେ ପଇସା ମିଳିବ, ସାତ ପୁରୁଷ ବସି ଖାଇଲେ ନସରିବା ଭଳି ସମ୍ପତ୍ତି ମିଳିବ ସେଇକଥା କଳ୍ପନାରେ ସୁଦ୍ଧା ଭାବିପାରୁ ନଥିଲେ । ଏଇ କଥା ସେ କାଳର ନୁହେଁ, ଆଜି କାଲିର । ସେମିତି ଲୋକଗୁଡ଼ାଏ ଥିବା ଇଲାକାକୁ ଯାଇ ସେଠାର ମାଟି ବିକି ବହୁ ଟଙ୍କାପଇସା, ଘରବାଡ଼ି କରିଥିବା ଜଣେ ଲୋକର କଥା ।

କୁହାଯାଉଥିଲା ଗଡ଼ଜାତରେ ରାଜାମାନେ ବଡ଼ ଅତ୍ୟାଚାରୀ ଥିଲେ । କିନ୍ତୁ ସେ ଅଂଚଳରେ କେହି ଭୋକରେ ମରୁ ନଥିଲେ । ଥୋକାଏ ବଗଡ଼ କରୁଥିଲେ ସତ, କିନ୍ତୁ ସମସ୍ତଙ୍କ ପାଇଁ ଜଙ୍ଗଲ ଥିଲା ସବୁକିଛି । ସେତିକିବେଳକୁ ଗଡ଼ଜାତଟା ଓଡ଼ିଶାରେ ମିଶିଯାଇଥିଲା । ଏତିକିବେଳେ ଜଣେ ପଠାଣ ବେପାରୀ ଆସିଲା । ନାଁ ତା'ର ମଇଉଦ୍ଦୀନ୍ । ଗୁଡ଼ାଏ କ'ଣ ଜରିଲଗା ଖାତାଖତିଆନ ଆଣିଥିଲା । ପାଖରେ ଜଣେ ଦୁଇଜଣ ଇଂଜିନିୟର ବି ଥିଲେ । ଗାଁର ଦୁଇଜଣକୁ ଦୁଇପଇସା ଦେଇ ଦୁଇଦିନ ଖୋଳାଇଲେ । କିଛି ଦିନ ପରେ କ'ଣ ହେଲା ସେଠାରୁ ଟ୍ରକ୍ ଟ୍ରକ୍ ମାଟି ଦିନରାତି ବୁହାଗଲା । ଏହା ଭିତରେ

୬୦-୭୦ବର୍ଷ ବିତିଯାଇଛି । ସେଇ ପଠାଣ ଲୋକଟା ଆଜି ଏକ ଚର୍ଚ୍ଚିତ ବ୍ୟକ୍ତି ପାଲଟିଯାଇଛି । ଜନ୍ଦାପିମ୍ପୁଡ଼ି ଭଳି ନେତା, ଖବରକାଗଜ ବାଲା, ସଂଗଠକ, ସମାଜସେବକ ସବୁ ଆଗପଛ ଦୌଡ଼ୁଛନ୍ତି । ପିଅନ ଠାରୁ ପୁଲିସ୍, ବଡ଼ ବାବୁ ଠାରୁ ସରକାର ତା'ର ଅନୀତି ସବୁ ସହିବାକୁ ଭିତିରି ନେଉଛନ୍ତି । ତା'ରି ପୁଅ ମସ୍ତାନ୍ । ସତରେ ପୂରାପୂରି ମସ୍ତରାମ । ବାପାର ଖାତିରି ଆଉ ଟଙ୍କାବଳରେ ସେ ଧରାକୁ ସରା ମଣୁଥିଲା । ଯୁଆଡ଼େ ଯିବ ଆଗପଛ ମାଉଜର ଧରା ଛତିଶଗଡ଼ୀ, ବିହାରୀ ଗୁଣ୍ଡା । ବିଏମ୍‌ଡବ୍ଲୁ କାର୍‌ର କଳାକାଚ କେବେ ଖୋଲାଯାଉନଥିଲା । କାର୍ ଭିତରେ ବସିବା ପାଇଁ ନିତି ଦୁଇ ତିନିଟା ଝିଅ ବରାଦ ହେଉଥିଲା, ଖାଲି ଏତିକି ଜଣାଥିଲା ।

ଥରକର କଥା, ସବୁଦିନ ଭଳି ମଉଜ କରିବାକୁ ରାଜଧାନୀକୁ ମସ୍ତାନ୍ ଆସିଥିଲା । ଏକ ପୁରୁଣା ଭେସ୍‌ପା ସ୍କୁଟର ପଛରେ ଜଣେ ମହିଳା ବସିଥିଲା । ସ୍କୁଟରଟିକୁ ଜଣେ ପଞ୍ଜାବୀ ଚଳାଉଥିଲା । ମହିଳାଜଣକ ବିବାହିତ, ସେଇ ପଞ୍ଜାବୀର ସ୍ତ୍ରୀ । ତାକୁ ଦେଖିଲା କ୍ଷଣି, ଏସି ଲଗା କାରର ଥଣ୍ଡାରେ ଦୁଇକଡ଼ରେ ବସିଥିବା ଆଲ୍‌ବମ୍ ଝିଅଗୁଡ଼ାକ ମସ୍ତାନ୍‌କୁ ଶୀତଳଶବ ଭଳି ଲାଗିଲେକି କ'ଣ, ଏକ ଝଟକା ଦେଇ ଆଡ଼େଇଦେଲା । ସ୍କୁଟର ପଛରେ ଗୋଡ଼ାଇଲା । ସ୍ତ୍ରୀ ଲୋକଟି ମଧ୍ୟ ବେଳେ ବେଳେ କାର୍‌ଟିକୁ ଅନାଉଥିଲା । ଶେଷରେ ଅଟକିଲା ଜନପଥର ଏକ ଛୋଟ ଲୁଗା ଦୋକାନ ଆଗରେ । ଠିକଣା ପାଇ ସେଇଠୁ ଫେରିଆସିଲା ମସ୍ତାନ୍ ।

- ନା' ଯେମିତି ହେଉ ... । କେତେ ଟଙ୍କା ନେବ । କୋଟିଏ, ଦୁଇକୋଟି... । କ୍ୟାସ ଲୋଡ଼ାତ ଦେବି... । ମଦ ନିଶାରେ ସେଇ ଫାଇବ୍ ଷ୍ଟାର୍ ହୋଟେଲ୍‌ରେ ନିଜର ସାଙ୍ଗସାଥିଙ୍କ ଆଗରେ ବକୁ ବକୁ ଭଙ୍ଗାରୁଜା ବି କରିଥିଲା ।

ମାତ୍ର ୨ମାସ ପରେ ଦେଖାଗଲା ସେଇ ସ୍ତ୍ରୀଟି ତା'ର ୧୨ବର୍ଷର ଝିଅକୁ ନେଇ ମସ୍ତାନ୍ କାର୍‌ରୁ ଓହ୍ଲାଉଛି । ଆଉ ସେପଟେ ସେଇ ପଞ୍ଜାବୀ ରାଜଧାନୀର ବଡ଼ ଧନୀମାନଙ୍କ ତାଲିକାରେ ନିଜକୁ ସାମିଲ କରିନେଇଛି । ତା' ନାଁରେ ଭୁବନେଶ୍ୱରରେ ଅତିକମ୍‌ରେ ୬ଟି କୋଠା, ୭ଟି ଦୋକାନ ।

କିଛି ଦିନ ପରେ, ଦେଖାଗଲା ସେଇ ସ୍ତ୍ରୀ ଲୋକଟି ପୁଣି ସେଇ ପଞ୍ଜାବୀ ପାଖକୁ ଫେରି ଆସିଛି, ଆଉ ସେଇ ପଞ୍ଜାବୀଟି ଆହୁରି ଧନୀ ହୋଇଯାଇଛି । ଆଜି ତା' ନାଁ ରେ ରାଜ୍ୟର ଅନେକ ସହରରେ ଏକ ବଡ଼ ବ୍ରାଣ୍ଡ୍ ସାମଗ୍ରୀର ବ୍ୟବସାୟ ଚାଲୁଛି- "ନସିଲା"

- "ବୟସ ମଦ ଯେ ଧନର ମଦ, ପଣ ମଦରେ ଶୁଣ୍ଢିଘର ମଦ..." । " ବାସି ଫୁଲକୁ କି ଭ୍ରମର ରସେ ଦୁର୍ଦ୍ଦଣ୍ଡ ଦେଖିଲେ ଦନାଇ ହସେ ।" ପାକୁଆ ପାଟିରେ ପାନଟେ ଚୋବାଇ ଗାଁର କୃଷ୍ଣ ଅଜା ଏଭଳି ଅନେକ କଥା କହୁଥିଲେ । ସେତେବେଳେ ଏସବୁ କଥାଗୁଡ଼ାକୁ ବୁଝାପଡ଼ୁ ନ ଥିଲା, କିନ୍ତୁ ଅନ୍ୟମାନଙ୍କୁ ହସିବାର ଦେଖି ସେ ମଧ୍ୟ ହସୁଥିଲା । ଏଇ ଘଟଣା ଦେଖିବା ପରେ ସେ କଥାଗୁଡ଼ାକ ସଅଳ ବୁଝି ହେଇଗଲା ।

କ୍ଷତିପୂରଣ

ଏବେର କଥା ନୁହେଁ ରାତିରେ ନିଜେ ମଟରଗାଡ଼ି ଚଲାଇ ଆମ ରାଇଜର ବଡ଼ ନେତା ବନ୍ଧୁଙ୍କ ହୋଟେଲ୍‌କୁ ରିଲାକ୍ସ ହେବାକୁ ଯାଉଥିଲେ, ସେବେଳର କଥା। ସରକାରୀ ଅମଲାଙ୍କୁ କାଳେ ଅସୁବିଧା ହେବନି ଏଣୁ ଲୋକଙ୍କ ପଇସାରେ ଯେଉଁ ଦୁଇତିନି ଧାଡ଼ି ଘର ତିଆରି ହୋଇଥିଲା। ତା'ରି ପାଖରେ ସରକାରୀ ଜାଗା ୨ ଏକର। ସେଠାରେ ବାଂଲା ଦେଶଛଡ଼ାମାନଙ୍କ ଆଧିପତ୍ୟ। ସହରର ସବୁ ଜାଣିଥିଲେ, ସେଇଟା ହେଉଛି ସବୁ ପ୍ରକାର ଖେଚଡ଼ାମିର ପେଣ୍ଠ। ହେଲେ ପୁଲିସ୍ ଫାଇଲ୍‌ରେ ଏନେଇ ଦାଗଟିଏ ବି ପଡ଼ିନି। ଦେଶଛଡ଼ାମାନଙ୍କ ପାଣିପବନରେ ସରକାରୀ ଅମଲାଙ୍କ ପିଲାଏ ବି ବାଟହୁଡ଼ା ହେଲେ। ଅମଲାଙ୍କୁ ଅମଲାପତ୍ନୀଙ୍କ ନିର୍ଦ୍ଦେଶ ଯେମିତି ହେଉ ବସ୍ତିଟାକୁ ଉଠାଇବାକୁ ହେବ, ନହେଲେ ଏଇଠୁ ଘର ଛାଡ଼। ଅମଲାଙ୍କ ଫଂଚୁଆତି ବସିଲା। ଫାଇଲ୍ ତିଆରି ହେଲା। ସେକ୍ସନ୍ ଅଫିସରଠାରୁ ସେକ୍ରେଟାରୀ ସମସ୍ତଙ୍କ ଟେବୁଲରୁ ଖସିଚାଲିଗଲା। କିନ୍ତୁ ବସ୍ତିଭଙ୍ଗା ଫାଇଲ୍‌ଟା ରୁକୁଣା ରଥ କି କ'ଣ ମନ୍ତ୍ରୀଙ୍କ ପାଖକୁ ଯିବାପରେ ଆଉ ଫେରିଲାନି। ଶେଷରେ ଯାହାହେଉ ଅନେକ ଘଣା ପେଲିବା ପରେ ମନ୍ତ୍ରୀ ସନ୍ତକ କଲେ। ବସ୍ତି ଭାଙ୍ଗିବାକୁ ପୁଲିସ, ଦମକଳଗାଡ଼ି, ଡୋଜର, ମ୍ୟୁନସିପାଲଟି ଲୋକ ସବୁ ଯୋଗାଡ଼ ହେଲା। ଯେଉଁଦିନ ଭଙ୍ଗିବାକୁ ଠିକ୍ କରାଗଲା ତା'ର ପୂର୍ବଦିନ ରାତିର ଘଟଣା।

ରାତି ୧୧ଟା କି ସାଢ଼େ ୧୧ଟା ହେବ। ଦେଶିମଦ ନିଶାରେ ଟଳମଳ ହୋଇ ରାସ୍ତା ମଝିରେ ସାର୍ଟ ଫିଟାଇ, ଛାତି ଦେଖାଇ, ହାତଗୋଡ଼ ହଲାଇ ରାସ୍ତା ଉପରକୁ ପୁଞ୍ଜାଏ

ମାଡ଼ିଆସିଲେ । ଠିକ୍ ଯେମିତି ରାସ୍ତା ଉପରେ ୧୨ ଚକିଆ ଆନ୍ଧ୍ର ଟ୍ରକ୍‌ଟିଏ ମାଡ଼ିଆସିଛି । ଟିକିଏ ଟିକିଏ ସମୟର ଅନ୍ତରାଳରେ...ଆବେ...ଶ...ଳ..ଆ ବୋଲି ପାଟିରୁ ବହାରୁଛି । ବିକଟାଳ ହର୍ଣ୍ଣଶବ୍ଦ ଶୁଣି ସାଇକଲ ଚଲାଳି କି ପାଦଚଲା ଲୋକଟିଏ ରାସ୍ତାତଳକୁ ଛାନିଆରେ ଖସିପଡ଼ିଲା ଭଳି ଏମାନଙ୍କ ପାଟି ଶୁଣି ଗାଡ଼ିମଟର ଗୁଡ଼ାକ ଓଲଟି ଆଡ଼େଇଯାଉଛନ୍ତି । ଏମିତି ଘଟିବାଟା ନୁଆଁ ନୁହେଁ, କିନ୍ତୁ ବଡ଼ନେତାଙ୍କ ହାବୁଡ଼ରେ କେବେ ଏମିତି ପଡ଼ିନଥିଲା । ସେପଟରୁ ହୋଟେଲ୍ ଆଡୁ ନିଜ 'ନିବାସ'କୁ ଫେରୁଥିଲେ ଆମ ବଡ଼ ନେତା ବାବୁ । ୟାଙ୍କୁ ବି ଦାମୀ ବିଦେଶୀ ନିଶା ପୂରା ଘାରିଛି । ବସ୍ତିପାଖରେ ପହଞ୍ଚିବା ବେଳକୁ ସେ ଗାଡ଼ି ଚଳାଉଛନ୍ତି ଏ କଥା ସେ ଭୁଲିଯାଇଛନ୍ତି । ଆଖିକୁ ସବୁ ଧୂଆଁଳିଆ ଦେଖାଯାଉଛି । ଭାବୁଛନ୍ତି କୁହୁଡ଼ିଆ ସକାଳରେ ମର୍ଣ୍ଣିଂଓ୍ୱାକ୍ କରୁଛନ୍ତି । ଷ୍ଟିୟରିଂ କାହିଁକି ଧରିବେ । ବାସ୍! ଏତିକି ବେଳକୁ ଧଡ଼ାସ୍...ଧଡ଼କ... । ବ୍ରେକ୍ ଦେବାକୁ ପଡ଼ିଲାନି । ମଟରଗାଡ଼ିଟା ଯାଇ ଗଛରେ ବାଜି ଅଟକିଗଲା ।

ଯେଉଁମାନେ ନିଶାରେ ନିଜକୁ ଟ୍ରକ୍ ଭାବୁଥିଲେ ସେମାନଙ୍କ ଭିତରୁ ଦୁଇଜଣ ଧକ୍କାଖାଇ ଖଣ୍ଡେଦୂରରେ ଛଟିକି ପଡ଼ିଲେ । ଏହାଦେଖି ବସ୍ତିଆଡୁ ଦଳବଳ ବାହାରି ଆସିଲେ ଆଠ-ଦଶ ଦେଶଛଡ଼ା । କିଛି ସମୟପରେ ପଛରେ ଆସୁଥିବା ପାଟ୍ରୋଲିଂ ପୁଲିସ୍ ଭ୍ୟାନ୍ ବି ସେଠାରେ ପହଞ୍ଚିଗଲା ।

ସକାଳୁ ବସ୍ତିଭଙ୍ଗା ହେବା କଥାଟା ତ ଆଗରୁ ଥୟ ହୋଇଥିଲା । ଏଣୁ ପୁଲିସ୍-ବସ୍ତିବାଲାଙ୍କ ଧସ୍ତାଧସ୍ତିର ଭଲ ଭଲ ଫଟୋ ନେବାକୁ ଖବରକାଗଜର ଫଟୋଗ୍ରାଫରଙ୍କ ଭିଡ଼ ଲାଗିଥିଲା ।

- ସକାଳ ୮ଟାରେ ଭାଙ୍ଗିବାର ଥିଲା, ଏବେ ବେଳଗଡ଼ି ୧୧ଟା ହେଲାଣି, କ'ଣ କାହାରି ଦେଖାନାହିଁ , ଜଣେ ଫଟୋଗ୍ରାଫର ଆରଜଣକୁ କହିଲା ।

ଏତିକି ବେଳକୁ ଦେଖିବାକୁ ମିଳିଲା ବସ୍ତିଭାଙ୍ଗିବାକୁ ଯେଉଁ ପୁଲିସ୍, ଅଫିସର ସବୁ ତିଆରି ପଡ଼ିଥିଲେ, ସେମାନେ ସବୁ ବସ୍ତିଭିତରକୁ ପଶିଆସି ଦେଶଛଡ଼ା ଲୋକଙ୍କ କାନ୍ଧରେ ହାତ ପକାଇ ହସିହସି କଥା ହେଲେ । କାହିଁକି ଏ ପଟ୍ଟ ପରିବର୍ତ୍ତନ କେହି ଠିକ୍ ଠିକ୍ ବୁଝିପାରିଲେନି । ଯେଉଁ ବସ୍ତି ଉଠିବ ବୋଲି କୁହାଯାଉଥିଲା ସପ୍ତାହକ ଭିତରେ ସେଠାରେ ପିଇବା ପାଣି ପାଇଁ ଟ୍ୟାପ୍ ବସିଲା, ନାଳ ସଫାହେଲା, ୨ ଟଙ୍କା ଚାଉଳ ମିଳିଲା, ୧୫ ଦିନ ଭିତରେ ବସ୍ତିରେ ଲାଇଟ୍ ଜଳିଲା, ଆଉ ମାସକ ଭିତରେ ସିମେଣ୍ଟ ରାସ୍ତା, କମ୍ୟୁନିଟି ସେଣ୍ଟର । ସେଦିନ କମ୍ୟୁନିଟି ସେଣ୍ଟରର ଉଦ୍‌ଘାଟନ । ବସ୍ତିଭିତରେ ମଣିଷ ଉଚ୍ଚାର ବଡ଼ନେତାଙ୍କ ଦୁଇଟି ପୋଷ୍ଟର, ତାରି ଆଗରେ ଦେଶଛଡ଼ାଗୁଡ଼ାକ ମଦନିଶାରେ ବାଜାବଜାଇ ହୋହୋ ହୋଇ ନାଚୁଥିଲେ । ଏରିଆ ବିଧାୟକ କମ୍ୟୁନିଟି ସେଣ୍ଟରର ନାଲିଫିତା କାଟି କହିଲେ- 'ତମେମାନେ ସବୁ ଆମ ବାବୁଙ୍କ ଖାସ୍ ଲୋକ । ଏଇଠି ରହିବ ।'

ଯେଉଁମାନେ ପରଛିଦ୍ର ଖୋଜିବା ଅଭ୍ୟାସ ସେମାନେ ଏସବୁ କିମିଆ ଟିକେ ଟିକେ ଜାଣିଲେ । ସେମାନଙ୍କ ଭିତରୁ ଦୁଇତିନି ଚା’ ଦୁଇ ଢୋକ ପିଇ ଖଟିରେ କହୁଥିଲେ- "ଶାସନ ବୋଝ ସମ୍ଭାଳିବାକୁ ଗୋଟେ ଅଫିସର । ବିରୋଧୀଙ୍କ ମୁକାବିଲା ପାଇଁ ପୁଞ୍ଜାଏ ମନ୍ତ୍ରୀ । ପ୍ରତିବାଦ କଲେ ସାବାଡ଼ କରବାକୁ ଖାକି ବଳ । ଦଳ କଥାରେ ମୁଣ୍ଡପୂରାଇବା ଲୋଡ଼ାନାହିଁ । ତୁଣ୍ଡରୁ ତ କଥା ବାହାରେ ନାହିଁ, ଯେବେ କହିବାକୁ ପଡ଼େ ତା’ ପାଇଁ ବି ମଗଜ ଖର୍ଚ୍ଚ ହୁଏନାହିଁ । ସେଇଟା ଜଣେ ଲେଖେ, ଯେତିକି ଲେଖିବେ ସେତିକି ଦୁଇତିନିଥର ଅଭ୍ୟାସ କରି ଖାଲି କହିବା କଥା । ଏତେବଡ଼ ବୋଝ ମୁଣ୍ଡରୁ ଖସାଇ ନିଶ୍ଚିନ୍ତ ବସିବା କ’ଣ ସହଜ କଥା । ଆରେ ଭାଇ ସତରେ ବଡ଼ ଟେନ୍‌ସନିଆ କାମ । ଆଉ କିଛି ଖରାପ ଅଭ୍ୟାସ ନାହିଁ ଖାଲି ଟେନ୍‌ସନ୍ ଫ୍ରି ହେବାକୁ ଟିକେ ନେବାଟିକୁ ସୁରକ୍ଷିତ କରିବା ପଡ଼ିବ ନାନାହିଁ ।"

ଗରିବ ତିଆରି

ପୁରୁଣା ବସ୍‌ଷ୍ଟାଣ୍ଡ୍ । ଦୁଇ-ତିନିଜଣ ଲୋକ ଠିଆ ହୋଇ ଗପୁଥିଲେ । ସିଆଡୁ ଲୋକଟେ ଆସୁଆସୁ ଅଟକିଗଲା । ମୁହଁରେ ମେଞ୍ଚାଏ ଆଲୁରୁବାଲୁରୁ ଦାଢ଼ିନିଶ । ହାଫ୍‌ପ୍ୟାଣ୍ଟ୍‌ଟା ସାତସିଆଁ । ଧଳାସାର୍ଟଟା କିନ୍ତୁ ବାଦାମୀରୁ କଳା ପଡ଼ିବା ଅବସ୍ଥାରେ ରହିଛି । ଉପରୁ ତିନିଟି, ତଳଆଡୁ ଦୁଇଟି ବୋତାମ ଛିଡ଼ିଯାଇଛି । ଏହାଭିତରୁ ଛାତିର ହାଡ଼ଗୁଡ଼ାକ ବାହାରକୁ ବାହାରି ଦନ୍ତ ନିକୁଟି ହସିଲା ଭଳି ଦେଖାଯାଉଛି । ଅଧାଛିଣ୍ଡା ଚପଲଟା ପ୍ରାଣବିକଳରେ ପାଦକୁ ସତେଯେପରି ଜାବୋଡ଼ି ଧରିବାକୁ ଚେଷ୍ଟା କରୁଛି । ହାତରେ ପଲିଥିନ୍ ପୁଡ଼ିଆଟେ । କିଛି ସମୟ ଚୁପ୍‌ଚାପ୍ ଠିଆହେଲା । ତା'ପରେ ହାତରେ ଦାଢ଼ି କୁଣ୍ଡାଇକୁଣ୍ଡାଇ ସେଇ ଦୁଇ-ତିନିଜଣ ଲୋକଙ୍କୁ ଦେଖି ମୁରୁକି ହସିଲା, ବୋଧହୁଏ ସେମାନଙ୍କ ଭିତରୁ କାହାରି ଦୃଷ୍ଟିଆକର୍ଷଣ କରିବାକୁ ଚେଷ୍ଟା କରୁଥିଲା ।ଏଥିରେ ସେ ବିଫଳ ହେବା ପରେ ସେଭଳି ଦାଢ଼ି କୁଣ୍ଡାଇ ହସିହସି ଚାଲିଯିବାକୁ ବସିଲା ।

ଏହି ସମୟରେ ସେଇ ଲୋକଙ୍କ ଭିତରୁ ଜଣେ ଡାକିଲା- ଆରେ ରବି, କୁଆଡ଼େ ବାହାରିଲୁ ।

ରବି ଅଟକିଗଲା;

- ନାଇଁ... । ଏ... । ଏଇଟା ନେବାକୁ ଆସିଥିଲି, ପଲିଥିନ୍ ପୁଡ଼ିଆଟି ଦେଖାଇ କହିଲା ।

- କ'ଣ ଖାଇବାକୁ ନେଇଛୁ ? ସେଇ ଲୋକଟି ପୁଣି ପଚାରିଲା ।

-ଏଁ...ଏଁ...କିଛି ନାଇଁ, ରୁଟି ।

ଏତିକି କହି ରବି ସେଭଳି ହସିହସି ଠିଆହେଲା । ବୋଧହୁଏ ଦନ୍ତ ଗୁଡ଼ାକ କେବେ ସଫାକରୁନଥିଲା । ସେଗୁଡ଼ିକ କଳା ପଡ଼ିଯାଇଥିଲା । ଲୋକଟି ପକେଟ୍‌ରୁ ୨ଟଙ୍କା ବାହାର କରି ତା' ହାତକୁ ବଢ଼ାଇଦେଲା । ରବି ସେମିତି ହସିହସି ସେଇ ଅନ୍ଧାରୁଆ ଗଳି ଭିତରଦେଇ ହଜିଗଲା ।

- ଭଲ ଲୋକଟା । କିନ୍ତୁ ଆଜିର ଭଳି ଏ ଲୋକଟାର ମୁଣ୍ଡ ଏମିତି ଖରାପ ନଥିଲା । ଦିଲିପ ତା'ର ସାଙ୍ଗକୁ କହିଲା ।

- ୮-୧୦ ବର୍ଷ ତଳର କଥା । ଭଦ୍ରକରୁ ଜଣେ ଲୋକଟେ ଆସି ଇନ୍ଦିରା ପାର୍କ ରୁ କେଶରୀ ହଲ୍ ଯିବା ରାସ୍ତା କଡ଼ରେ ତାଟି-ତାର୍ପୁଲିନ୍ ଲଗାଇ ଏକ ଛୋଟିଆ ହୋଟେଲଟେ କରିଥିଲା । ହୋଟେଲ୍‌ଟାରେ ଭଲ ଖାଇବାକୁ ମିଳୁଥିଲା ଆଉ ଶସ୍ତା ବି ଥିଲା । ଏଣୁ ସେଠାରେ ଭଲ ଭିଡ଼ ଜମୁଥିଲା ।

ସେଇଠି ଏଇ ରବି କାମ କରୁଥିଲା, ମାନେ ପ୍ଲେଟ୍ ପୋଛୁଥିଲା, ଧୋଉଥିଲା । ଭଲ ମିଶାଣିଆ ଲୋକଟାଥିଲା । ଯିଏ ହୋଟେଲ୍‌କୁ ଥରେ ଯାଇଛି, ବର୍ଷଟିଏ ପରେ ବି ତାକୁ ରାସ୍ତାଘାଟରେ କେଉଁଠି ଦେଖିଲେ ରବି ଚିହ୍ନିପକାଇ ପାଖକୁ ଯାଇ ଭଲମନ୍ଦ ପଚାରିବ । କେତେକ ଗ୍ରାହକ ରବି ପାଇଁ ହୋଟେଲ୍‌କୁ ଆସୁଥିଲେ ବୋଲି କହିଲେ କଥା ଊଣାହେବନି । ସେଠାରେ ଦିନକୁ ଦୁଇବେଳା ଖାଇବାକୁ ଓ ରବିବାର ହେଲେ ସିନେମା ଦେଖିବାକୁ ୧୦ଟି ଟଙ୍କା । ମାଲିକର ପୁରୁଣା ପ୍ୟାଣ୍ଟସାର୍ଟରେ ରବିର କାମ ଚଳିଯାଉଥିଲା । କେହି କେହି ଗ୍ରାହକ ରବିକୁ ପଚାଶ ପଇସା- ଟଙ୍କାଟେ ଦେଉଥିଲେ । ତିନିବର୍ଷ ତଳେ ବିଏମ୍‌ସି ଆସି ହୋଟେଲ୍‌ଟାକୁ ଡୋଜର ଲଗାଇ ଭାଙ୍ଗିଦେଲା । ହୋଟେଲ୍ ମାଲିକଟା ବୋଧହୁଏ ତା' ଗାଁକୁ ଫେରିଗଲା ଆଉ ରବି ବେକାର ।

ପ୍ରାୟ ୩-୪ମାସ ଏଇଠି ସେଇଠି କାମପାଇଁ ବୁଲିଲା । ଏଭଳି ମଳିମୁଣ୍ଡିଆ, ଅଶିକ୍ଷିତ, ବେସହାରା ଲୋକକୁ କିଏ କାହିଁକି ଚାକିରି ଦେବ । ବେଳେ ବେଳେ ଭୋକରେ ରହିଲା । ତା'ପରେ ଭିକମାଗିଲା । ବୋଧହୁଏ ଭୋକବିକଳରେ ଭିକମାଗୁଥିଲା । ଏଭଳି ହାତପତାଇବା ତା'ମନ ସହୁନଥିଲା । ଆଉ ସେ କାହାରି ଆଗରେ ହାତ ପତାଇଲା ନାହିଁ, ପାଗଳ ହୋଇଗଲା, ମାନେ ଅଧା ପାଗଳ ।

ଯେବେ ପଚାରିବି କେଉଁଠେ ରହୁଛୁ, କେଉଁଠେ ଖାଉଛୁ, ସେ କହିବ ମୋ'ର ଧର୍ମ ଭଉଣୀଟେ ଅଛି ତା'ପାଖକୁ ଯାଉଛି - ଦିଲିପ କହିଲା ।

ତା'ର କେହି ନାହାନ୍ତି । ମୁଁ କେବେ ତାକୁ କାହା ସହିତ ଦେଖିନାହିଁ । ଏଇ ଯେଉଁ ଏଜି ଅଫିସ ଅଛି ତା'ରି କଡ଼ରେ ଫୁଟ୍‌ପାଥ ଉପରେ ଅଧିକାଂଶ ସମୟ ଦେଖିଛି ।

ବନିଶି କଣ୍ଟା

ପୁଅ ବାହାଘରକୁ ୬ ମାସ ପୂରିବାକୁ ଆହୁରି ୩-୪ଦିନ ବାକି ଅଛି, ହଠାତ୍ ସବୁ ଗଡ଼ବଡ଼ ହୋଇଗଲା । ପୁଲିସ୍ ଆଗପଛ ହେଉଥିଲା ଏବେ ଉପରୁ ନିର୍ଦ୍ଦେଶ ପାଇ ହାବୁକି ମାରିଲା । ତାପଛକୁ ହେଲାବାଲା ନେତା, ଥିଲାବାଲା ନେତା, କାଣି-କୁଜି ସମାଜସେବୀ ସବୁ ସିଆଡ଼େ ଛୁଟିଲେ ।

ଲୋକମାନେ କୁହାକୁହି ହେଲେ,

- ବଡ଼ ଘର ବଡ଼ ଗୁମର କଥା ବୋଇଲେ ଏମିତି କଥା । ତା’ ମାଇପିଟା ସେମିତି ବୋଲି ଜାଣିଥିଲୁ, ହେଲେ ନାଥବାବୁ ଏମିତି ହୋଇଥିବେ ବୋଲି ବିଶ୍ୱାସ କରିହେଉନି । ନଣନ୍ଦ ତ ସେଇ ଝିଅର ରୂପଗୁଣରେ ପଟି ଯାଇଥିଲା ବୋଲି ଘରେ ବୋହୂ କରିବାକୁ ଜିଦ୍ ଧରିଥିଲା । ବୋହୂଟି ଡଉଲଡାଉଲ, ତୁନିମୁନି, ପାଠୁଆ ଝୁଅଟେ । ଶେଷରେ ଏମିତି କ’ଣ ହେଲା ଯେ, ଖାଲି ନିଜ ଅଣ୍ଡିରା ନୁହେଁ ଘରଟା ଯାକ ଲୋକ-ଶାଶୁ, ଶ୍ୱଶୁର, ନଣନ୍ଦ ଓ ନଣନ୍ଦେଇଙ୍କ ପଛରେ ପୁଲିସ୍ ଲଗାଇଦେଲା ।

ବିରୋଧୀ ପ୍ରସଙ୍ଗକୁ ନେଇ ଏମିତି ମାତିଲେ ଯେ ଭସ୍ମାସୁରକୁ ଦେଖି ଶିବ ଙ୍କ ଅବସ୍ଥା ଯେମିତି ଥିଲା ସରକାର ଅବସ୍ଥା ସେମିତି ହେଲା । ମାନବାଧିକାର କମିଶନ ବସିଲା, ମହିଳା କମିଶନ ଖୋଳତାଡ଼ କଲେ, ପୁଲିସ୍ କୋଣବାଡ଼ ଦରାଣ୍ଡିଲା, ଗୁଇନ୍ଦା ଲୁଚିଛପି ଖବର ଯୋଗାଡ଼ କଲା, କିନ୍ତୁ କେହି ଟେର୍ ପାଇଲେନି ଏମିତି କାହିଁକି ହେଲା । ସବୁ ଖାଲି ଇଆଡୁସିଆଡୁ କୁହାକୁହି ହେଉଥିଲେ ।

ଏଇଠେ ରାଜଧାନୀର ପାର୍ଟି ଅଫିସ ଛକର ଅନ୍ଧାରୁଆ ଗଳିରେ ଦଳେ ଭେଣ୍ଡିଆଙ୍କ ଚିନ୍ତା ବଢ଼ିଯାଇଥିଲା । ସେଦିନ ଯେତେ ଚିଲ୍ଡ୍ ଆଣିଲେ ବି ବିୟରଟା ପାଣିଚିଆ ଲାଗୁଥିଲା । ଏମିତି ରାତି ଗୋଟାଏ ବେଳକୁ ରୋଲ, ପକୋଡ଼ା, ବିୟର ସବୁ ମିଶାଇ ୫ ଜଣଙ୍କ ପାଇଁ ୩ ହଜାର ଟଙ୍କା ଖର୍ଚ୍ଚ ହୋଇଗଲା, ହେଲେ କିଛି ନିର୍ଯାସ ବାହାରିଲା ନାହିଁ ।

- ଶଳା, ଗିରଫ ହେଲା ଯେ, ଆମ ମୁଣ୍ଡ ଗରମ କରିଦେଲାଣି । ପୁଲିସ୍ ଲାଠିକୁ ଦେଖି ଆମ ଗୁମର ଖୋଲିବ ନାହିଁତ ? ଖବର କାଗଜ ଫର୍ଦ୍ଦ ଗୋଡ଼ା ହୋଇଥିବା ବିୟର ବୋତଲଟାହଭ ଦୁଇ ଢୋକ ପିଇ ବଡ଼ ଚିନ୍ତିତ ଅବସ୍ଥାରେ ବାପି କହିଲା ।

- ହେଃ ! ନାଇଁ ମ । ମନି ମୁହଁ ଛିଞ୍ଚାଡ଼ି ହାତଟାକୁ ଜୋରରେ ହଲାଉ ହଲାଉ କହିଲା,

- ଆବେ ସେ କ'ଣ କହିବ । କୋଲକତାର ମସ୍ତଗଳି ତାକୁ ପାଗଳ କରିଦେଇଛି ।

- ମନି, ତୋ'କଥା ଠିକ୍ ଯେ, ହେଲେ ଭଲ ବକରାଟା ମିଳିଥିଲା, ହାତରୁ ଖସିଲା । ଶଳା, ଆଉ ଏମିତି ପାର୍ଟି ଆଉ କିଏ ଯୁଟିବ, - ସମ୍ବିତ ବିୟର ବୋତଲଟାକୁ ମୁହଁକୁ ନେଉନେଉ ଅଟକାଇ କହିଲା ।

- ଆବେ ପାକୁଆ ! ତୁ କାଲି ସେଇ ମୋଟର କାରର କମ୍ପାନୀର ଓଡ଼ିଶା ହେଡ୍ କଥା କହୁଥିଲୁ ନା । ତା'ର ମାସକୁ ୯୦ହଜାର ଦରମା ବେ । ତା'ସହ ଉପୁରି । ବଡ଼ ରଙ୍ଗିଲା ଅଛି, ତା' ସାଙ୍ଗକୁ ତା' ପାଇଁ ଝିଅ ଖୋଜା ଚାଲିଛି, ଥୋମଣି ଆଗକୁ ବାହାରିଥିବା ମଟରସାଇକଲ ସିଟ୍ ଉପରେ ଗୋଡ଼ ହଲାଇ ହଲାଇ ସାହିବୀ ଠାଣିରେ ମନି କହିଲା ।

ପାକୁଆ ଦାନ୍ତ ନେଫେଡି ମୁଣ୍ଡ ଟୁଙ୍ଗାରି କହିଲା, ୟେସ୍ ବସ୍ । ତାକୁ ଏମିତି ଛୁଙ୍କ ଦେଇଛି ନା, ଦୁଇଦିନ ଧରି ମୁଁ ଯେଉଁ ଟୋକିକୁ ଦେଖୁଛି, ଖାଲି ମୁହଁ ମେଲାଇ ଅନାଉଛି । ପଚାରୁଛି ଭାଇ, ମାଲ୍ କେବେ ମିଳିବ, ହେ..ହେ..ହେ.. । ଆସନ୍ତା ବୁଧବାରେ ଫାଲୁକନାମାରେ ଟିକ୍‌ଟ ବୁକ୍ କରିଦେ- ମନି କହିଲା ।

- ଥରେ ସେଇ ଗଳିକୁ ବୁଲି ଆସିଲେ ହେଲା, ଆମର ସବୁ ଖର୍ଚ୍ଚ ସେ ବଳେ କରିବ । ଫୁ..ଉ..ଉଉ ବିୟର ଢୋକରେ ପାଟିରୁ ଫୁତ୍କାର ମାରି ବାହରିପଡ଼ିଲା । ଶଳା...ଏଥର କୁଆଡ଼େ ଯିବ ...ଥରେ ଥୋପ ଗିଳିଲେ ହେଲା ଆଉ... ।

ଏଥର ସମସ୍ତଙ୍କ ମୁଣ୍ଡକୁ ନିଶା ଘାରିବା ଭଳି ଲାଗୁଥିଲା ।

ତଥାପି ମୁଁ ବଞ୍ଚିଛି

ଉଦୁଉଦିଆ ଖରାବେଳ । ଗାଁ ଦାଣ୍ଡ ଖାଁ ଖାଁ ଲାଗୁଛି । ନିଘୋଡ଼ ନିଦରେ ଶୋଇଥିବା ଲୋକର ଛାତିର ଧକ୍‌ଧକ୍ ଜୀବନର ସୂଚନା ଦେଉଥିବା ଭଳି ଘରପିଣ୍ଡାରେ ବସି ଚାଉଳରୁ ଗୋଡ଼ି, ଧାନ ବାଛୁଥିବା ମାଇପିଙ୍କ କୁଲାର ଡାଉଁ ଡାଉଁ ଶବ୍ଦଟା ଶୂନ୍ୟତା ଭିତରେ ଏକ ନିରଳସ ଜୀବନର ଅସ୍ତିତ୍ୱ ଜାହିର କରୁଥିଲା ।

କାହିଁକି କେଜାଣି ନିର୍ମଳାର ମନଟା ଘାଣ୍ଟିଚକଟି ହେଉଥିଲା । ସେ ଯାଇଛନ୍ତି ଯେ ଯାଇଛନ୍ତି । କହିଥିଲେ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିବା ଆଗରୁ ଫେରିଆସିବି, ହେଲେ ସଞ୍ଜ ଗଡ଼ିବାକୁ ବସିଲାଣି... !

ଗଲାବର୍ଷ ଇନ୍ଦ୍ର ଦେବତା ଦାଉ ସାଧିଥିଲା । ଭଲ ବର୍ଷ ହେଲାନି । ବିଲରେ ଫସଲ ହେଲାନି । ଯାହା ଅମଳ ହେଲା ଆଉ ଫସଲ ଯାଏଁ ତିନି ପ୍ରାଣୀଙ୍କୁ ନିଅଣ୍ଟ । ଚାଷ ପାଇଁ ପାଖ ଗାଁ ସାହୁକାରଠୁ ଉଧାର ଆଣି ଥିଲା-ଟଙ୍କାକୁ ଦଶ ପଇସା ସୁଧରେ । ଫସଲ ଭଲ ହେଲାନି ବୋଲି ମାଧିଆ ନନା, ଶୁକୁ ସବୁ ବାହାରକୁ ମୂଲ ଲାଗିବାକୁ ଚାଲିଗଲେ ।

ଗଲାବେଳେ ସେମାନେ ଡାକିଲେ, ମନା କରିବାରୁ ମାଧିଆ ନନା ବୁଝାଇଲା,

– ମାସ ଚାରିଟା ଆଖିବୁଜି ଦେଲେ ଏମିତି ଗଡ଼ିଯିବ । ହାତରେ ଦି ପଇସା ହୋଇଯିବ । ଋଣଟା ବି ଶୁଝି ଦେବ ।

କିନ୍ତୁ ମନୁଆର ମନ ବୁଝିନଥିଲା । ତିନି ବର୍ଷ ପରେ ବାପା ହେବାର ଭରସା ପାଇଛି । ତା'ଛଡ଼ା ଘରେ ବୁଢ଼ି ମା' ଟି । ତା' ଆଖିକୁ ବି ଭଲ ଦେଖାଯାଉନାହିଁ । ଏମିତିରେ ଘରଛାଡ଼ି ଯିବି ବା କିମିତି ? ସାହୁକାର ପାଖରେ କାକୁତିମିନତି ହୋଇ ଉଧାର ଟଙ୍କା ଫେରାଇବାକୁ ଆଉ କିଛି ମାସ ସମୟ ମାଗିବ । ଏଣୁ ସକାଳୁ ସଅଳ ଜାଉଖୁଦ ଖାଇ ତରତରରେ ସାହୁକାର ପାଖକୁ ବାହାରି ପଡ଼ିଛି ।

ଘଡ଼ିଏ ଠିଆ ହେଲେ ପାଦଭାରି ହୋଇଯାଉଛି । ଆଗ ପାଞ୍ଚଛ ଘଡ଼ି କାମ କରିପାରୁଥିଲା ଏବେ ପାରୁନି, ଧଇଁସଇଁ ହୋଇଯାଉଛି । ତଥାପି ଘରକାମ ସବୁ ସାରିଦେଇ ଶାଶୁ ପାଇଁ ବାଡ଼ିପଟ ପିଜୁଳି ଗଛ ଛାଇରେ ଦଉଡ଼ିଆ ଖଟଟା ପକାଇଦେଇ ମୁହଁରୁ ଝାଳପୋଛି ଘରଦାଣ୍ଡକୁ ଆସିଲା ନିର୍ମଳା ।

- ଏତେବେଳ ହେଲାଣି । କ'ଣ କହିଥିବ ସେଇ ବାଡ଼ିପଡ଼ା ସାହୁକାର । ମାସ ନପୂରୁଣୁ ସୁଧ ପାଇଁ ଖବର ପଠାଇବ । ମାସ ପୂରିଲେ ନିଜେ ଘରଦାଣ୍ଡରେ ଆସି ହାଜର । ଇଏ ତ ମନୁଆ ଲୋକଟା । ଅପମାନ ସହିପାରିବେ ନି । ସାଙ୍ଗରେ ଶୁକୁଟାକୁ ନେବାକୁ କହିଥିଲି ଯେ ଶୁଣିଲେନି । କହିଲେ ନିଜ କଥା ଏକୁଟିଆ ଗଲେ ହିଁ ଭଲ । ମୋ'ର କୋଉ କଥାକୁ ଶୁଣୁଛନ୍ତି ଯେ, ଯାହା ବୁଝିଥିବେ ସେଇଆ । ଅଭିମାନରେ ନିର୍ମଳାର ମୁହଁଟା ଭାରି ଦେଖାଗଲା ।

ଦାଣ୍ଡ ପିଣ୍ଡାରେ ବେଶି ସମୟ ଠିଆ ହୋଇପାରିଲାନି । ଛଣଛପରକୁ ଭରା ଦେଇଥିବା ସଳପ କାଠର ଖୁଣ୍ଟିଟାକୁ ଧରି ବସିପଡ଼ିଲା । ଖଣ୍ଡେ ଦୂରରେ ସୁନୀ ମାଉସୀ ଘର ବାଛୁରିଟା ଫକଫକ ହୋଇ ଡେଉଁଛି । ନିର୍ମଳାର ଭାରି ମନଟା ହାଲକା ହୋଇଗଲା, ମୁରୁକି ହସି ଦେଇ ନିଜ ପେଟଟାକୁ ଆଉଁସିଲା । ଏତିକି ବେଳେ ଗୁହାଳରେ ବନ୍ଧା ହୋଇଥିବା ଲକ୍ଷ୍ମୀ ହମ୍ବାରଡ଼ି ଦେଲା । ବାଛୁରିଟା ଦଉଡ଼ିଗଲା, ପାଖରେ ପହଞ୍ଚୁ ପହଞ୍ଚୁ ମା'ଟା ସ୍ନେହରେ ଚାଟିଦେଲା । ପୁଣିଥରେ ବାଛୁରିଟା ଗାଁ ଦାଣ୍ଡକୁ ଡିଆଁ ମାରିଲା । ଏ ଖରାରେ ପୋଢ଼, ବଳଦଯାକ ଥକି ପଡୁଛନ୍ତି, ବୋଧହୁଏ ବାଛୁରିଟାକୁ ଖରା ବାଧୁନି । ହଁ, ମା'ସ୍ନେହର ଛାଇଟା ପାଖେପାଖେ ଅଛି ତ ।

ଏତିକିବେଳେ ମନୁଆ ଘରକୁ ଫେରିଲା । ନିର୍ମଳା ଘର ଭିତରକୁ ଯାଇ ପିଉଳ ଡାଳଟାରେ ପାଣି ଆଣି ହାତକୁ ବଢ଼ାଇଦେଲା । ନିର୍ମଳାର ମୁହଁକୁ ଦେଖି, ମନୁଆ ଢକଢକ କରି ପାଣି ସେତକ ପିଉ ପିଉ କହିଲା- ସାହୁକାର ବଡ଼ କଷ୍ଟରେ ମାନିଲା ଲୋ ।

ଏତିକିରେ କିଛି ମାସ ଗଡ଼ିଲା । ପୁଣି ରଜ ଆସିଗଲା । ଅକ୍ଷି ତୃତୀୟାରେ ଗାଁ ଠାକୁରାଣୀକୁ ମନାସୀ ଧାନ ବୁଣିଲା । ବର୍ଷା ବି ଠିକ୍ ସମୟରେ ହୋଇଛି । ତଳି ପକାଇଲା, ବେଉସଣ କଲା, ବେଙ୍ଗଳା ବୁଲାଇଲା । ଏ ବର୍ଷ ଫସଲ ଭଲ ହୋଇଛି । ଗଲା ବର୍ଷ ଛପର କରିପାରି ନଥିଲା । ଏ ବର୍ଷ ନୂଆ ଛଣରେ ନିଜ ହାତ ଘେନି ଛପର କରିଛି ।

ନିର୍ମଳାର ବି ସାତ ମାସ ଗଡ଼ିଲାଣି । ମନୁଆର ପାଦ ତଳେ ଲାଗୁନାହିଁ । ନିର୍ମଳା ପାଖେପାଖେ ରହୁଛି । ପୁଅ ହେବ ନା’ ଝିଅ ? ନା...ନା ପୁଆ ହଁ ହେବ । ତିନି-ଚାରିଥର ଗାଁ ପୂଜାରୀ, ପାଖ ଗାଁର ଜ୍ୟୋତିଷ ପାଖରେ ଖଡ଼ି ପାଞ୍ଜି କରିଛି, ହାତ ଦେଖାଇଛି । ଗାଁ ଠାକୁରାଣୀ ପାଖରେ ଚୈତ୍ର ମାସରେ ମୁଁଆ ପଣା ଦେବ ବୋଲି ମନାସୀଛି । ଏହାଛଡ଼ା ତା’ର ମରଦ ପଣିଆରେ କ’ଣ କମ୍‌ଅଛି ଯେ ସେ ପୁଅର ବାପା ହୋଇପାରିବନି । ଏନେଇ ନିଜ ମନକୁ ବୁଝାଇ ନପାରିଲେ ନିର୍ମଳା ସହ ଯୁକ୍ତି କରିଛି ।

ସୁନି ମାଉସୀ କହିଛି ପିଲା ଜନ୍ମ ହେବାକୁ ଆହୁରି ଅଢ଼େଇ ମାସ ଲାଗିବ । ଏକଥା ଶୁଣିବା ପରଠୁ ଉଧାର ଟଙ୍କା ଫେରାଇବ କି ସାହୁକାରକୁ ଭେଟି କାକୁତିମିନତି କରିବ କିଛି ଠିକ୍ କରିପାରୁନି ମନୁଆ । ମନୁଆ ବଡ଼ କଷ୍ଟରେ ନିଜକୁ ବୁଝାଇଲା- ନା ମ ! ଉଧାର ପଇସା ଦେଇଦେବ । ପରେ ଜନମ ବେଳକୁ ପୁଣି କିଛି ଉଧାର ମାଗିଲେ ସାହୁକାର ମନା କରିବ ନା’ କ’ଣ । ସାହୁକାରର ଋଣ ସୁଝି ଦେଲା । ଶେଷକୁ ଚାଷରୁ ଘର ପାଇଁ ଧାନ ୨ପୁଟି, ଚମ୍ପା ଓ ରାମ-ଶାମ ପାଇଁ ପାଳ ଗଣ୍ଡାଏ ରହିଲା ।

ସେ ଦିନ ସୁଲୁସୁଲିଆ ପବନ ବହୁଥିଲା । ବର୍ଷା ହେବ ବୋଲି ଜଣାପଡୁନଥିଲା । ହେଲେ କେଉଁଠି ଥିଲା କେଜାଣି ଏ କଳାହାଣ୍ଡିଆ ମେଘଟା ଖଣ୍ଡିଆ ଭୂତ ପରି ମାଡ଼ି ଆସିଲା । ଏପଟେ ନିର୍ମଳାରେ ଗର୍ଭ ବେଦନା ଆରମ୍ଭ ହୋଇଗଲାଣି । ମନୁଆ ଦୌଡ଼ିଗଲା ସୁନୀ ମାଉସୀ ଘରକୁ । ମାଉସୀ ବି ଅଣ୍ଟାରେ ଲୁଗାଜାକି ମୁଣ୍ଡରେ ଲୁଗାକାନି ଟେକି ମନୁଆ ସହ ତରତର ହୋଇ ଚାଲିଆସିଲା । ଭିତରକୁ ଯାଇ କ’ଣ ବୁଝିଲା କେଜାଣି ମନୁଆକୁ ଦାଣ୍ଡରେ ବସିବାକୁ କହି ଭିତରୁ କବାଟ କିଳି ଦେଲା ସୁନୀ ମାଉସୀ ।

ବାହାରେ ବର୍ଷା ସାଙ୍ଗକୁ ପବନ ଝାଇଁ ମାରୁଛି । ଏ ସମୟରେ ଦଲକାଏ ପବନରେ ଘରର ପୂର୍ବ ପାଖ ଛପରଟାରୁ ଚେନାଏ ଉଡ଼ିଗଲା । ସେଇଠି ମନୁଆ ଠିଆ ହୋଇଥିଲା, ଗୋଟାପଣେ ଭିଜିଗଲା । ଗାମୁଛାରେ ମୁହଁ ପୋଛି ଉପରକୁ ଅନାଇଲା । ଧୂସର ଆକାଶର କଳା ମେଘଗୁଡ଼ାକ କେମିତି ଆହୁରି କଳା ଦେଖାଯାଉଛି । ଲାଗୁଥିଲା ସବୁଗୁଡ଼ାକ ତା’ରି ଆଡ଼କୁ ମାଡ଼ି ଆସୁଛନ୍ତି ।

ବର୍ଷା ଥମିଲା । ସୁନୀ ମାଉସୀର ଡାକ ଶୁଣି ମନୁଆ ଏକମୁହାଁ ହୋଇ ଘରଭିତରକୁ ଦୌଡ଼ିଲା । ବାହାଘରର ସେ ଦେଇଥିବା ହଳଦିଆ ସୂତା ଶାଢ଼ିଟାକୁ ନିର୍ମଳା ସାଇତି ରଖିଥିଲା । ସେଥିରେ ଗୋଡ଼ାଇ ହୋଇଥିବା କ'ଣ ଗୋଟାଏ ସୁନୀ ମାଉସୀ ତା' ହାତକୁ ବଢ଼ାଇଦେଲା । ମନୁଆକୁ ସବୁ ସ୍ୱପ୍ନ ଭଳି ଲାଗୁଥିଲା । ଆରେ ଏଇଟା ତ ମଣିଷ ପିଲାଟେ । ଏ କ'ଣ ତା'ରି ପିଲା । ହଁ...ହଁ...ଏ ତା'ରି ପିଲା ସୁନୀ ମାଉସୀକୁ ଆଉ ନିର୍ମଳାର ମୁହଁକୁ ଥରଟିଏ ଅନାଇ ପୁଣି ହାତରେ ଥିବା ପିଲାଟିକୁ ଅନାଇଲା ।

କିନ୍ତୁ ଏ କ'ଣ ? କାଇଁ ମାଧିଆର ପୁଅ ଭଳି ଜୋରରେ କୁଆଁ କୁଆଁ କାନ୍ଦୁନି । ମୁଣ୍ଡଟା ବି କେମିତି ବଡ଼ ଲାଗୁଛି । କପାଳଟା ଭିତରକୁ ପଶିଗଲା ଭଳି ଲାଗୁଛି । କାଇଁ ହାତ ଗୋଡ଼ ବି ହଲାଉ ନାହିଁ । ମାଂସ, ହାଡ଼ର ଏକ ନିର୍ଜୀବ କଣ୍ଢେଇ ଭଳି ଲାଗୁଛି । ମଲା ପି...ଛି..ଛି...ଏ କ'ଣ ଭାବୁଛି ସେ । କ'ଣ ହୋଇଛି ବୋଲି ପଚାରିବ ବୋଲି ପାରିଲାନି ମନୁଆ । ଖାଲି ମିଟିମିଟି କରି ସୁନୀ ମାଉସୀ, ନିର୍ମଳା ଆଉ ତା' ପିଲାର ମୁହଁକୁ ଅନାଇ ଅକୁହା ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରୁଥିଲା । ଆଉ ନିର୍ମଳା ବି ମନୁଆ ଆଖିରେ ଖୋଜୁଥିଲା 'ବାପା ହେବାର ଖୁସି' ।

ହେ ଠାକୁରେ ! ସବୁ ଦାଉ ସହିଲି । ହେଲେ ଏ କ'ଣ କଲ ଠାକୁରେ ? ପୁଣି କପଟ, ପୁରୀ ପରୀକ୍ଷା । ନିଜେ ଅଧା ଗଢ଼ା ବୋଲି ତା' ପୁଅକୁ ବି ଅଧାଗଢ଼ା କଲ । ମନୁଆର ଦେହ ହାତ ଥରୁଥିଲା । ବର୍ଷାରେ ଭିଜି ବି ଦେହରୁ ଗମ୍‌ଗମ୍ ଝାଳ ବାହାରୁଥିଲା । ଏତିକିବେଳେ ପିଲାଟି ମୁହଁରୁ ବାହାରିଲା କୁଁ...ଆଁ...କୁଁ.....ଆଁ । ବୋଧହୁଏ ସେ କହିବାକୁ ଚେଷ୍ଟା କରୁଥିଲା,

– ତଥାପି ମୁଁ ବଞ୍ଚିଛି ।

ପରର୍ଫାମାନ୍ସ୍

କାର୍ଗିଲ୍ ଯୁଦ୍ଧ । ଭାରତ-ପାକିସ୍ତାନ ସୀମାରେ ଯେତିକି ଯବାନ ସହିଦ ହେଉଥାନ୍ତି ସାରା ଦେଶରେ ଲୋକଙ୍କ ଭିତରେ ସେତିକି ଦେଶପ୍ରେମ, ଉଦ୍ଦୀପନା, ଆବେଗ ବଢ଼ୁଥାଏ । ଏହି ପରିବେଶରୁ ସେ ବି କିଭଳି ବାଦ୍ ଯିବ । ଏବେ ପ୍ଲସ୍ ଟୁ ପାସ୍ ହୋଇ କଲେଜରେ ପାଦ ଦେଇଛି । ତା' ଭିତରେ ନୂଆ ଉନ୍ମାଦନା । ଯୁଦ୍ଧ ଖବର ଦେଖିବା ପାଇଁ ଥରେ ଟେଲିଭିଜନ ନିକଟରେ ବସିଛି । ଯୁଦ୍ଧ କ୍ଷେତ୍ରରୁ ଜଣେ ସାମ୍ବାଦିକା, ବୟସ ପାଖାପାଖି ୨୫ କି ୩୦ ବର୍ଷ ହେବ ହାତରେ ବୁମ୍ ନେଇ ରିପୋର୍ଟିଂ କରୁଥାନ୍ତି । ପଛରୁ ବୋଫର୍ସ ତୋପର ଗୁଡ଼ୁମ୍ ଗୁଡୁମ୍ ଶବ୍ଦ । ଆଃ କି ରୋମାଞ୍ଚ । ହଁ ସେ ବି ଦିନେ ସାମ୍ବାଦିକ ହେବ । ଏଭଳି ରିପୋର୍ଟିଂ କରି ସମସ୍ତଙ୍କୁ ଚକିତ କରିଦେବ ।

ଏହା ଭିତରେ ୩ବର୍ଷ ବିତିଗଲା, କିନ୍ତୁ ପ୍ରତିଭାର ଆଖିରୁ ସେଇ ସ୍ୱପ୍ନ ଲିଭିନଥିଲା । ଯୁକ୍ତ ତିନି କଳା ପାସ୍ କରିବା ପରେ ବାପା-ମା'ଙ୍କ ଯୋଜନା ଥିଲା ପ୍ରତିଭା ପାଖ କଲେଜରେ ପିଜି କରିବ । ଯଦି ଏ ଭିତରେ ଭଲ ପ୍ରସ୍ତାବ ଆସେ ବାହା ହେବ । ପ୍ରତିଭାକୁ ଏହି କଥା ଭଲ ଲାଗୁନଥିଲା । ଦିନେ ମା'ଙ୍କୁ କହିଲା । ବହୁ ବିଚାରବିମର୍ଷ ପରେ ପ୍ରତିଭାର ଜିଦ୍ ଆଗରେ ବାପା-ମା ହାର ମାନିଲେ । ବାପା ବି ଖବର ନେଲେ କେଉଁଠାରେ ପ୍ରତିଭା ପଢ଼ିବ । ଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା ସ୍ଥିର ହେଲା । ସେଇ ଦିନ

ପ୍ରତିଭା ଖୁସିରେ ତା'ର ସବୁ ସାଙ୍ଗଙ୍କୁ ବୁଲିବୁଲି କହିଛି । ନିଜ ମନକୁ କହିଛି, ହେଇଟି ! ଆଉ କିଛି ପାହୁଣ୍ଡର ରାସ୍ତା କେବଳ । ତା'ପରେ ତା'ର ସ୍ୱପ୍ନ ସତ ପାଲଟିବ ।

ଭୁବନେଶ୍ୱରରେ ଝିଅମାନଙ୍କ ଏକ ମେସ୍‌ରେ ରହିବା ଠିକ୍ ହେଲା । ଝିଅର ଇଚ୍ଛାକୁ ଦେଖି ବାପା ବି ଏକ ନୂଆ ସ୍କୁଟିଟିଏ କିଣିଆଣିଲେ । ଏହା ଭିତରେ ଦେଢ଼ ବର୍ଷ କଟିଗଲା । ପାଠ ଶେଷ ହେବାକୁ ଆଉ ୬-୭ ମାସ ବାକି ଥାଏ । କେଉଁଠାରେ ଇଣ୍ଟର୍ଣ୍ଣସିପ୍ କରିବେ ସେନେଇ ତା'ରି ସାଙ୍ଗମାନେ ଏଚ୍‌ଓଡିଙ୍କ ନିକଟରେ ଭିଡ଼ ଜମାଉଥାନ୍ତି । କିନ୍ତୁ ପ୍ରତିଭାର ଇଚ୍ଛା ସେ କୌଣସି ଇଲୋକ୍‌ଟ୍ରନିକ୍ ମିଡ଼ିଆରେ ହିଁ କାମ କରିବ । ଏହି ସମୟରେ ଦୁଇ-ତିନିଟି ନୂଆ ଟେଲିଭିଜନ୍ ଚାନେଲ୍ ଆରମ୍ଭ ହୋଇଥାଏ ।

ଏଚ୍‌ଓଡି କ୍ଲାସରେ କହିଲେ,

- ଆସନ୍ତା କାଲି କ୍ୟାମ୍ପସ୍ ସିଲେକ୍‌ସନ୍ ପାଇଁ ଅମୁକ ଚାନେଲ୍ ଆସିବ । ଇଣ୍ଟରଭ୍ୟୁ ହେବ । ପ୍ରିପେର ହୋଇଥାଅ । ଯିଏ ଭଲ ପର୍‌ଫର୍ମାନ୍‌ସ ଦେଖାଇବ ସେ ସେହି ଚାନେଲ୍‌ରେ ଇଣ୍ଟର୍ନସିପ୍ ପରେ ଚାକିରି ପାଇବ ।

କ୍ୟାମ୍ପସ୍ ସିଲକ୍‌ସନ୍ ଦିନ ଏଚ୍‌ଓଡି ଚାନେଲ୍‌ର ଲୋକମାନଙ୍କ ସହ ପ୍ରତିଭାକୁ ଚିହ୍ନାଇ କହିଲେ,

- ସି ଇଜ୍ ଟାଲେଣ୍ଟେଡ୍ ଆଣ୍ଡ୍ ଆମ୍ବିସିଅସ୍ ।

ପ୍ରତିଭା ବି ବଡ଼ ଆଗ୍ରହର ସହକାରେ ଯାଇ ସେମାନଙ୍କୁ ନମସ୍କାରଟିଏ ଜଣାଇଲା । ସାକ୍ଷାତକାର ସମୟରେ ଚାନେଲ୍‌ରୁ ଆସିଥିବା ସିଏନ୍‌ସି, ବ୍ୟୁରୋ ଚିଫ୍, ଚିଫ୍ ଆଙ୍କର, ପାନେଲ୍ ପ୍ରଡ୍ୟୁସର, ସବୁ ଗୋଟିଏ ଝିଅ ହୋଇ ବି ସାମ୍ବାଦିକ ହେବା ପାଇଁ ଯେଉଁ ସାହସ କରିଛି ସେହି ପ୍ରଶଂସାରେ ପ୍ରତିଭାକୁ ପୋତି ପକାଇଲେ । ଇଣ୍ଟରଭ୍ୟୁରେ ପ୍ରତିଭା ଓ ଅନ୍ୟ ଦୁଇ ପୁଅ ସହପାଠୀ ସେହି ଚାନେଲ୍‌ରେ ସିଲେକ୍ଟ ହୋଇଗଲା ।

ପ୍ରତିଭା ଭାବିଥିଲା, ଇଣ୍ଟର୍ନସିପ୍‌ରେ ତାକୁ ତା'ର ପରିଶ୍ରମ ବାବଦରେ କିଛି ଦରମା ମିଳିବ । କିନ୍ତୁ ମୁହଁ ଖୋଲି ପଚାରିପାରୁନଥାଏ । ଯେଉଁଦିନ ସେ ସେମାନଙ୍କ ନିର୍ଦ୍ଦେଶ ମୁତାବକ ଅଫିସରେ ପହଞ୍ଚିଲା । ସିଏନ୍‌ସି ନିଜ ରୁମ୍‌କୁ ଡାକି ଚାକିରିର ସର୍ତ୍ତ ସବୁ ଶୁଣାଇଦେଲେ,

- ସାମ୍ବାଦିକତା ଏକ ବିରାଟ ପରିସର । ଅନେକ କଥା ଶିଖିବାର ଅଛି । ଥିଓରିଠାରୁ ପ୍ରାକ୍ଟିକଲ୍‌ଟା ଭିନ୍ନ । ଏଠାରେ କାମ ଶିଖ । ପରୀକ୍ଷା ଶେଷ ହେବାଯାଏଁ ଦରମା ମିଳିବ ନାହିଁ । ଯଦି ଏହା ଭିତରେ ଭଲ ଫରଫର୍ମାନ୍‌ସ ଦେଖାଇବ ତେବେ ନିଶ୍ଚିତ ଭାବେ ଏକ ଭଲ ପ୍ୟାକେଜ୍ ଫିକ୍ସ କରାଯିବ ।

ପ୍ରତିଭା ମୁଣ୍ଡରେ କେବଳ ଖେଳୁଥିଲା, କ୍ୟାମେରା, ବୁମ୍, ପିସ୍‌ଟୁ କ୍ୟାମେରା । ୫-୭ ଦିନ ବିତିବା ପରେ ପାନେଲ୍ ପ୍ରଡ୍ୟୁସର ଷ୍ଟୁଡିଓ ର ନିରୋଳା ସ୍ଥାନକୁ ଡାକି କହିଲେ,

- ତୁମର ଫିଗର ଅଛି । ହାଇଟ୍ ଆଉ ଭଏସ୍ ବି ଭଲ ଅଛି । ସାମ୍ବାଦିକ ହେଲେ କିଛି ମିଳିବ ନାହିଁ ଆଙ୍କର ହୁଅ । ଲୋକେ ଦେଖିବେ ।

କଥା ମାନି ପ୍ରତିଭା ରାତିରେ ୪-୫ଥର ଷ୍ଟୁଡିଓକୁ ଆସିଲା । ତା'ର ଅଜାଣତରେ ଚିଫ୍ ଆଙ୍କର, ପାନେଲ୍ ପ୍ରଡ୍ୟୁସରଙ୍କ ହାତ-ଦିହ ବି ତା' ସହ ଅନେକ ଥର ଘଷି ହୋଇଛି । ଏଭଳି ୬ ମାସ ବିତିଗଲା । ଚାନେଲ୍‌ରେ ଯିଏ ଯାହା କହିଛି ପ୍ରତିଭା ସବୁ ଅକ୍ଷରେ ଅକ୍ଷରେ ପାଳନ କରିଛି । ଘଣ୍ଟା ଘଣ୍ଟା ଧରି ଭଏସ୍ ରେକର୍ଡିଂ ରୁମ୍‌ରେ ଭଏସ୍ ଓଭର ଦେଇଛି । ଆଙ୍କର ହେଲେ କ୍ୟାମେରା ଆଗରେ କିଭଳି ବସିବାକୁ ହୁଏ ତାହା ଶିଖିବା ବେଳେ ସାର୍‌ଙ୍କ ହାତ ବାଜିବାଟା ଅସହ୍ୟ ହେଲେବି ହସିହସି ଚୁପ୍ ରହିଛି । ଇଣ୍ଟର୍ନସିପ୍ ଆଉ ପରୀକ୍ଷା ବି ସରିଲା । ତା ସାଙ୍ଗକୁ ଜର୍ନାଲିଜମ୍ ପାଠ ବି ଶେଷ । କିନ୍ତୁ ପ୍ରତିଭା ସାମ୍ବାଦିକ ହୋଇପାରିଲାନାହିଁ । ଯେତେବେଳେ ଏଇ କଥା କାହାକୁ ଅନୁରୋଧ କରୁଥିଲା ଉତ୍ତର ମିଳୁଥିଲା,

- ସମୟ ଅଛି । ଇନ୍ ହାଉସ୍ ଟାସ୍କରେ ଟିକେ ପର୍‌ଫେକ୍ଟ ହୋଇଯାଅ ।

ନିଜ ମନର ଆବେଗ ମେଣ୍ଟାଇବାକୁ ଟେବୁଲ୍ ଉପରେ କେତେବେଳେ କୌଣସି ସାମ୍ବାଦିକ ଛାଡ଼ିଯାଇଥିବା ବୁମ୍‌କୁ ଅତି ଆଗ୍ରହର ସହକାରେ ପ୍ରତିଭା ଧରିପକାଉଥିଲା ।

ଥରେ ସିଏନ୍‌ସି କହିଲେ,

- ପ୍ରତିଭା ତୁମକୁ ସିଲେକ୍ଟ କରିବା ବେଳେ ମୋର ଅନେକ ଭରସା ଥିଲା । ଏତେଦିନ ମଧ୍ୟରେ ତୁମେ ନିଜର ପରର୍ଫମାନେସ୍ ଦେଖାଇପାରିଲ ନାହିଁ । ତୁମ କାମ ପ୍ରତି ଅନ୍ୟମାନଙ୍କ ନେଗେଟିଭ୍ କମେଣ୍ଟ ଅଛି । କିନ୍ତୁ ମୁଁ ତୁମକୁ ଛାଡ଼ିବାକୁ ଚାହୁଁନାହିଁ । ଆଉ କିଛି ଦିନ ଏଠାରେ କାମ କର । ଦେଖିବା ।

ପ୍ରତିଭା ବୁଝିପାରୁ ନଥିଲା, ତା'ର କେଉଁଠି ଭୁଲ ରହିଲା । କିଛି ଦିନ ନିଜକୁ ସମ୍ଭାଳିନେଲା, ମନର ଆବେଗକୁ ଚାପି ଧରିଲା । ପୁଣି ସେଇ ଟାସ୍କ- ରାତିରେ ଆସ । ସ୍କ୍ରୋଲ୍ ପକାଅ । ଭଏସ୍ ଓଭର ଦିଅ । ସ୍କ୍ରିପ୍ଟ ଲେଖ ।

ଏହା ଭିତରେ ଚିଫ୍ ଆଙ୍କରଙ୍କ ସହ ପ୍ରତିଭା ଟିକିଏ କ୍ଲୋଜ୍ ହୋଇସାରିଥିଲା । ଥରେ ଆତୁର ହୋଇ କହିଲା,

- ସାର୍! ଏଥର ରିପୋର୍ଟିଂକୁ ପଠାନ୍ତୁ ନା ।

ଚିଫ୍ ଆଙ୍କର ମୁରୁକି ହସା ଦେଇ ପାଖକୁ ଟିକିଏ ଲାଗି ଆସି କହିଲେ, - ଓଃ ଏତିକି କଥା ।

ପ୍ରତିଭା ଟିକିଏ ଜୋର ଦେଇ କହିଲା,

- ନା' ସାର୍! ଆପଣ ସବୁ ବେଳେ ଏମିତି କହୁଛନ୍ତି । ସେପଟେ କିନ୍ତୁ ସିଏନ୍‌ସି ମନା କରୁଛନ୍ତି ।

- ନା! ଏଥର ସିଏ ଶୁଣିବେ । ଚିଫ୍ ଆଙ୍କର ପ୍ରତିଭାର ହାତଟିକୁ ଧରି ନିଜଆଡ଼କୁ ଟାଣିଦେଇ କହିଲେ ।

ଏହାପରେ ପ୍ରତିଭାକୁ କଲଚୁରାଲ୍ ବିଟ୍ ମିଳିଲା । ଯେଉଁଦିନ ସେ ବୁମ୍ ଧରି ସେଇ ଓଡ଼ିଶୀ ଡ୍ୟାନ୍‌ସରର ବାଇଟ୍ ଆଣିଲା, ତା'ର ଗୋଡ଼ ତଳେ ଲାଗୁ ନଥିଲା । ବାପାଙ୍କ ନିକଟକୁ ଫୋନ୍ କରି କହିଲା,

- ଆଜି ରାତି ୭ଟାରେ ନ୍ୟୁଜ୍ ଦେଖିବ । ନିଶ୍ଚେ ଦେଖିବ । ଭୁଲିଯିବନି । ରୁନାକୁ ବି କହିଦେବ ।...ହଁ ! ମୁଁ ତାକୁ ଫୋନ୍ କରି କହିବି ।

ମାସ ଶେଷ । ପ୍ରତିଭା ପାଖରେ ବାପା ପଠାଇଥିବା ସେ ମାସର ଖର୍ଚ୍ଚ ୩ହଜାର ଟଙ୍କାରୁ ୧୦୦ଟି ଟଙ୍କା ବଳିଥିଲା । ତଥାପି ସବୁ ଟଙ୍କା ମୋବାଇଲ୍‌ରେ ରିଚାର୍ଜ କରି ତା'ର ଗାଁର ସବୁ ସାଙ୍ଗକୁ ଫୋନ୍ କରି କହିଥିଲା,

- ଆଜି ୭ଟାରେ ନ୍ୟୁଜ୍ ଦେଖିବ ।

ଥାନାବାବୁ

କଟକ ସହରର ଏକ ନାମୀ ଥାନା । ଥାନାବାବୁଙ୍କ ନା' ଶୁଣିଲେ ସେଇ ଥାନା ଇଲାକା କାହିଁକି ଜିଲ୍ଲାଯାକର ମଦୁଆଙ୍କ ଠାରୁ ଆରମ୍ଭ କରି ବାର୍‌ମାଲିକ, ପକେଟମାରୁଙ୍କ ଠାରୁ ଡକାୟତ, ଲୋଫରଙ୍କ ଠାରୁ ତସ୍କର ସମସ୍ତଙ୍କ ମନରେ ଦକା ପଶେ । ରାତିରେ ସେ ବସିଥିବା ପାଟ୍ରୋଲିଂ ଜିପ୍‌ର ନାଲିବତିଟା କିମିତି ଅଧିକ ଦାଉଦାଉ ହୋଇଜଳେ । ଦୂରରୁ ନାଲିବତି ଦେଖିଲେ ମା' ପେଟରୁ ଅଖାଡୁଆ ହୋଇଜନ୍ମ ହୋଇଥିବା ଲୋକ ବି ସିଧାହୋଇଯିବ । ଯେଉଁମାନେ ନ୍ୟାୟ ମାଗି ହତାଶ, ଆଇନର ଅଳନ୍ଧିରେ ସର୍ବସ୍ୱାନ୍ତ ସେମାନଙ୍କ ପାଇଁ ଲାଲମାଟିର ଲାଲକୋଠାଠାରୁ ଥାନାବାବୁଙ୍କ ପିଣ୍ଡା ଅଧିକ ଭରସା ଯୋଗ୍ୟ ।

ମଇ ମାସର ଦିପହର । ଉଦୁଉଦିଆ ଖରା । ଧଇଁସଇଁ ହୋଇ ମାନସବାବୁ ଥାନା ଭିତରକୁ ପଶିଆସିଲେ । ଝାଳନାଳରେ ଦେହଟା ଗୋଟାପଣେ ଭିଜିଯାଇଥାଏ । ଡ୍ୟୁଟିରେ ଥିବା କନ୍‌ଷ୍ଟେବଲ୍‌ଟି ମାନସବାବୁଙ୍କୁ ଦେଖି କିଛି ସମୟ ଆବାକାବା ହୋଇ ଅନାଇଲା । ପରେ ପ୍ରକୃତିସ୍ଥ ହୋଇ ନମସ୍କାରଟିଏ ମାରି କାଠ ଚୌକିଟା ଟାଣି କହିଲା,

- ସାରେ ବସନ୍ତୁ । କାହାକୁ ଭେଟିବେ କି ।

ମାନସବାବୁ ମୁହଁକୁ ଧଳା ରୁମାଲ୍‌ରେ ପୋଛି ପୋଛି କହିଲେ,- ଆଇଆଇସି ନାହାନ୍ତି ।

- ବାବୁ ଖାଇବାକୁ ଯାଇଛନ୍ତି । ଆପଣ ବସନ୍ତୁ । ଏଇନେ ଚାଲିଆସିବେ, କନଷ୍ଟେବଲ୍‌ଟି ଉତ୍ତର ଦେଲା ।

ଆଇଆଇସି ବନବିହାରୀ ମହାନ୍ତି । ଥାନା ଭିତରେ ପହଞ୍ଚୁ ପହଞ୍ଚୁ ମାନସବାବୁଙ୍କୁ ଦେଖି ନମସ୍କାରଟିଏ ମାରିଲେ ।

- ସାର୍ ! ମୋ' ପାଇଁ ଅପେକ୍ଷା କରିଛନ୍ତିକି । କ'ଣ କାମ ଥିଲା । ମୋତେ କହିଥିଲେ ମୁଁ ଆପଣଙ୍କ ଘରକୁ ଚାଲିଆସିଥାନ୍ତି । ଖରାରେ କାହିଁକି ଆସିଲେ ? ଥାନାବାବୁ ନମ୍ରତାର ସହକାରେ କହିଲେ ।

ମାନସବାବୁ ଥିଲେ କଟକ ଜିଲ୍ଲାଜଜ୍ । ୫ ବର୍ଷ ତଳେ ଅବସର ନେଇଛନ୍ତି । ମାନସବାବୁ ମୁଣ୍ଡ ତଳକୁ କହି ଦୀର୍ଘ ନିଶ୍ୱାସ ମାରି କହିଲେ,

- ଘର ! ସେଥିପାଇଁ ତ ଏଠାକୁ ଆସିଛି । ମୋ ବହୂ ଧମକ ଦେଉଛି ମୋ' ବିରୋଧରେ ନିର୍ଯାତନା ମାମଲା ଦେବ । କାହିଁ ମୋ'ର ମନେ ପଡୁନି ମୁଁ କେବେ କୌଣସି ଅନ୍ୟାୟର ପକ୍ଷ ନେଇ ରାୟ ଦେଇଛି । ଝାଲୁଆ ମୁହଁରେ ବି ଆଖିରୁ ଗଡ଼ିଆସୁଥିବା ଲୁହ ଦୁଇଟୋପା ସ୍ୱଷ୍ଟ ଜଣାପଡୁଥିଲା ।

ଥାନାବାବୁଙ୍କ ମୁଣ୍ଡକୁ କିଛି ଢୁକୁନଥିଲା । ଥାନାରୁ ତାଙ୍କୁ ଜିପ୍‌ରେ ବସାଇ ନିଜ ଘରକୁ ନେଇଗଲେ । ସେଠାରେ ସବୁ ଶୁଣି କହିଲେ,

- ଆପଣ ନିଶ୍ଚିନ୍ତ ରହନ୍ତୁ । କିନ୍ତୁ ମୁଁ ଯାହା କହିବି ତାହା କରିବେ ।

ଭୁବନେଶ୍ୱରର ଏକ ବାର୍ । ମାନସବାବୁଙ୍କ ପୁଅ ଓ ବୋହୂ ଦୁଇଜଣ ବସି ବିଅର୍ ପିଉଥାନ୍ତି । ପ୍ରାୟ ତିନି ଘଣ୍ଟା ପରେ ରାତି ପ୍ରାୟ ୧୦ଟା ହେବ ଦୁଇଜଣ ଟଳମଳ ହୋଇ ବାର୍‌ରୁ ବାହାରିଲେ । ଏଭଳି ବାହାରିବା ନୂଆ ନୁହେଁ । ପୂର୍ବରୁ ସପ୍ତାହର ୫ଦିନ ଏଭଳି ସେମାନେ ବାହାନ୍ତି, କିନ୍ତୁ ସେଦିନ ସେମାନଙ୍କ ଉପରେ ଜଣେ ସାଧା ପୋଷାକଧାରୀ କନ୍‌ଷ୍ଟେବଲ ନଜର ରଖିଥାଏ । ବାହାରିବା କ୍ଷଣି କନ୍‌ଷ୍ଟେବଲ ଜଣକ ପବ୍ଲିକ୍‌ବୁଥରୁ ଫୋନ୍ କରି ଥାନାବାବୁଙ୍କୁ ଜଣାଇଦେଲା,

- ସାର୍ ! ସେମାନେ ଏଇନେ ବାହାରିଲେ ।

ମହାନଦୀର ରିଙ୍ଗ୍‌ରୋଡ୍ ପାଖରେ ଥାନାବାବୁ କିଛି କନ୍‌ଷ୍ଟେବଲଙ୍କୁ ନେଇ ଠିଆ ହୋଇଥିଲେ । କାର୍ ନେଇ ସେଇ ରାସ୍ତାରେ ଯାଉଥିବା ମାନସବାବୁଙ୍କ ପୁଅ ଓ ବୋହୂଙ୍କୁ

ଅଟକାଇଲେ । ଗାଡ଼ିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ମାଗିଲେ । ମାନସବାବୁଙ୍କ ପୁଅ ନିଶାରେ ନାଲି ପଡ଼ିଯାଇଥିବା ଆଖିକୁ ତରାଟି କହିଲା,

- ଆପଣ ଜାଣିନାହାନ୍ତି କାହାରିକୁ ଅଟକାଇଛନ୍ତି ।

- କ'ଣ ରାଷ୍ଟ୍ରପତି ନା' ଗଭର୍ଣ୍ଣର ! ଯାହା ମଗାଯାଉଛି ତାହା ଦେଖାଅ । ଏତିକି ବେଳେ ବୋହୂ କାର୍ ଡୋର ଖୋଲି ବାହାରକୁ ବାହାରିବା ବେଳେ ଧଡ଼ାସ୍ କରି ତଳେ ପଡ଼ିଗଲେ ।

- କ'ଣ ମଦ ପିଇ ଡ୍ରାଇଭିଂ କରୁଛ ! ତା' ଉପରେ ଆହୁରି ସିନାଜୋରି । ଚାଲ୍‌ବେ ଥାନାକୁ । ଥାନାବାବୁ ଦୁଇଜଣଙ୍କୁ ଟାଣି ନେଇ ଜିପ୍‌ରେ ବସାଇ ଥାନାକୁ ଆଣିଲେ ।

- କ'ଣ କହୁଥିଲ ! ତୁମେ କାହାରି ପୁଅ । ଆଉ ଏ କିଏ ସ୍ତ୍ରୀ ତ ? ତୁମକୁ ଲାଜ ଲାଗୁନି, ଝିଅଟେ ହୋଇ ମଦ ପିଉଛ । କେଉଁଠି ରହୁଛ ? ଘରେ ଶାଶୁ-ଶ୍ୱଶୁର ଅଛନ୍ତି ନା ଅଲଗାରେ ରହୁଛ ? ଥାନାବାବୁ ଚଡ଼ାଗଳାରେ ପ୍ରଶ୍ନ ଉପରେ ପ୍ରଶ୍ନ ଧମକେଇ ପଚାରି ଚାଲିଥିଲେ ।

ଇତିମଧ୍ୟରେ ଉଭୟଙ୍କ ନିଶା ଅଧା ଓହ୍ଲାଇ ଆସିଥିଲା ମାନସବାବୁଙ୍କ ପୁଅ କହିଲା,

- ରିଟାଏର୍ଡ ଜଷ୍ଟସ୍ ମାନସ ଚୌଧୁରୀ

- ଆବେ ଶଳା ! ପୁଣି ଡାହ ମିଛ ମାନସବାବୁଙ୍କ ନା ନେଇ ଫିଟିଯିବୁ ବୋଲି ଭାବୁଛୁ । ଶଳା, ମୋତେ କ'ଣ ବେହିଆ ବୋଲି ଭାବିଛୁକି ? ସେଭଳି ଲୋକର ପୁଅ ତୁ କେବେବି ହୋଇନପାରୁ । ଥାନାବାବୁ ଆହୁରି କର୍କଶ ଗଳାରେ କହିଲେ ।

ଦୁହେଁ ଠିଆହୋଇ ରହିଥିଲେ

- ସେଇ କୋଣରେ ବସ । ଆବେ ବେଞ୍ଚରେ ନୁହେଁ, ସେଇଠି ତଳେ ବସ । ମାନସବାବୁଙ୍କ ଘର ଫୋନ୍ ନମ୍ବରଟା ଦେ ! ଥାନାବାବୁ ପୁଣି ଧମକାଇଲେ ।

କିଛି ସମୟ ପରେ ମାନସବାବୁ ଥାନାରେ ଆସି ହାଜର । ମୁହଁ କଳାକାଠ ପଡ଼ିଯାଇଥାଏ ।

- କ'ଣ ସାର୍ ! ଏ ଆପଣଙ୍କ ପୁଅ ବୋହୂ ? ଥାନାବାବୁ ମାନସବାବୁଙ୍କୁ ଦେଖିବାମାତ୍ରେ ପଚାରିଲେ ।

- ହଁ ସାର୍ ! ଛୋଟ ପିଲାମାନେ କିଛି ଭୁଲ କରିଦେଇଛନ୍ତି । ମୋ' ଇଜ୍ଜତର କଥା । କେହି ଜାଣିଲେ ମୁଁ ଆଉ ଦାଣ୍ଡରେ ଚାଲିପାରିବି ନାହିଁ । ମାନସବାବୁ ଧୀର ଗଳାରେ ଥରି ଥରି କହିଲେ ।

ଥାନାବାବୁ ଚୌକିଟାକୁ ଟାଣି ଆଣି ମାନସବାବୁଙ୍କୁ ବସିବାକୁ କହି ସେ ନିଜେ ଅନ୍ୟ ଏକ ଚୌକିରେ ବସିଲେ ।

- ହଉ ଆପଣଙ୍କ ମୁହଁ ଦେଖି ଛାଡ଼ି ଦେଉଛି । ତା'ଛଡ଼ା ଆପଣ ଏତେ ଅପରାଧୀଙ୍କୁ ଦଣ୍ଡ ଦେଇ ସିଧା କରିଛନ୍ତି, ଏଇ ଦୁଇଜଣଙ୍କୁ କ'ଣ ସାବାଡ୍ କରିପାରୁନାହାନ୍ତି ? ଥାନାବାବୁ ନଜାଣିବା ଭଳି ପଚାରିଲେ ।

- ନା' ବନବାବୁ । ସେମାନେ ସେମିତି ନୁହନ୍ତି । ଆଜି ସାଙ୍ଗସାଥିମାନଙ୍କ ସହ ବୋଧହୁଏ... ।

- ଆପଣଙ୍କ କଥାରୁ ଜଣାପଡୁଛି, ଆପଣ ସେମାନଙ୍କୁ ଭୟ କରୁଛନ୍ତି । ଆପଣ ଖାଲି ୟେସ୍ କରନ୍ତୁ । ମୁଁ ଦୁଇଜଣଙ୍କୁ ଆଜି ରାତି ଥାନାରେ ରଖି କାଲିକି କୋର୍ଟ ଫରୱାର୍ଡ କରିଦେବି, ମାନସବାବୁଙ୍କ କଥା ଅଧାରୁ ଛଡ଼ାଇ ନେଇ ଥାନାବାବୁ କହିଲେ ।

- ନା ! ନା! ଥାଉ ଥାନାବାବୁ ଆଉନୁହେଁ । ସେମାନଙ୍କ ପାଇଁ ଯଥେଷ୍ଟ ହୋଇଗଲାଣି । ଏଥର ଯିବାକୁ ଦିଅନ୍ତୁ । ମୁଁ ସେମାନଙ୍କ ଦାବିଦାର ରହିଲି । ସେମାନେ ଆଉ କେବେ ଭୁଲ କରିବେନାହିଁ । ମାନସବାବୁ କୋହଭରା କଣ୍ଠରେ କହିଲେ ।

- ହଉ, ଯାଅ ! ଆଉଥରେ ଏଭଳି ଦେଖିଲେ । ସିଧା ଦଫା ଲଗାଇ ହାଜରେ ପୂରାଇଦେବି । ସେଠାରେ ବସି ଦୁହେଁ ପାର୍ଟି କରୁଥିବ, ଥାନାବାବୁ ଉଚ୍ଚ ସ୍ୱରରେ କହିଲେ ।

କିନ୍ତୁ ଲାଗୁଥିଲା, ବୋଧହୁଏ ସେ ବି ଆଉ ବେଶି ସମୟ ମିଛ ନାଟକ କରିପାରିବେନି । ମାନସବାବୁ ନିଜ ପୁଅ-ବୋହୂଙ୍କୁ ନେଇ ଥାନାରୁ ଯିବାବେଳେ ଥାନାବାବୁ ହାତ ପାପୁଲିରେ ଆଖିଦୁଇଟିକୁ ଚାପି ରଖି ଥାନାର କର୍ମଚାରୀଙ୍କଠୁ ନିଜର ଲୁହ ଲୁଚାଇବାକୁ ଚେଷ୍ଟା କରି କହିଲେ,

- ସୁରେଶ, ଜିପ୍ ବାହାର କର । ପାଟ୍ରୋଲିଂ ଯିବା ।

ସରକାରୀ ଚିଠା

ଚିଲିକା ପୂର୍ବ ପାର୍ଶ୍ୱ ମାଛଧରାଳୀ ସଂଗଠନଟା ବର୍ଦ୍ଧନ ହରିଚନ୍ଦନ ହାତରେ ଅଛି । ପଶ୍ଚିମ ପାଖରେ ମାଛଧରୁଥିବା ଲୋକଙ୍କୁ ନେଇ ଦୁର୍ବୁଦ୍ଧି ମହାପାତ୍ର ଗୋଟାଏ ସଂଗଠନ ଆରମ୍ଭ କରିଛି । ସେପଟେ ଉତ୍ତର ପାଖଟା ରମ୍ଭା ସାହୁ, ଦକ୍ଷିଣ ପାଖଟା ଗଞ୍ଜାମର ଦୁଇଜଣ ଅରକ୍ଷିତ ଦାସ, ସୁବୁଦ୍ଧି ପାତ୍ର ଭାଗବାଣ୍ଟି ନେଇସାରିଛନ୍ତି । ସମସ୍ତେ ଚିଲିକାକୁ ବାଣ୍ଟିକୁଣ୍ଟି ନେଇସାରିଛନ୍ତି । କିଏ କାହାର ସୀମା ମାଡ଼ିବନାହିଁ । ସେଇ ଇଲାକାର ପୁରୁଷପୁରୁଷ ଧରି ମାଛଧରି ପରିବାର ପୋଷୁଥିବା ଲୋକ କଥା ଛାଡ଼ ଏପରିକି ମାଛରଙ୍କା ମାଛଟିଏ ନେବା ବେଳେ ଏମାନଙ୍କର ପରମିଟ୍ ନେବାକୁ ପଡ଼େ । ଏମାନଙ୍କ ଦେଖାଦେଖି ରଙ୍ଗପତାକା ବାଲାଏ ମଧ୍ୟ ଜାଆଁଣ, ବାଆଁଣ ଏଭଳି ଦୁଇ-ତିନିଟି ମାଛ ଧରାଳୀ ସଂଘ କରିଛନ୍ତି । ଏମାନଙ୍କ ସଂଘରେ ସଭ୍ୟ ସଂଖ୍ୟା କମ୍ । ସମୟ ସୁବିଧା ଦେଖି ପଲିଟିକାଲ୍ ନେତାଏ ଦଳ ବଦଳାଇବା ଭଳି ସଂଘକୁ ସମର୍ଥନ ଦେଇ ନିଜ ଭାଗକୁ ନେଇ ସନ୍ତୁଷ୍ଟ ଥାନ୍ତି । ତଥାପି ହରିଚନ୍ଦନ, ସାହୁ, ମହାପାତ୍ର, ପାତ୍ର, ଦାସ ଆଡ଼ ସଂଘର ପତିଆରା, ଚିଙ୍ଗୁଡ଼ି ଚାଲାଣ ଦେଖି ଦିହ ସହୁନଥାଏ । ଭାଗ ଊଣାପଡ଼ିଗଲେ, ରାଜଧାନୀରେ ଲୋକଙ୍କୁ ଗୋଟାଗୋଟି କରି ରାଲିଟିଏ କି ବିକ୍ଷୋଭ ଟିଏ କରିଦିଅନ୍ତି । ଏମିତି ଚାଲିଥିଲା । ବେଳେବେଳେ ସଂଘ ଭିତରେ ବାଡ଼ିଆପିଟା ହୁଅନ୍ତି । ଦୁଇ ତିନିଟା ମରନ୍ତି, କିନ୍ତୁ ଶବ

ନ ମଳିବାରୁ କାଳିଜାଇ ମୁହଁକୁ ଦୋଷ ଦେଇଦିଅନ୍ତି । ପୁଲିସ୍ ବି ମାଛ ଖଣ୍ଡ, କଙ୍କଡ଼ା ଗୋଡ଼, ଚିଙ୍ଗୁଡ଼ି ଖୋଳପା ପାଇ ସନ୍ତୁଷ୍ଟ । କଥା ଚିଲିକା କୂଳଟପି ଆଗକୁ ଯାଏନାହିଁ ।

ସେଦିନ କିନ୍ତୁ ମହାପାତ୍ର ଆଉ ସାହୁ ସଂଘ ଭିତରେ ଆରମ୍ଭ ହୋଇଥିବା ବାଡ଼ିଆପିଟା ଆଉ ଥମିଲାନାହିଁ । ଦିନ ଦିନ ଧରି ଚାଲିଲା । ରାଜ୍ୟଯାକ ହୁଲସ୍ଥୁଲ ପଡ଼ିଗଲା । ଚିଲିକାକୁ ପ୍ରକୃତିର ସୁନ୍ଦର କନିଆଟେ ବୋଲି ଲୋକେ ଜାଣିଥିଲେ । ଏବେ ସେଠାରେ ଲକ୍ଷ୍ମୀ, କୁବେର, ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ହୋଇ ବାସ କରନ୍ତି ବୋଲି ଜାଣିଲେ । ଏହାକୁ ନେଇ ବିଧାନସଭା ଉଠିଲା ପଡ଼ିଲା । ବିରୋଧୀ ଦଳଗୁଡ଼ାକ ମୁଲତବୀ, ଶୂନ୍ୟକାଳ, ଧ୍ୟାନଆକର୍ଷଣ, ସ୍ୱାଧୀକାର ଭଙ୍ଗ ଇତ୍ୟାଦି ଇତ୍ୟାଦି ଧରି ସରକାରୀ ଦଳଟାକୁ ଘାଇଲା କରିଦେଲେ । ଚିଲିକା କଥା ବିଧାନସଭାରେ ଯେଉଁଦିନ ଉଠୁଥିଲା ଲାଗୁଥିଲା, ବିଧାନସଭା ଭିତରକୁ ଚିଲିକାଟା ବଳେବଳେ ପଳେଇଆସିଛି । ଭାଗ୍ୟକୁ କେହି ହଣାହଣି ହୋଇନାହାନ୍ତି ।

ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଲେ । ନିଷ୍ପତ୍ତି ହେଲା 'ଚିଲିକାରେ ମାଛ କେମିତି ଧରାଯିବ' ସେନେଇ ଏକ ଆଇନ ଆସିବ । ନେତାଏ ତ ଆଇନ କ'ଣ ତା'ର ଧାର ବି ଧରନ୍ତି ନାହିଁ । ଏ ଅଳନ୍ଧି ଭିତରକୁ କିଏବା ଯିବ । ଜଣେ ଦୁଇଜଣ ଅଫିସର ଚିଠା ଲେଖିଲେ । ସେମାନେ ବୋଧହୁଏ ନିରାମିଶାଷି ଥିଲେ । ଏଣୁ ସେମାନଙ୍କୁ ଚିଙ୍ଗୁଡ଼ି ଫ୍ରାଏ, ଇଲିସି ଝୋଳ, ଚାନ୍ଦି ତରକାରି ଆଦି ରୁଚିବ ବା କାହିଁକି । ଚିଠାରେ ଲେଖୁଲେଖୁ ଲେଖିଦେଲେ, 'ପାରମ୍ପରିକ ଶୈଳିରେ ହିଁ ଚିଲିକାରେ ମାଛ ଧରାଯାଇପାରିବ । ଟ୍ରଲର, ବୋଟ, ମେସିନ୍ ଜାଲର ବ୍ୟବହାର ହେବନି । ଯିଏ ଏଭଳି ଧରିବ, ୩ ବର୍ଷ ଜେଲ୍, ୧୦ ହଜାର ଜୋରିମାନା' ।

ଚିଠା ବିଧାନସଭାରେ ଆଗତ ହେଲା । କଥା ମହାପାତ୍ର, ହରିଚନ୍ଦନ, ସାହୁ, ପାତ୍ର, ଦାସ ପାଖକୁ ଗଲା । ପ୍ରମାଦ ଗଣିଲେ, ସେମାନଙ୍କ ଖଞ୍ଜ ବନ୍ଦ ହୋଇଯିବ । ଯୋଜନା କଲେ, ଯୋଜନା ବି ସଫଳ ହେଲା । ବିଧାନସଭାରେ ପ୍ରସ୍ତାବ ଆସିବାବେଳେ ହଙ୍ଗାମା ହୋଇଗଲା । ବିରୋଧୀ ଦଳ କହିଲେ, ଚିଲିକାରେ ଶହେ ମାଛଧରାଳୀ । ଠିକ୍ ବଗଠାରୁ ମାଛରଙ୍କା, ପାଣିକାଉ ଠାରୁ ହଂସରାଳିର ମାଛଧରା ପଦ୍ଧତି ଭିନ୍ନ ହେବା ଭଳି ସେମାନଙ୍କ ମାଛ ଧରିବା ପଦ୍ଧତି ବି ଭିନ୍ନ । ଶେଷରେ ନିଷ୍ପତ୍ତି ହେଲା ବିଧାନସଭାର ଏକ କମିଟି ଯାଇ ପାରମ୍ପରିକ ମାଛଧରା ପଦ୍ଧତି ଉପରେ ଅନୁଧ୍ୟାନ କରିବେ । ତା'ପରେ ଯାଇ ଆଇନଫାଇନ ।

କମିଟି ଗଠନ ହେଲା । କମିଟିରେ ଆଇନମନ୍ତ୍ରୀ ଅଧ୍ୟକ୍ଷତା କଲେ । ତାଙ୍କ ପଛକୁ ଆଉ ପାଞ୍ଚ ବିଧାୟକ । ଦୁଇ ଟାଇପରାଇଟର । ତିନି ଓକିଲ । ୪ଜଣ ଷ୍ଟେନୋଗାଫର । ଚିଲିକା

କୂଳରେ ବୈଠକ ବସିଲା । କୈବର୍ତ୍ତ ମହାସଂଘ, ମାଛଧରାଳୀ ସଂଘ, ପୂର୍ବ ସଂଘ, ପଶ୍ଚିମ ସଂଗଠନ, ସହ ଯେତେ ପ୍ରକାର ସଂଘ, ସଂଗଠନ ଥିଲେ ସବୁ ହାଜର ହେଲେ । ସେଠାରେ କିଏ କହିଲା, ଆମେ ବାହାନି ପ୍ରକ୍ରିୟାରେ ମାଛଧରୁଛୁ । କିଏ କହିଲା ଆମର ଉଠାପାଣି । ବଜା, ଜାଆଁଣ, ବାଆଁଣ । ଏତିକି ବେଳେ ଆଉ ଦଳଟିଏ ଆସି କହିଲେ ।

ସେଇ ପାରିକୁଦ, ମାଲୁଦ ଆମକୁ ଆଢୁଆଳ କରିଦେଇଥିବାରୁ ଆମ ପଦ୍ଧତି ଲୋକଲୋଚନକୁ ଆସିନାହିଁ । ଆମର ପୋହୁହ, ଖଇଁଚି ଭଳି ପଦ୍ଧତି ଅଛି ଏତିକି ବେଳେ ଗଞ୍ଜାମିଆ ଗୋଷ୍ଠୀ ପହଞ୍ଚି ଦାବି କଲେ -

ଆମର ଟିକିଏ ଅଲଗା- ଖନ୍ଦା, ଡିଆନ, ଧାଉଡ଼ି ରେ ବେଶି ମାଛ ପଡେ ଆଉ ସେଇଟା ପରିବେଶ ଅନୁକୂଳ ।

ଆଇନମନ୍ତ୍ରୀ, ବିଧାୟକ, ଓକିଲମାନଙ୍କ ଅକଲ ଗୁଡୁମ୍ । କେଉଁଟା କିମିତି ଜାଣିବା ମୁସ୍କିଲ୍ । ସରଜମିନ୍ ତଦନ୍ତ ହେବ । ଏତିକିବେଳେ ସେଠାରେ ଥିବା ସଂଘର କର୍ମକର୍ତ୍ତାଙ୍କ ଭିତରେ କେଉଁ ମାଛଧରା ପଦ୍ଧତି ପୁରୁଣା ଆଉ ପରିବେଶ ଅନୁକୂଳ ତାକୁ ନେଇ ଖେଞ୍ଚାଖେଞ୍ଚି ଆରମ୍ଭ ହୋଇଗଲା ।

ଏତିକିବେଳେ ପୁଲିସ୍‌ବାବୁ ଜଣକ ଆଇନମନ୍ତ୍ରୀଙ୍କ କାନପାଖକୁ ଆସି କହିଲା,

- ସାର୍ ! ସିଚ୍ୟୁଏସନ୍ ସିରିଅସ୍ ହେବା ଭଳି ଲାଗୁଛି । ମନ୍ତ୍ରୀ ମହାଶୟ ପୁଲିସ୍‌ବାବୁଙ୍କ ମୁହଁକୁ ଅନାଇ କ'ଣ ବୁଝିଲେ କେଜାଣି ସିଧା ଉଠି କାର୍ ପାଖକୁ ଧାଇଁଲେ । ତାପଛକୁ ମେଣ୍ଢାପଲ ଭଳି ଅନ୍ୟ ବିଧାୟକ, କର୍ମଚାରୀ ।

ସେଇଦିନ ଠାରୁ ଚିଲିକାରେ ଅନେକ ଥର ଗଣ୍ଡଗୋଳ, ମାରପିଟ, ବାଡ଼ିଆପିଟା, ସଂଘର୍ଷ, ରକ୍ତପାତ ଘଟିଛି, କିନ୍ତୁ ବିଧାନସଭାରେ କେବେ ଆଉ ସେ କଥା ଉଠିନି ।

ଦୁର୍ବୁଦ୍ଧି ମହାପାତ୍ର ସେଦିନ ଅରକ୍ଷିତ ହରିଚନ୍ଦନଙ୍କୁ ଫୋନ୍ କରି କହୁଥିଲା,

- ଯାହାହେଉ ଆମ ବାଟଟା ବାଲିରଗଡ଼ା ଭଳି କଣ୍ଟା ଶୂନ୍ୟ ହୋଇଗଲା ହେ । କ'ଣ କହୁଛ । ସେପଟରୁ ଶୁଣାଗଲା,

- ହେ...ହେ...ହୋ...ହୋ... ।